Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 226
Saturday, 24 October 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୨୪ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବଦଳିଲେ ଆଇଆଇସି, ଫାଣ୍ଡି ଅଧିକାରୀ ନିଲମ୍ବିତ

ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

ବାଲେଶ୍ୱର, ୨୩/୧୦ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଂଚଳରେ ନାବାଳିକାଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ବଡ଼ ଖୁଲାସା । ନିଖୋଜ ଦିନ ହିଁ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି । ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୩ ସନ୍ଦିଗ୍ଧଙ୍କ ଭୂମିକାର ତଦନ୍ତ ଚାଲିଛି । ସେହିପରି ନିଖୋଜର ୫ ଦିନ ପରେ ନାବାଳିକାଙ୍କ ଗଳିତ ମୃତଦେହ ମିଳିବା ପରେ ଲୋକମାନେ ପୁଲିସ୍‌ର ଅବହେଳାକୁ ଦାୟୀ କରିଥିଲେ । ଏଥିପାଇଁ ଜଣେ ଥାନା ଅଧିକାରୀଙ୍କୁ ନିଲମ୍ବିତ କରାଯାଉଛି ଓ ଆଉ ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଏବେ କଂଗ୍ରେସ ଠାରୁ ଆରମ୍ଭ କରି ସ୍ଥାନୀୟ ଲୋକମାନେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଦେବାକୁ କଂଗ୍ରେସ ଦାବି କରିଛି । ଦଶମ ଶ୍ରେଣୀରେ ପଢୁଥିଲେ ମୃତ ନାବାଳିକା । ଅକ୍ଟୋବର ୧୬ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଜଣେ ସାଙ୍ଗଙ୍କ ସହ ସେ ଘରୁ ବାହାରିଥିଲେ । ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ସହ ସାଙ୍ଗଙ୍କୁ ଫୋନ୍ କରିଥିଲେ । ସାଙ୍ଗ ଠାରୁ ମିଳିଥିବା ସୂଚନା ଆଧାରରେ ସୁଲତାନପୁର ଗ୍ରାମର ଚନ୍ଦ୍ରକାନ୍ତ ଜେନା ଓରଫ୍ କାହ୍ନାଙ୍କ ନାଁ ସାମ୍ନାକୁ ଆସିଥିଲା । ସେ ନାବାଳିକାଙ୍କୁ ଗୋଟିଏ ବାଇକରେ କେଉଁ ଆଡ଼େ ନେଇ ଯାଇଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ । ପରବର୍ତ୍ତୀ ଅବସ୍ଥାରେ ପରିବାର ଲୋକେ ଚନ୍ଦ୍ରକାନ୍ତଙ୍କୁ ବାଇକ୍ ସହ ଅଟକାଇ ନାମ୍ପୋ ଫାଣ୍ଡିରେ ଜିମା ଦେଇଥିଲେ । ଅକ୍ଟୋବର ୧୭ ତାରିଖରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଲିଖିତ ଅଭିଯୋଗ ମଧ୍ୟ ହୋଇଥିଲା । ଏଥିରେ ଚନ୍ଦ୍ରକାନ୍ତଙ୍କ ସମେତ ନାବାଳିକାଙ୍କ ସାଙ୍ଗ ଓ ସାଙ୍ଗଙ୍କ ମା'ଙ୍କ ସମ୍ପୃକ୍ତିକୁ ମଧ୍ୟ ନିଖୋଜ ପାଇଁ ଦାୟୀ କରାଯାଇଥିଲେ । ତେବେ ପୁଲିସ୍ ପଚରାଉଚରା କରିବା ପରେ ଚନ୍ଦ୍ରକାନ୍ତଙ୍କୁ ଛାଡ଼ିଦେଇଥିଲା । ଏସବୁ ଭିତରେ ଘଟଣାର ୫ ଦିନ ପରେ ଅର୍ଥାତ ଗୁରୁବାର ବର୍ଡନା ପଂଚାୟତର ଢେରାପଦା ନିକଟ ଧାନ ବିଲରୁ ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା । ଘଟଣାସ୍ଥଳରୁ ମିଳିଥିବା ପୋଷାକ ଓ ଜୋତା ଆଧାରରେ ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିଥିଲେ । ମୃତଦେହ ଉଦ୍ଧାର ପରେ ଚନ୍ଦ୍ରକାନ୍ତ ଜଳେଶ୍ୱର ଥାନାରେ ଆତ୍ମସମର୍ପଣ କରିଥିଲା । ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ବାଲେଶ୍ୱର ଏସ୍ ?ପି ପ୍ରତ୍ୟୁଷ ଦିବାକର ବଡ଼ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ନିଖୋଜ ଦିନ ଦିନ ହିଁ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିଲା । ଦୁଷ୍କର୍ମ ସତ ପଦାକୁ ଆସିଯିବା ଭୟରେ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଥିଲା । ଏହି ଘଟଣାରେ ଅନ୍ୟ ୩ ଜଣ ସାଙ୍ଗ ଅଭିଯୁକ୍ତଙ୍କୁ ସହଯୋଗ କରିଥିଲେ । ତେବେ ସେମାନଙ୍କ ନିର୍ଦ୍ଦିଷ୍ଟ ଭୂମିକା ସମ୍ପର୍କରେ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି । ପୁଲିସ୍ ଏବେ ଅଭିଯୁକ୍ତର ସ୍ୱୀକାରୋକ୍ତି ଓ ଘଟଣାସ୍ଥଳ ସମ୍ପର୍କିତ ତଥ୍ୟକୁ ଆଧାର କରି ତଦନ୍ତ ଆଗକୁ ବଢ଼ାଉଛି । ଏହି ଘଟଣାରେ ପୁଲିସର ପ୍ରାରମ୍ଭିକ କାର୍ଯ୍ୟଶୈଳୀକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ମଧ୍ୟ ସନ୍ଦିଗ୍ଧଙ୍କୁ କାହିଁକି ଛାଡ଼ିଦିଆ ଯାଇଥିଲା ଓ ନିଖୋଜ ଘଟଣାକୁ ଗୁରୁତ୍ୱର ସହ କାହିଁକି ନିଆଗଲା ନାହିଁ, ତାହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଉଛନ୍ତି । କାର୍ଯ୍ୟରେ ଅବହେଳା ଅଭିଯୋଗରେ ନାମ୍ପୋ ଫାଣ୍ଡିର ଏସ୍‌ଆଇ କରଣ ମାରାଣ୍ଡିଙ୍କୁ ନିଲମ୍ବନ କରାଯାଇଛି । ସେହିପରି ଜଳେଶ୍ୱର ଥାନାର ଆଇଆଇସିଙ୍କୁ ବାଲେଶ୍ୱରକୁ ବଦଳି କରାଯାଇଥିବା ସୂଚନା ମିଳିଛି । ଏପଟେ ନାବାଳିକାଙ୍କ ମୃତଦେହ ମିଳିବା ପରେ ବର୍ଡନା ଓ ଖୁଲୁଡ଼ା ପଂଚାୟତ ଅଂଚଳରେ ଉତେଜନା ବଢ଼ିଥିଲା । ଅଭିଯୁକ୍ତଙ୍କ ସହ ସମ୍ପୃକ୍ତି ଥିବା ସନ୍ଦେହରେ ନାବାଳିକାଙ୍କ ସାଙ୍ଗ ଓ ତାଙ୍କ ମାଆ ରହୁଥିବା ଘରେ ଭଙ୍ଗାରୁଜା କରିଥିଲେ ଉତ୍ତ୍ୟକ୍ତ ଲୋକ । ଏହାପରେ ବଡ଼ନଗର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା । ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ, ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ଗିରଫଦାରୀ ଓ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଦାବି ହୋଇଥିଲା । ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଂଚି ଲୋକଙ୍କ ସହ ଆଲୋଚନା କରିଥିଲେ । ପୀଡ଼ିତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଦୋଷୀ ଓ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା । ଘଟଣାକୁ ନେଇ କଂଗ୍ରେସ ମଧ୍ୟ ନ୍ୟାୟ ଦାବିରେ ଆଗକୁ ଆସିଛି । କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ ସମେତ ଦଳର ନେତାମାନେ ଜଳେଶ୍ୱରରେ ପହଂଚି ଥାନା ଆଇଆଇସିଙ୍କ ସହ ଆଲୋଚନା କରିଛନ୍ତି । ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବା ସହ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛି କଂଗ୍ରେସ ।

ସାମ୍ଭାବ୍ୟ ବାତ୍ୟା ପାଇଁ ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ବାତିଲ୍

ଭୁବନେଶ୍ୱର, ୨୩/୧୦ (ଆ.ପ୍ର) : ସାମ୍ଭାବ୍ୟ ବାତ୍ୟା ପାଇଁ ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ବାତିଲ ସୂଚନା । ଆସନ୍ତା ୨୮ ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସିବାର ଥିଲା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଅକ୍ଟୋବର ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଗସ୍ତ କରିବା କାର୍ଯ୍ୟକ୍ରମ ଥିଲା । ତେବେ ଏହି ସମୟରେ ବଙ୍ଗୋପସାଗରରେ ଆସୁଥିବା ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ରହିବାର ସମ୍ଭାବନା ରହିଛି । ଯାହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତିଙ୍କ ଗସ୍ତକୁ ବାତିଲ କରାଯାଇଥିବା ସୂଚନା ମିଳିଛି । ତେବେ ସୂଚନା ଅନୁସାରେ ରାଷ୍ଟ୍ରପତି ମୁର୍ମୁ ଆସନ୍ତା ନଭେମ୍ବର ୪/୫ ତାରିଖ ଆସିପାରନ୍ତି ।

ଦିଲ୍ଲୀରେ ସିଇସି ବିରୋଧୀ ପ୍ରତିବାଦ: ଇସିଆଇ କାର୍ଯ୍ୟାଳୟକୁ ପଦଯାତ୍ରା

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ବିରୋଧରେ ଦିଲ୍ଲୀରେ ପୁଣି ଥରେ ବଡ଼ଧରଣର ପ୍ରତିବାଦ ଆରମ୍ଭ ହୋଇଛି । 'ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର' ପକ୍ଷରୁ ଭାରତୀୟ ନିର୍ବାଚନ କମିସନ (ଇସିଆଇ) କାର୍ଯ୍ୟାଳୟକୁ ଶୁକ୍ରବାର ପ୍ରତିବାଦ ଶୋଭାଯାତ୍ରା କରାଯାଇଥିବାବେଳେ ଅଶୋକ ରୋଡରେ ଅନେକ ପ୍ରତିବାଦକାରୀଙ୍କୁ ଅଟକ ରଖାଯାଇଛି । 'ଗଣତନ୍ତ୍ରର ପୁନଃସ୍ଥାପନ' ଡାକରା ଦେଇ ଛାତ୍ର, କୃଷକ ଓ ନାଗରିକ ସମାଜ ଗୋଷ୍ଠୀମାନଙ୍କ ଏହି ମଂଚ ଦିଲ୍ଲୀର କନଟ୍ ପ୍ଲେସର ବାଙ୍ଗଲା ସାହିବ ଗୁରୁଦ୍ୱାରରୁ ପଟେଲ ଚୌକ ନିକଟସ୍ଥ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ । କକ୍ରୋଚ ଜନତା ପାର୍ଟି (ସିଜେପି) ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ ମଧ୍ୟ ଶୋଭାଯାତ୍ରାରେ ଯୋଗଦେବାକୁ ମଂଚ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା । ଶୋଭାଯାତ୍ରା ପାଇଁ ପୁଲିସ ଅନୁମତି ଲୋଡ଼ା ଯିବନାହିଁ ବୋଲି ମଂଚ ଅକ୍ଟୋବର ୧୮ ତାରିଖରେ ଘୋଷଣା କରିଥିଲା । ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାବେଳେ ପ୍ରତିବାଦକାରୀଙ୍କ ଉପରେ ବଳ ପ୍ରୟୋଗ କରିବା ବିରୋଧରେ ପୁଲିସ, ଅର୍ଦ୍ଧସାମରିକ ବାହିନୀ କର୍ମଚାରୀ ଓ ଜେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚେତାବନୀ ଦେଇଛି । ମଂଚ ପକ୍ଷରୁ 'ହର ଗଲି ଜନ୍ତର ମନ୍ତର, ହର ଗାଁ ଜନ୍ତର ମନ୍ତର, ମେରା ଘର ଜନ୍ତର ମନ୍ତର' ସ୍ଲୋଗାନ ଦେଇ 'ନୋ ଏସ୍‌ଆଇଆର' ଅଭିଯାନ ଶୋଭାଯାତ୍ରା କରିଥିଲା । ଚାଷୀ, ଶ୍ରମିକ, ମହିଳା, ଛାତ୍ର, ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ପ୍ରତିନିଧିତ୍ୱ କରୁଥିବା ଗୋଷ୍ଠୀଗୁଡ଼ିକ ଦ୍ୱାରା ଅକ୍ଟୋବର ୧୪ ତାରିଖରେ ନୂଆଦିଲ୍ଲୀର ସୁରଜିତ ଭବନରେ ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର ଗ୍ରୁପ୍ ଗଠନ କରାଯାଇଥିଲା । ସଂଯୁକ୍ତ କିଷାନ ମୋର୍ଚ୍ଚା ଓ 'ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର' ମଂଚ ଶୁକ୍ରବାର ଦେଶବ୍ୟାପୀ ପ୍ରତିବାଦ କରୁଛନ୍ତି; ବିଭିନ୍ନ ଟ୍ରେଡ ୟୁନିଅନ ଓ ନାଗରିକ ସମାଜ ସଂଗଠନ ପଦଯାତ୍ରାକୁ ସମର୍ଥନ ଜଣାଇଛନ୍ତି ।

ଓଡ଼ିଶାର ପର୍ଯ୍ୟଟନ ବିକାଶ ଅର୍ଥନୀତି ଓ ସାଂସ୍କୃତି ସମୃଦ୍ଧିକୁ ଶୀର୍ଷରେ ପହଂଚାଇବ: ରାଜ୍ୟପାଳ

ଭୁବନେଶ୍ୱର, ୨୩/୧୦ (ଆ.ପ୍ର) : ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ସାମଗ୍ରିକ ବିକାଶ ସହ ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଧିକ ପରିଚିତ କରାଇବାକୁ ରାଜ୍ୟପାଳ ହରିବାବୁ... ହରିମୋହନ ରାମ ଆଜି ଆହ୍ୱାନ ଦେଇଛନ୍ତି । ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ନୂଆ ନିବେଶର ସୁଯୋଗ ସୃଷ୍ଟି ଏବଂ ଦୂରଦୂରାନ୍ତ ଅଂଚଳର ଲୋକଙ୍କୁ ଏହାର ସୁଫଳ ପହଂଚାଇବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ସପ୍ତମ ଓଡ଼ିଶା ପର୍ଯ୍ୟଟନ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ କହିଥିଲେ ଯେ, ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ନିଜସ୍ୱ ପର୍ଯ୍ୟଟନ ସମ୍ଭାବନା, ପ୍ରାକୃତିକ ସମ୍ପଦ, ଐତିହାସିକ କୀର୍ତ୍ତିରାଜି ଏବଂ ସମୃଦ୍ଧ ସାଂସ୍କୃତିକ ପରମ୍ପରା ରହିଛି । ଏହି ସମ୍ପଦଗୁଡ଼ିକୁ ଚିହ୍ନଟ କରି ସୁଚିନ୍ତିତ ଭାବରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର କରିବା ଆବଶ୍ୟକ । ପର୍ଯ୍ୟଟନକୁ ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଓ ଉଦ୍ୟମିତାର ଏକ ପ୍ରମୁଖ ମାଧ୍ୟମ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହି କ୍ଷେତ୍ର ଆତିଥ୍ୟ ଶିଳ୍ପ, ପରିବହନ, ହସ୍ତଶିଳ୍ପ, ସ୍ଥାନୀୟ ଖାଦ୍ୟପେୟ, କୃଷି ଓ କ୍ଷୁଦ୍ର ବ୍ୟବସାୟ ଭଳି ଅନେକ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ସହାୟକ ହୋଇଥାଏ । ପର୍ଯ୍ୟଟନର ବିକାଶ ଦ୍ୱାରା ସ୍ଥାନୀୟ ଲୋକଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି ହେବା ସହ ସେମାନଙ୍କ ସାଂସ୍କୃତିକ ପରିଚୟ ଓ ପରମ୍ପରାର ସୁରକ୍ଷା ମଧ୍ୟ ସୁନିଶ୍ଚିତ ହେବା ଆବଶ୍ୟକ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମ, କୋଣାର୍କର ସୂର୍ଯ୍ୟମନ୍ଦିର, ଭୁବନେଶ୍ୱରର ପ୍ରାଚୀନ ମନ୍ଦିର, ଚିଲିକା ହ୍ରଦ, ରାଜ୍ୟର ବିସ୍ତୃତ ସମୁଦ୍ରତଟ, ବୌଦ୍ଧ ଐତିହ୍ୟ, ଜନଜାତି ପରମ୍ପରା ଓ ବନ୍ୟଜନ୍ତୁ ସମ୍ପଦ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସିଛି ।

୨୬ରେ ବାତ୍ୟା, ୨୮ ସକାଳେ ସ୍ଥଳ ଭାଗ ଛୁଇଁବ

ଭୁବନେଶ୍ୱର, ୨୩/୧୦ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟାକୁ ନେଇ ବଡ଼ ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ । ଆସନ୍ତା ୨୬ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବ ବାତ୍ୟା । ଆଉ ୨୮ ତାରିଖ ସକାଳେ ଏହା ଛୁଇଁ ପାରେ ସ୍ଥଳଭାଗ । ଏହାର ପ୍ରଭାବରେ ଓଡ଼ିଶା ଓ ପଡ଼ୋଶୀ ଆନ୍ଧ୍ର ସମେତ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା ରହିଛି । ୨୬ ତାରିଖରୁ ଓଡ଼ିଶାରେ ବର୍ଷା ଆରମ୍ଭ ହେବ । ୨୭ ତାରିଖ ବେଳକୁ ଏହାର ତୀବ୍ରତା ବଢ଼ିବ । ବର୍ଷା ସାଙ୍ଗକୁ ପବନର ବେଗ ସର୍ବାଧିକ ୯୦ କିମି ରହିପାରେ । ପୂର୍ବରୁ ବିଭିନ୍ନ ଘରୋଇ ପାଣିପାଗ ସଂସ୍ଥା ବାତ୍ୟାର ଆକଳନ କରିଥିଲେ । ଏବେ ପ୍ରଥମଥର ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବାତ୍ୟାକୁ ନେଇ ପୂର୍ବାନୁମାନ କରାଯାଇଛି । ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କହିବା କଥା ଯେ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ବର୍ତ୍ତମାନ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ସମୟକ୍ରମେ ଅଧିକ ଘନୀଭୂତ ହେବ । ଆସନ୍ତାକାଲି ସୁଦ୍ଧା ଏହି ଲଘୁଚାପ ଅବପାତ ଓ ୨୫ ବେଳକୁ ଗଭୀର ଅବପାତର ରୂପ ନେବ । ସେହିପରି ଗଭୀର ଅବପାତ ଆହୁରି ଘନୀଭୂତ ହୋଇ ୨୬ ତାରିଖରେ ବାତ୍ୟାର ରୂପ ନେବ । ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବ । ଏହାପରେ ଏହି ବାତ୍ୟା ୨୮ ତାରିଖ ସକାଳେ କିମ୍ବା ଭୋର ସମୟରେ ଉତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶାରେ ଉପକୂଳ ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି । ସମ୍ଭାବ୍ୟ ବାତ୍ୟା ଯୋଗୁ ଆସନ୍ତା ୨୬ ଓ ୨୭ ତାରିଖରେ ଓଡ଼ିଶା ଉପକୂଳରେ ବର୍ଷା ହେବ । ବିଶେଷ କରି ୨୭ ତାରିଖରେ ଓଡ଼ିଶା ଉପକୂଳରେ ଅତିପ୍ରବଳ ବର୍ଷାର ଆଶଙ୍କା ରହିଛି । ୨୬ରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ । ୨୭ ତାରିଖରେ ସର୍ବାଧିକ ୯୦ କିମି ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି । ୨୭ରୁ ସମୁଦ୍ର ଅଶାନ୍ତ ରହିବ । ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ଆଇଏମଡି ଡିଜି ପରାମର୍ଶ ଦେଇଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ ଆଜି ସକାଳେ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଓ ନିକଟସ୍ଥ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆସନ୍ତାକାଲି ସୁଦ୍ଧା ଏହି ଲଘୁଚାପ ଅବପାତ ଓ ୨୫ ବେଳକୁ ଗଭୀର ଅବପାତର ରୂପ ନେବ । ସେହିପରି ଗଭୀର ଅବପାତ ଆହୁରି ଘନୀଭୂତ ହୋଇ ୨୬ ତାରିଖ ସକାଳ ବେଳକୁ ଏହା ଘୂର୍ଣ୍ଣି ବାତ୍ୟାର ରୂପ ନେଇପାରେ । କେନ୍ଦ୍ରୀୟ ବଙ୍ଗୋପସାଗରରେ ହିଁ ଏହା ବାତ୍ୟାରେ ପରିଣତ ହେବ । ସମ୍ଭାବ୍ୟ ବାତ୍ୟା ପଶ୍ଚିମ ଓ ଉତର ପଶ୍ଚିମ ଦିଗରେ ଗତି କରିପାରେ । ୨୮ ତାରିଖ ଭୋରରୁ କିମ୍ବା ସକାଳୁ ଏହା ଉତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପକୂଳ ସମୁଦ୍ରରେ ପହଂଚିବ । ଉପକୂଳ ଆସିବା ବେଳେ ବାତ୍ୟା ଆହୁରି ଘନୀଭୂତ ହେବ । ପବନର ବେଗ ମଧ୍ୟ ବଢ଼ିପାରେ । ବର୍ତ୍ତମାନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଓ ନିକଟସ୍ଥ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ପବନର ବେଗ ଘଂଟା ପ୍ରତି ୩୫ରୁ ୪୫ କିମି ରହିଛି । ପାଗ ମେଘୁଆ ରହିଛି ଓ ସମୁଦ୍ର ଅଶାନ୍ତ ହୋଇଯାଇଛି । ଆସନ୍ତାକାଲି ବେଳକୁ ପବନର ବେଗ ବୃଦ୍ଧି ପାଇଁ ଘଂଟାପ୍ରତି ୫୫ କିମି ଓ ଝଟକା ପବନର ବେଗ ଘଂଟା ପ୍ରତି ୬୫ କିମିରେ ପହଂଚିବ । ୨୫ ତାରିଖ ବେଳକୁ ପବନର ଘଂଟାପ୍ରତି ବେଗ ୬୫ ଓ ଝଟକା ପବନର ବେଗ ୭୫ କିମି ଛୁଇଁବ । ୨୬ ତାରିଖ ସକାଳ ବେଳକୁ ପବନର ଘଂଟାପ୍ରତି ବେଗ ୭୦ରୁ ୮୦ କିମି ଓ ଝଟକା ପବନର ବେଗ ୯୦ କିମି ହେବ । ଏହାପରେ ମଧ୍ୟ ପବନର ବେଗ କମିବ ନାହିଁ । ବାତ୍ୟା ଉପକୂଳ ମୁହାଁ ହେବା ମାତ୍ରେ ପବନର ବେଗ ସେହି ଅନୁସାରେ ବଢ଼ିବ । କିନ୍ତୁ ବର୍ତ୍ତମାନ ବାତ୍ୟାର ପ୍ରଭାବରେ ପବନର ବେଗ ଘଂଟା ପ୍ରତି କେତେ ରହିବ, ତା'ର ପୂର୍ବାନୁମାନ କରାଯାଇ ନାହିଁ । ଲଘୁଚାପ ପ୍ରଥମେ ଅବପାତରେ ପରିଣତ ହେବା ପରେ ବାତ୍ୟା ପ୍ରଭାବରେ ପବନର ବେଗ ସର୍ବାଧିକ କେତେ ରହିବ, ସେକଥା ସ୍ପଷ୍ଟ ହେବ ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୨ ଶିଳ୍ପର ମୁଖ୍ୟ

ଭୁବନେଶ୍ୱର, ୨୩/୧୦ (ଆ.ପ୍ର) : ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଓ ପୁଞ୍ଜିନିବେଶ ବଢ଼ାଇବା ଲକ୍ଷ୍ୟରେ ମୁମ୍ବାଇ ଗସ୍ତର ଦ୍ୱିତୀୟ ଦିନରେ ପୋସ୍କୋ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ମୁଖ୍ୟ ଓ ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରିଛନ୍ତି । ବୈଠକରେ ପୋସ୍କୋ ଇଣ୍ଡିଆର ମୁଖ୍ୟ ଏସ୍ ଏଲ୍ ଚୁନ୍, ମୁମ୍ବାଇ କାର୍ଯ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଜେସି କିମ୍ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଯୋଗ ଦେଇଥିଲେ । ଓଡ଼ିଶାରେ ନୂଆ ଶିଳ୍ପ ପ୍ରତିଷ୍ଠା, ପୁଞ୍ଜିନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ନେଇ ଏହି ଆଲୋଚନାରୁ ଆଶା ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶା ଶିଳ୍ପ ପ୍ରତିଷ୍ଠା ଓ ପୁଞ୍ଜିନିବେଶ ପାଇଁ ଏକ ଅନୁକୂଳ ରାଜ୍ୟ । ନିବେଶକମାନଙ୍କୁ ଆବଶ୍ୟକ ସହଯୋଗ ଓ ସୁବିଧା ଯୋଗାଇଦେବାକୁ ସରକାର ପ୍ରତିବଦ୍ଧ । ରାଜ୍ୟକୁ ଅଧିକ ପୁଞ୍ଜିନିବେଶ ଆଣିବା, ଯୁବକଯୁବତୀଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ଅର୍ଥନୈତିକ ବିକାଶକୁ ଆଗକୁ ନେବା ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଦକ୍ଷିଣ କୋରିଆର ପ୍ରମୁଖ ଇସ୍ପାତ କମ୍ପାନି ପୋସ୍କୋର ଓଡ଼ିଶା ସହ ସମ୍ପର୍କ ବହୁ ପୁରୁଣା । ୨୦୦୫ ଜୁନ୍‌ରେ କମ୍ପାନି ଜଗତସିଂହପୁର ଜିଲ୍ଲାରେ ବାର୍ଷିକ ୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା । ଏଥିପାଇଁ ପ୍ରାୟ ୫୨ ହଜାର କୋଟି ଟଙ୍କା ନିବେଶର ଯୋଜନା ଥିଲା । ସେତେବେଳେ ଏହା ଦେଶର ସବୁଠାରୁ ବଡ଼ ବିଦେଶୀ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟରୁ ଅନ୍ୟତମ ଥିଲା । ତେବେ ଜମି ଅଧିଗ୍ରହଣକୁ ନେଇ ସ୍ଥାନୀୟ ଲୋକଙ୍କ ବିରୋଧ, ପରିବେଶ ସମ୍ପର୍କିତ ସମସ୍ୟା ଓ ଖଣି ଅଧିକାରକୁ ନେଇ ଅନିଶ୍ଚିତତା ଯୋଗୁଁ ପ୍ରକଳ୍ପ ଆଗେଇ ପାରି ନଥିଲା । ଶେଷରେ ୨୦୧୭ରେ ପୋସ୍କୋ ଏହି ପ୍ରକଳ୍ପରୁ ଓହରି ଯାଇଥିଲା । ତେବେ ପ୍ରାୟ ଆଠ ବର୍ଷ ପରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ସହ ମିଶି ପୋସ୍କୋ ପୁଣି ଓଡ଼ିଶାରେ ବଡ଼ ଇସ୍ପାତ କାରଖାନା ସ୍ଥାପନ ଯୋଜନାରେ ସାମିଲ ହୋଇଛି ।

କୋଟିଆରେ ଆନ୍ଧ୍ରର ପଂଚାୟତ ନିର୍ବାଚନ ପ୍ରସଙ୍ଗ: ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୩/୧୦ (ଆ.ପ୍ର) : କୋଟିଆରେ ଆନ୍ଧ୍ର ନିର୍ବାଚନ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରିବା ପ୍ରସଙ୍ଗରେ କଠୋର ହେଲେ ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ କୋର୍ଟ ଅବମାନନା ମାମଲା ଦାୟର କରାଯାଇଛି । ଏହି ମାମଲା ଆଜି ପଞ୍ଜୀକୃତ ହୋଇଛି । ମାମଲା ନମ୍ବର ହେଉଛି ୬୬୭୨୭/୨୦୨୬ । ଆନ୍ଧ୍ରପ୍ରଦେଶର ରାଜ୍ୟ ନିର୍ବାଚନ କମିଶନ, ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଏହି ମାମଲା ଦାୟର ହୋଇଛି । କୋଟିଆରେ ସରପଂଚ ଓ ସମିତି ସଭ୍ୟ ନିର୍ବାଚନ କରାଇବାକୁ ଆନ୍ଧ୍ରର ପଦକ୍ଷେପକୁ ନେଇ ଓଡ଼ିଶା ଆପତି ଉଠାଇଛି । ଗୋଟିଏ ଅଂଚଳରେ ଦୁଇଟି ଭିନ୍ନ ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ପ୍ରତିନିଧି ରହିବା ପ୍ରସଙ୍ଗ ଉଠାଇ ଏହା ପଂଚାୟତ ଓ ଅନ୍ୟାନ୍ୟ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ଅଭିଯୋଗ କରାଯାଇଛି । ଏହି ମାମଲାରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିବେ ବୋଲି କୁହାଯାଇଛି । ଏଥିରେ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ ଜି. ସାଇ ପ୍ରସାଦ, ନିର୍ବାଚନ କମିଶନ ଅନିଲ ଚନ୍ଦ୍ର ପୁନେଠା, ଗୃହ ସଚିବ କୁମାର ବିଶ୍ୱଜିତ୍, ପଂଚାୟତିରାଜ ସଚିବ, ମୁତାଲା ରାଜୁ, ପଂଚାୟତିରାଜ ନିର୍ଦ୍ଦେଶକ ଭି. ଆର୍. କେ. ତେଜା, ପାର୍ବତୀପୁରମ୍ ମନ୍ୟାମ ଜିଲ୍ଲାପାଳ ଏନ୍. ପି. ରବିଶଙ୍କର ରେଡ୍ଡୀ ପ୍ରମୁଖଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର ହୋଇଛି । ୧୯୩୬ ମସିହାରୁ କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି । କୋଟିଆକୁ ଓଡ଼ିଶାରେ ନ୍ୟାୟସଙ୍ଗତ ଭାବେ ବଜାୟ ରଖିବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଏହାକୁ ନେଇ ୧୯୬୮ ମସିହାରେ ସୁପ୍ରିମକୋର୍ଟରେ ମାମଲା ହୋଇଥିଲା ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA
ଶନିବାର, ୨୪ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କୋଟିଆ ଓଡ଼ିଶାର ଇଂଚଟିଏ ଜମି ବି କାହାକୁ ଦିଆଯିବ ନାହିଁ : ବିରଂଚି ନାରାୟଣ ତ୍ରିପାଠୀ

ଭୁବନେଶ୍ୱର, ୨୩/୧୦ (ଆ.ପ୍ର) : କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଓଡ଼ିଶାର ଇଂଚଟିଏ ମଧ୍ୟ ଜମି କାହାକୁ ଦିଆଯିବ ନାହିଁ । ଏହା ହେଉଛି ଓଡ଼ିଶାର ଭାରତୀୟ ଜନତା ପାର୍ଟି ସରକାରଙ୍କର ସଂକଳ୍ପ । କୋଟିଆ ହେଉଛି ଓଡ଼ିଶାର ଅସ୍ମିତା ଓ ଅଖଣ୍ଡତାର ପ୍ରସଙ୍ଗ । ଏହି ପ୍ରସଙ୍ଗରେ ରାଜ୍ୟ ସରକାର ସମସ୍ତ ବିରୋଧୀ ଦଳକୁ ସାଙ୍ଗରେ ନେଇ ଆଗକୁ ବଢ଼ିବାକୁ ପ୍ରସ୍ତୁତ ଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁ କେବଳ ଟୁଇଟ୍ କରି ଓ ଚିଠି ଲେଖି ରାଜନୈତିକ ଫାଇଦା ହାସଲ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଦୀର୍ଘ ୨୪ ବର୍ଷ କ୍ଷମତାରେ ରହିବା ସତ୍ତ୍ୱେ ବିଜେଡି ସରକାର କୋଟିଆ ପାଇଁ କ'ଣ କରିଛି ତାର ହିସାବ ଓଡ଼ିଶାବାସୀଙ୍କୁ ଦେବାର ଆବଶ୍ୟକତା ରହିଛି । ୨୦୨୨ ମସିହାରେ ବାଚସ୍ପତିଙ୍କର ନେତୃତ୍ୱରେ କୋଟିଆକୁ ବିଧାନସଭାର ଗୃହ କମିଟି ଯିବା ପାଇଁ ତତ୍କାଳୀନ ବିଜେଡି ସରକାର ପକ୍ଷରୁ ଘୋଷଣା କରାଯାଇଥିଲା । କିନ୍ତୁ ବିଜେଡି ସରକାର ସମୟରେ ଗୃହ କମିଟି କୋଟିଆ ଯିବା ପାଇଁ କୌଣସି ପ୍ରକାର ତତ୍ପରତା ଦେଖାଇଲେ ନାହିଁ । ଏବେ ବିଜେଡି ଆନ୍ଧ୍ରପ୍ରଦେଶର ପଂଚାୟତ ନିର୍ବାଚନ ପ୍ରସଙ୍ଗ କହୁଥିବାବେଳେ ୨୦୨୧ ଫେବୃଆରୀ ୧୩ ତାରିଖରେ ଯେତେବେଳେ ଆନ୍ଧ୍ର ପ୍ରଶାସନ କୋଟିଆର ଗଞ୍ଜେଇପଦର, ଫାଟୁସିନେରୀ, ଫଗୁଣସିନେରୀ ଓ ନେରେଡିବାଲସାରେ ପଂଚାୟତ ନିର୍ବାଚନ କରାଇଲା, ସେତେବେଳେ ତତ୍କାଳୀନ ବିଜେଡି ସରକାର ତାହାକୁ ପ୍ରତିହତ କରାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ବରଂ ମହାନଦୀ ଭଳି ସୁପ୍ରିମ କୋର୍ଟରେ ମାମଲା ଦାୟର କରି ଚୁପ୍ ହୋଇ ବସିଯାଇଥିଲେ । ଶ୍ରୀ ତ୍ରିପାଠୀ ଆହୁରି ମଧ୍ୟ ମନେ ପକାଇ ଦେଇଛନ୍ତି ଯେ, ୨୦୨୧ ନଭେମ୍ବର ୯ ତାରିଖରେ ତତ୍କାଳୀନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ନବୀନ ନିବାସ ଆସି ବୈଠକ କରୁଥିବା ବେଳେ, ସେହି ସମୟରେ କୋଟିଆ ଗ୍ରାମଗୁଡ଼ିକରେ ଆନ୍ଧ୍ର ଅଧିକାରୀମାନେ ଜଗନ ରେଡ୍ଡୀଙ୍କ ପୋଷ୍ଟର ଲଗାଇ ଜନଶୁଣାଣି କରୁଥିଲେ । ସେ ସମୟରେ ବିଜେଡି ସରକାର ଏବଂ ସ୍ଥାନୀୟ ପ୍ରଶାସନ ସେମାନଙ୍କୁ ଅଟକାଇବା ପାଇଁ କୌଣସି କାର୍ଯ୍ୟ କରି ନଥିଲା । କ'ଣ ପାଇଁ ବିଜେଡି ଚୁପ୍ ରହିଥିଲା ଏହାର ଉତ୍ତର ଓଡ଼ିଶାବାସୀଙ୍କୁ ନବୀନ ବାବୁ ଉତ୍ତର ଦେବାକୁ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଛନ୍ତି । ଅପରପକ୍ଷରେ ଓଡ଼ିଶାରେ ବିଜେପି ବିରୋଧୀ ଦଳରେ ଥିବାବେଳେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ । କେନ୍ଦ୍ରର ଭାଜପା ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଓ ଟେଲିଫୋନ୍ ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସେ ସମୟରେ ତତ୍କାଳୀନ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ଏବଂ ତତ୍କାଳୀନ ଭାରତୀୟ ଜନତା ପାର୍ଟିର ସଭାପତି ସମୀର ମହାନ୍ତିଙ୍କ ସମେତ ଦଳର ସମସ୍ତ ନେତୃମଣ୍ଡଳଙ୍କ ସହ ଶ୍ରୀ ତ୍ରିପାଠୀ ନିଜେ କୋଟିଆର ପ୍ରତ୍ୟେକ ଗ୍ରାମକୁ ଗସ୍ତ କରି ସେଠାକାର ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିବା ସହ ଓଡ଼ିଶା ପ୍ରତି ନିଷ୍ଠାପର ଭାବନା ଜାଗ୍ରତ କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ଓଡ଼ିଶାରେ ବିଜେପି ସରକାର ଗଠନ କରିବା ପରେ କୋଟିଆ ସମସ୍ୟାର ସମାଧାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା ଓ ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ ବାରମ୍ବାର କୋଟିଆ ଗସ୍ତ କରି ସେ ଅଂଚଳର ବିଭିନ୍ନ ସାଂସ୍କୃତିକ ପର୍ବରେ ଯୋଗଦାନ କରିଛନ୍ତି । ଉକ୍ତ ଅଂଚଳରେ ବିଦ୍ୟୁତ ସଂଯୋଗ, ଓଡ଼ିଆ ଶିକ୍ଷା, 'ସୁଭଦ୍ରା' ଯୋଜନାର ସହାୟତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ ପ୍ରଦାନ କରିଛନ୍ତି । ଆନ୍ଧ୍ରର ନିର୍ବାଚନ ଚର୍ଚ୍ଚା ସାମ୍ନାକୁ ଆସିବା ମାତ୍ରେ ଛୁଟି ଦିନରେ ମଧ୍ୟ ରାଜସ୍ୱ ମନ୍ତ୍ରୀ, ଗୃହ ସଚିବ, ଆଇନ ସଚିବ, ଆଡଭୋକେଟ ଜେନେରାଲ, ଆରଡିସି ଓ ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଚ୍ଚସ୍ତରୀୟ ବୈଠକ କରି ଆଇନଗତ ଓ ପ୍ରଶାସନିକ ରଣନୀତି ପ୍ରସ୍ତୁତ କରାଯାଇଛି । କେନ୍ଦ୍ର ସରକାର ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଉପରେ ନିର୍ଭରଶୀଳ ଥିବାରୁ ଓଡ଼ିଶାରେ ବିଜେପି ସରକାର ନିରବ ରହିଛି ବୋଲି ବିଜେଡି କରୁଥିବା ଅପପ୍ରଚାରକୁ ଖଣ୍ଡନ କରି ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଲୋକସଭାରେ ବିଜେଡି ଶୂନ ହୋଇଥିବାରୁ ସେମାନେ ସଂସଦୀୟ ଗଣିତ ଭୁଲି ଯାଉଛନ୍ତି । ଲୋକସଭାରେ ଏନ୍‌ଡିଏ ପାଖରେ ୩୧୯ ଜଣ ସାଂସଦ ଅଛନ୍ତି । ସେଥିରୁ ଟିଡିପିର ୧୬ ଜଣ ସଦସ୍ୟଙ୍କୁ ବାଦ୍ ଦେଲେ ମଧ୍ୟ ଏନଡିଏ ପାଖରେ ୩୦୩ ଜଣ ସାଂସଦଙ୍କ ସ୍ପଷ୍ଟ ବହୁମତ ରହିଛି । ତେଣୁ ବିଜେଡି ଏଭଳି ଭିତିହୀନ ଅପପ୍ରଚାର ମାଧ୍ୟମରେ ନିଜ ୨୪ ବର୍ଷର ନିଷ୍କ୍ରିୟତାକୁ ଲୁଚାଉଥିବାର ଅପପ୍ରୟାସର ଉଚିତ୍ ଜବାବ ଜନସାଧାରଣ ଦେଇଛନ୍ତି ଓ ଆଗାମୀ ଦିନରେ ମଧ୍ୟ ଜବାବ୍ ଦେବେ ବୋଲି ଶ୍ରୀ ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି । ଏବେ ନବୀନ ବାବୁ କୋଟିଆ ସମ୍ବନ୍ଧରେ ଯେତେବେଳେ ପ୍ରଶ୍ନ କରୁଛନ୍ତି, ତାଙ୍କ ସରକାର ସମୟରେ ଏଥିପାଇଁ କ'ଣ କରିଥିଲା ତାହାର ଜବାବ ଆଜି ଓଡ଼ିଶାବାସୀ ମାଗୁଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଓ ରାଜ୍ୟ ପ୍ରବକ୍ତା ସଞ୍ଜୟ ରଥ ଉପସ୍ଥିତ ଥିଲେ ।

ପ୍ରେସ୍ ବିଜ୍ଞପ୍ତି, ତିନି ଦଫା ଦାବି ପତ୍ର, ଗଣିଆ ବଜାର ଠାରୁ ଛାମୁଣ୍ଡିଆ ରାସ୍ତା ନିର୍ମାଣ ଦାବୀରେ ପଦଯାତ୍ରା

ଗଣିଆ, ୨୩/୧୦ (ଆ.ପ୍ର) : ଦୀର୍ଘଦିନ ଧରି ଗଣିଆ ବ୍ଲକ ଅଂଚଳ ବାସୀ ବାରମ୍ବାର ପ୍ରଶାସନ ଓ ରାଜନେତା ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଗଣିଆ ବଜାର ଠାରୁ ଛାମୁଣ୍ଡିଆ ପର୍ଯ୍ୟନ୍ତ ରାସ୍ତା ପୂର୍ଣ୍ଣ ନିର୍ମାଣ କରାଯାଉନାହିଁ ଯାହା ଫଳରେ ଗଣିଆ ଅଂଚଳ ବାସୀ ପ୍ରତିଦିନ ହଜାର ହଜାର ଲୋକ ରାସ୍ତାର ଅବ୍ୟବସ୍ଥା ହେତୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ଅଂଚଳର କୌଣସି ବ୍ୟକ୍ତିର ଦେହ ଖରାପ ହେଲେ ଠିକ୍ ସମୟରେ ନିକଟସ୍ଥ ଚିକିତ୍ସାଳୟରେ ପହଂଚି ପାରୁନାହିଁ । ରାତି ଅନ୍ଧାରେ ଛାତ୍ର ଛାତ୍ରୀ କୋଚିଙ୍ଗ ସେଂଟରରୁ ପଢ଼ି ଘର ବାହୁଡ଼ା ସମୟରେ ରାସ୍ତା ଓ ବିଜୁଳି ନଥିବା ହେତୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଏବଂ ଜଙ୍ଗଲ ଅଂଚଳ ହୋଇଥିବା ଯୋଗୁ ବନ୍ୟଜନ୍ତୁଙ୍କ ଭୟ ମଧ୍ୟ ରହୁଛି । ଏହା ସହ ଯଦି କୋଣସି ପର୍ଯ୍ୟଟକ ଏ ଅଂଚଳକୁ ବୁଲିବାକୁ ଆସନ୍ତି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାସହ ପୁର୍ନବାର ଆସିବାକୁ ମନ କରୁନାହାନ୍ତି ଏବଂ ସେମାନେ କୋଣସି ଲୋକଙ୍କୁ ମଧ୍ୟ ଏ ଅଂଚଳକୁ ବୁଲିଯିବା ପାଇଁ ମତ ଦିଅନ୍ତି ନାହିଁ ଯାହାଫଳରେ ଏ ଅଂଚଳର ବ୍ୟବସାୟଙ୍କ ଆର୍ଥିକ ପରିସ୍ଥିତି ବିଗିଡ଼ିବା ରେ ଲାଗିଛି । ଗମନାଗମନର ଦୁର୍ଦ୍ଦଶା ନ କହିବା ଭଲ । ଏ ରାସ୍ତାର ଅବ୍ୟବସ୍ଥା ହେତୁ ସାଧାରଣ ଜନତାଙ୍କ ଭୋଟ ଉପରେ ଭଳିତା ବିହାର ପରିସ୍ଥିତି ଉପୁଜୁଛି । ପ୍ରଥମ ଦାବି :- ଗଣିଆ ବଜାରରୁ ଛାମୁଣ୍ଡିଆ ପର୍ଯ୍ୟନ୍ତ ପୂର୍ଣ୍ଣ ରାସ୍ତା ନିର୍ମାଣ । ଦ୍ୱିତୀୟ ଦାବି :- ପ୍ରତି ଗାଁ ଛକରେ ସୋଲାର ଲାଇଟ୍‌ର ଅବ୍ୟବସ୍ଥା । ତୃତୀୟ ଦାବି:- ଗାଁ ଛକରେ ସ୍ୱଚ୍ଛ ପାନୀୟ ଜଳର ଅବ୍ୟବସ୍ଥା ଏହି ତ୍ରିଦଫା ଦାବି ପତ୍ରରେ ଆସନ୍ତା ୦୨/୧୧/ ୨୦୨୬, ସୋମବାର ସକାଳ ୬:୩୦ରେ ମଣିଭଦ୍ରା ମା' କଳାପଟା ମନ୍ଦିର ଠାରୁ ଗଣିଆ ବ୍ଲକ ବିଡ଼ିଓ ଅଫିସ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ଜନପଦଯାତ୍ରା ଅନୁଷ୍ଠିତ ହେବ । ଏହି ପଦ ଯାତ୍ରା ର ନେତୃତ୍ୱ ଯୁବନେତା ରାକେଶ କୁମାର ରାଉତ, ଯୁବ ସମାଜସେବି ଶ୍ରୀତମ ସାହୁ, ଯୁବସମାଜ ସେବି ସନ୍ତୋଷ ମହାକୁଡ଼ ଓ ଯୁବ ସମାଜ ସେବି ଦୀପକ ମହାନ୍ତି ମିଶି ସାମ୍ବାଦସମ୍ମିଳନୀ ମାଧ୍ୟମ ରେ ବାର୍ତ୍ତା ଦେଇଛନ୍ତି । ଏହି ରାସ୍ତା ପାଇଁ ବହୁବାର ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟ ହୋଇନାହିଁ । ତେଣୁ ବାଧ୍ୟ ହୋଇ ଗଣିଆ ବ୍ଲକର ପ୍ରାୟ ୩୦୦ ଉର୍ଦ୍ଧ ଯୁବପିଢ଼ି ଏଥିରେ ସାମିଲ ହେବେ । ସରକାରଙ୍କ ଦୃଷ୍ଟି ଆକର୍ଷଣ ହେଉ ଏହାହିଁ ଉଦ୍ଦେଶ୍ୟ ।

ଶୈଳଶ୍ରୀ ପ୍ୟାଲେସରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ପାଳିତ

ବଲାଙ୍ଗିର, ୨୩/୧୦ (ଆ.ପ୍ର) : ବଲାଙ୍ଗିର ସହରସ୍ଥିତ ଶୈଳଶ୍ରୀ ପ୍ୟାଲେସ ପରିସରରେ ପବିତ୍ର ବିଜୟା ଦଶମୀ ଅବସରରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ଆୟୋଜିତ ହୋଇଯାଇଛି । ପାଟଣା ରାଜ୍ୟ ଅମଳରୁ ପ୍ରଚଳିତ ଏହି ପାରମ୍ପରିକ ଉତ୍ସବ ଆଜି ମଧ୍ୟ ବଲାଙ୍ଗିରର ଐତିହ୍ୟ, ସଂସ୍କୃତି ଓ ଧାର୍ମିକ ପରମ୍ପରାର ଏକ ଅନନ୍ୟ ପରିଚୟ ହୋଇ ରହିଛି । ଶୈଳଶ୍ରୀ ପ୍ୟାଲେସରେ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ମା' ଦଶମତୀ ଓ ପାଟଖଣ୍ଡା ଦେବୀଙ୍କୁ ରାଜପରିବାରର କୁଳଦେବୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ । ଦଶହରା ଅବସରରେ ରାଜପରିବାର ପକ୍ଷରୁ ବିଭିନ୍ନ ଶୁଭକାର୍ଯ୍ୟର ଶୁଭାରମ୍ଭ କରିବାର ପରମ୍ପରା ମଧ୍ୟ ରହିଛି । ପୂର୍ବରୁ ବଲାଙ୍ଗିର ସହରର ସୁଦପଡ଼ା ଓ ତୁଳସୀନଗର ଅଂଚଳରେ ଲାଖବିନ୍ଧା ଉତ୍ସବ ଆୟୋଜିତ ହେଉଥିଲା । ଶୈଳଶ୍ରୀ ପ୍ୟାଲେସରୁ ଛତ୍ର, ବୈରଗ ଓ ପାରମ୍ପରିକ ପଟୁଆର ସହିତ ପାଟଖଣ୍ଡାଙ୍କୁ ନିଆଯାଇ ଏହି ଉତ୍ସବ ପାଳନ କରାଯାଉଥିଲା । କାଳକ୍ରମେ ଏହି ପରମ୍ପରାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଶୈଳଶ୍ରୀ ପ୍ୟାଲେସରେ ଏହାକୁ ଜୀବନ୍ତ ରଖିବାର ପ୍ରୟାସ ଜାରି ରହିଛି । ଚଳିତ ବର୍ଷ ମଧ୍ୟ ପାଟଖଣ୍ଡାଙ୍କୁ ମନ୍ଦିରରୁ ବାହାର କରାଯାଇ ନୀଳକଣ୍ଠ ମହାଦେବ ମନ୍ଦିରକୁ ନିଆଯାଇଥିଲା । ସେଠାରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ରୀତିନୀତି ଅନୁସାରେ ଲାଖବିନ୍ଧା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ରାଜପୁରୋହିତ ସନ୍ତୋଷ କୁମାର ଦାଶ ନଡ଼ିଆକୁ ଭେଦ କରି ଲାଖବିନ୍ଧା ପରମ୍ପରା ସମ୍ପନ୍ନ କରିଥିଲେ । ଏହି ଉତ୍ସବ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ବଲାଙ୍ଗିରର ଗୌରବମୟ ଇତିହାସ, ରାଜକୀୟ ପରମ୍ପରା ଓ ଲୋକସଂସ୍କୃତିର ଏକ ଜୀବନ୍ତ ପ୍ରତୀକ । ଆଧୁନିକତାର ପ୍ରଭାବ ମଧ୍ୟରେ ଏପରି ପାରମ୍ପରିକ ଉତ୍ସବର ସଂରକ୍ଷଣ ଓ ପୁନରୁଦ୍ଧାର ଆଗାମୀ ପିଢ଼ିକୁ ନିଜ ଐତିହ୍ୟ ସହ ଯୋଡ଼ି ରଖିବାରେ ସହାୟକ ହେବ । ଏହି ଅବସରରେ ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଶାନ୍ତ ମହାକୁର, ଟିଂଟୁ ସାହୁ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ବିଶିଷ୍ଟ ଲେଖକ କବିରାଜ ଭୋଇ, ଜୟ କୁମାର ଆଚାର୍ଯ୍ୟଙ୍କ ସମେତ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ପାରମ୍ପରିକ ଉତ୍ସବରେ ସାମିଲ ହୋଇଥିଲେ । ଲାଖବିନ୍ଧାର ଏହି ପରମ୍ପରା ବଲାଙ୍ଗିରର ଐତିହ୍ୟ ଓ ସାଂସ୍କୃତିକ ଅସ୍ମିତାର ଏକ ଅମୂଲ୍ୟ ସମ୍ପଦ । ଏହାର ସୁରକ୍ଷା ଓ ପ୍ରଚାରପ୍ରସାର ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ।

କୋଟିଆ ସୁରକ୍ଷା ପାଇଁ ଅଂଟା ଭିଡ଼ିଲା ବିଜେଡି, ଗ୍ରାଉଣ୍ଡ ଜିରୋରେ ୧୬ ନେତା

କୋରାପୁଟ, ୨୩/୧୦ (ଆ.ପ୍ର) : ଓଡ଼ିଶା–ଆନ୍ଧ୍ର ସୀମା ବିବାଦକୁ ନେଇ ପୁଣି ସରଗରମ ହୋଇଉଠିଛି କୋଟିଆର ରାଜନୈତିକ ପରିବେଶ । କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ବିବାଦୀୟ କୋଟିଆ ପଂଚାୟତରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଂଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଅଭିଯୋଗକୁ ନେଇ ତୀବ୍ର ପ୍ରତିବାଦ ଜଣାଇଛି କୋରାପୁଟ ବିଜୁ ଜନତା ଦଳ । ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ୧୬ ଜଣିଆ ପ୍ରତିନିଧି ଦଳ କୋଟିଆରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିଛନ୍ତି । ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ପକ୍ଷରୁ ପଂଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗତ ୨୨ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । କୋଟିଆ ଅଂଚଳର ମାଡ଼କାର, ଫାଟୁସିନେରି ଓ ଫଗୁଣସିନେରି ଭଳି ବିଭିନ୍ନ ଗ୍ରାମରେ ଆନ୍ଧ୍ର ପକ୍ଷରୁ ପ୍ରାର୍ଥୀ ଛିଡ଼ା କରାଯାଇଥିବା ନେଇ ବିଜେଡି ଅଭିଯୋଗ କରିଛି । ଏହାକୁ ଓଡ଼ିଶାର ସ୍ୱାର୍ଥ ପ୍ରତି ଏକ ଆହ୍ୱାନ ବୋଲି ଦଳୀୟ ନେତାମାନେ ମତପ୍ରକାଶ କରିଛନ୍ତି । କୋଟିଆ ଗସ୍ତ ସମୟରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭୂମିକାକୁ ନେଇ କଡ଼ା ସମାଲୋଚନା କରିଛନ୍ତି । ନବୀନ ପଟ୍ଟନାୟକଙ୍କ ଶାସନ କାଳରେ କୋଟିଆ ଅଂଚଳରେ ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ବିକାଶ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ବେଳେ ବର୍ତ୍ତମାନର ସରକାର କୋଟିଆ ପ୍ରସଙ୍ଗରେ ଆବଶ୍ୟକ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଓଡ଼ିଶାର ମୋହନ ଚରଣ ମାଝୀ ସରକାର, ଆନ୍ଧ୍ରପ୍ରଦେଶର ଚନ୍ଦ୍ରବାବୁ ନାଇଡୁ ସରକାର ଏବଂ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ମିଳିତ ଭାବେ ଉଦ୍ୟମ କଲେ କୋଟିଆ ବିବାଦର ସମାଧାନ ପାଇଁ ବାଟ ବାହାରିପାରିବ ବୋଲି ଶ୍ରୀ ନନ୍ଦ କହିଛନ୍ତି । ମାତ୍ର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଏହି ସୀମା ବିବାଦ ଅସମାହିତ ହୋଇ ରହିଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ କୋଟିଆ ପ୍ରସଙ୍ଗରେ ଦୃଢ଼ ଅଭିମୁଖ୍ୟ ପ୍ରକାଶ କରିଛନ୍ତି । 'କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ରହିବ' ବୋଲି ସେ କହିବା ସହ ଆନ୍ଧ୍ରର ମନମୁଖୀ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି । କୋଟିଆ ସୀମା ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ଆନ୍ଧ୍ରପ୍ରଦେଶ କିଭଳି ଏହି ଅଂଚଳରେ ପଂଚାୟତ ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ାଉଛି, ସେନେଇ ବିଜେଡି ପକ୍ଷରୁ ପ୍ରଶ୍ନ ଉଠାଯାଇଛି । ଆଗାମୀ ଦିନରେ ଆନ୍ଧ୍ରର ନିର୍ବାଚନୀ ଉଦ୍ୟମକୁ ଦୃଢ଼ ବିରୋଧ କରାଯିବ ବୋଲି ଦଳୀୟ ନେତାମାନେ ସ୍ପଷ୍ଟ କରିଛନ୍ତି । ଏହି ୧୬ ଜଣିଆ ପ୍ରତିନିଧି ଦଳ କୋଟିଆର ବିଭିନ୍ନ ଅଂଚଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସମସ୍ୟା, ମତାମତ ଓ ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି । ଏହି ତଥ୍ୟ ଆଧାରରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।ତେବେ କୋଟିଆକୁ ନେଇ ପୁଣି ମୁଣ୍ଡ ଟେକିଥିବା ଏହି ବିବାଦ ଆଗାମୀ ଦିନରେ କେଉଁ ମୋଡ଼ ନେବ ଏବଂ ରାଜ୍ୟ ସରକାର ଏହାର ସମାଧାନ ପାଇଁ କି ପଦକ୍ଷେପ ଗ୍ରହଣ କରିବେ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଏହି ପ୍ରସଙ୍ଗରେ ରାଜ୍ୟ ସରକାର କିମ୍ବା ଆନ୍ଧ୍ରପ୍ରଦେଶ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ ।

ବଣୁଆ ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଛାତିଆ, ୨୩/୧୦ (ଆ.ପ୍ର) : କଟକ ବନଖଣ୍ଡ ଅନ୍ତର୍ଗତ ବୈରୀ ଡାଳିଯୋଡ଼ା ବନାଂଚଳର ଶାଳପଡା ପଂଚାୟତ ବନ୍ଧପଲ୍ଲୀ ଗ୍ରାମର ଜଗନ୍ନାଥ ରାଉତ(୭୫) ବଣୁଆ ହାତୀ ଆକ୍ରମଣର ଶିକାର ହୋଇ ଆଜି ଭୋର ସମୟରେ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ସୂଚନା ମୁତାବକ ଆଜି ଭୋର ୩ଟା ସମୟରେ ଜଗନ୍ନାଥ ଘରୁ ଉଠି ବାହାରକୁ ଆସିବା ସମୟରେ ହଠାତ ଘର ନିକଟରେ ଛିଡା ହୋଇଥିବା ଏକ ବଣୁଆ ହାତୀର ଶିକାର ହୋଇଥିଲା । ନିକଟରେ ଥିବା ଜଙ୍ଗଲରୁ ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣରେ ଆସିଥିବା ବେଳେ ଜଗନ୍ନାଥଙ୍କ ସାମ୍ନାସାମ୍ନି ହୋଇଥିଲା । ହାତୀ ଆକ୍ରମଣରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିବା ବେଳେ ଖବର ପାଇ ବୈରୀ ରେଞ୍ଜର ସଚିଦାନନ୍ଦ ସୁବୁଦ୍ଧି ଓ ଅନ୍ୟ ବନ ବିଭାଗ କର୍ମଚାରୀମାନଙ୍କ ସହିତ ବୈରୀ ପୋଲିସ ଘଟଣା ସ୍ଥଳରେ ପହଂଚି ମୃତ ଦେହ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ଆଣିଥିବା ସୂଚନା ମିଳିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି ଏବଂ ଜଙ୍ଗଲ ବିଭାଗ ଆଇନୀ ଅନୁଯାୟୀ ପରିବାର ଲୋକଙ୍କୁ ଏକ ଲକ୍ଷ ଟଙ୍କା ଦିଆଯାଇଛି ଓ ଅବଶିଷ୍ଟ ୯ ଲକ୍ଷ ଟଙ୍କା ଜଙ୍ଗଲ ବିଭାଗ ଆଇନୀ ଅନୁଯାୟୀ ତୁରନ୍ତ ପୈଠ କରାଯିବ ବୋଲି ସହକାରୀ ବନ । ସଂରକ୍ଷକ ରବିନାରାୟଣ ମହନ୍ତୀ ପ୍ରକାଶ କରିଛନ୍ତି ।

ବାଲିମୁଣ୍ଡାରେ ୬୬ତମ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବ

ବାସୁଦେବପୁର, ୨୩/୧୦ (ଆ.ପ୍ର) : ମାଆ ଆସିଛନ୍ତ ଧରାପୃଷ୍ଠରେ ଖେଳିଯାଇଛି ଭକ୍ତି ଓ ଉତ୍ସାହର ମାହୋଲ୍ । ଚାରିଆଡ଼େ ରଙ୍ଗବେରଙ୍ଗ ଆଲୋକର ସମ୍ଭାର, ଶଙ୍ଖଧ୍ୱନି ଓ ମାଆଙ୍କ ଆରାଧନାରେ ମୁଖରିତ ହୋଇଉଠିଛି ପୂଜା ମଣ୍ଡପ । ଭଦ୍ରକ ଜିଲ୍ଲା ବାଲିମୁଣ୍ଡା ବଜାରରେ ମହାଆଡ଼ମ୍ବରରେ ପାଳିତ ହେଉଛି ୬୬ତମ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବ । ୧୯୬୧ ମସିହାରୁ ଆରମ୍ଭ ହୋଇଥିବା ଏହି ପୂଜା ଆଜି ଅଂଚଳବାସୀଙ୍କ ଆସ୍ଥା, ପରମ୍ପରା ଓ ଭାଇଚାରାର ପ୍ରତୀକ ପାଲଟିଛି । ଆଲୋକରେ ଝଲସୁଛି ପୂଜା ମଣ୍ଡପ ମାଆଙ୍କ ଦର୍ଶନ ପାଇଁ ଛୁଟୁଛି ଭକ୍ତଙ୍କ ସୁଅ ଚାରିଆଡ଼େ ଉତ୍ସବର ମାହୋଲ୍ । ଏ ଦୃଶ୍ୟ ହେଉଛି ବାଲିମୁଣ୍ଡା ବଜାରର ୬୬ତମ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବର । ରଙ୍ଗବେରଙ୍ଗ ଆଲୋକସଜ୍ଜାରେ ସଜେଇ ହୋଇଛି ପୂଜା ମଣ୍ଡପ ଓ ଏହାର ଆଖପାଖ ଅଂଚଳ । ମାଆ ଦୁର୍ଗାଙ୍କ ଆରାଧନାରେ ଭକ୍ତିମୟ ହୋଇଉଠିଛି ସମଗ୍ର ପରିବେଶ । ୧୯୬୧ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ଦୀର୍ଘ ବର୍ଷ ଧରି ଅଂଚଳବାସୀଙ୍କ ଧାର୍ମିକ ଭାବନା ସହ ଜଡ଼ିତ ହୋଇରହିଛି । ପରମ୍ପରାକୁ ବଜାୟ ରଖି ଚଳିତ ବର୍ଷ ମଧ୍ୟ ମହାଆଡ଼ମ୍ବରରେ ଆୟୋଜିତ ହେଉଛି ଏହି ପୂଜା ମହୋତ୍ସବ । କେବଳ ବାଲିମୁଣ୍ଡା ନୁହେଁ, ବାସୁଦେବପୁର ଓ ଚାନ୍ଦବାଲି ବ୍ଲକର ବିଭିନ୍ନ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ମାଆଙ୍କ ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି । ମାଆଙ୍କ ଆଶୀର୍ବାଦ ନେବା ସହ ପରିବାର ଓ ପରିଜନଙ୍କ ସହ ପୂଜାର ଆନନ୍ଦ ଉପଭୋଗ କରୁଛନ୍ତି ଭକ୍ତମାନେ । ଏହି ମହୋତ୍ସବର ଅନ୍ୟତମ ପ୍ରମୁଖ ଆକର୍ଷଣ ହେଉଛି ରାବଣ ପୋଡ଼ି କାର୍ଯ୍ୟକ୍ରମ । ରାବଣ ପୋଡ଼ି ଓ ପୂଜା ମଣ୍ଡପରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ରହିଛି । ଏହି ପୂଜା ମହୋତ୍ସବକୁ ସଫଳ କରିବା ପାଇଁ ସାର୍ବଜନୀନ ଦୁର୍ଗାପୂଜା ପରିଚାଳନା କମିଟି, ବାଲିମୁଣ୍ଡାର ସଭାପତି ମହେଶ୍ୱର ମହାନ୍ତି, ସମ୍ପାଦକ ଜଗନ୍ନାଥ ବରାଳ, ସହସମ୍ପାଦକ ଦିବାକର ମଣ୍ଡଳ, କୋଷାଧ୍ୟକ୍ଷ ଆଲୋକ କୁମାର ନାୟକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି ।ଦୀର୍ଘ ବର୍ଷର ପରମ୍ପରା, ଅଗାଢ଼ ଭକ୍ତି ଓ ସାମୂହିକ ସହଯୋଗରେ ଆଗେଇ ଚାଲିଛି ବାଲିମୁଣ୍ଡାର ଏହି ଦୁର୍ଗାପୂଜା ମହୋତ୍ସବ ।ମାଆଙ୍କ ଆଗମନରେ ଉତ୍ସବମୁଖର ହୋଇଉଠିଛି ବାଲିମୁଣ୍ଡା ବଜାର । ଭକ୍ତି, ଆସ୍ଥା ଓ ଭାଇଚାରାର ବାର୍ତ୍ତା ନେଇ ମାଆ ଦୁର୍ଗା ସମସ୍ତଙ୍କ ମନରେ ଭରିଦିଅନ୍ତୁ ଶାନ୍ତି ଓ ସମୃଦ୍ଧି- ଏହା ହିଁ ସମସ୍ତଙ୍କ ପ୍ରାର୍ଥନା ।

ସମ୍ଭାବ୍ୟ ବାତ୍ୟା ଆଶଙ୍କାରେ ଉପକୂଳବାସୀ

ନିମାପଡ଼ା, ୨୩/୧୦ (ଆ.ପ୍ର) : ଅକ୍ଟୋବର ଆସିଲେ ଉପକୂଳ ଓଡ଼ିଶାରେ ବାତ୍ୟା ର ଭୟ ଆସିବା ସ୍ୱାଭାବିକ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବଂ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଅକ୍ଟୋବରରୁ ଡ଼ିସେମ୍ବର ୨୦୨୬ ମଧ୍ୟରେ ଉତ୍ତର ଭାରତୀୟ ମହାସାଗର ଏବଂ ବଙ୍ଗୋପ ସାଗର ଅଂଚଳ ରେ ତିନୋଟି ପ୍ରବଳ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି । ୧୯୯୯ ମସିହା ଭଳି ଆସୁଛି ମହାବାତ୍ୟା । ଭୟଙ୍କର ରୂପ ନେଇଛି ଏ ଲ ନିନୋ । ଏ ଲ ନିନୋ ସକ୍ରିୟ ହେଲେ କେତେକ ଅଂଚଳରେ ଅତ୍ୟଧିକ ଗରମ, ଓ ମରୁଡ଼ି, ଆଉ କେତେକ ସ୍ଥାନରେ ଅତି ବର୍ଷା ଓ ବନ୍ୟା ଭଳି ପାଣି ପାଗ ଘଟଣା ଦେଖାଦେଇପାରେ । ଏହାର ପ୍ରଭାବ କୃଷି, ଜଳସମ୍ପଦ ଓ ଦୈନ ଦିନ ଜୀବନ ଉପରେ ମଧ୍ୟ ପଡିପାରେ । ଏ ସମ୍ପର୍କରେ ଇସ୍ରୋ ରିପୋର୍ଟକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଉପ କୂଳବର୍ତ୍ତୀ ଜନ ସାଧାରଣଙ୍କ ମଧ୍ୟରେ ଛନକା ପଶିଛି । ଯେହେତୁ ଅକ୍ଟୋବର ମାସ ବାତ୍ୟାର ଜନ୍ମ ମାସ ପ୍ରତିବର୍ଷ ଅକ୍ଟୋବର ମାସ ଆସିଲେ ତା ପୂର୍ବରୁ ବାତ୍ୟା ସମ୍ପର୍କିତ ଖବର ପାଣିପାଗ ବିଭାଗ ଗଣ ମାଧ୍ୟମରେ ପ୍ରସାରିତ ହୋଇ ଆସୁଛି । ବଙ୍ଗୋପସାଗରରେ ଆଉ ଏକ ସୃଷ୍ଟି ହେଉଥିବା ବାତ୍ୟା କେଉଁ ଉପକୂଳ ଦେଇ ଘନୀ ଭୂତ ହେବ ପାଣି ପାଗ ବିଭାଗ ଅଦ୍ୟାବଧି ସ୍ପଷ୍ଟ କରିନଥିବା ବେଳେ, ବାତ୍ୟାଆନ୍ଧ୍ର ପ୍ରଦେଶ ଓ ଓଡ଼ିଶା ଉପକୂଳବର୍ତ୍ତୀ ଅଂଚଳ ଦେଇ ଗତି କରିବାର ଆଶଙ୍କା ଥିବାରୁ ଉପକୂଳ ବର୍ତ୍ତୀ ଅଧିବାସୀ ମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ୧୯୯୯ ମସିହା ମହାବାତ୍ୟା ପରେ ପ୍ରତିବର୍ଷ ଛୋଟ ଛୋଟ ବାତ୍ୟା ଆସିଲେ ମଧ୍ୟ ସେତେ କ୍ଷୟ କ୍ଷତି ହୋଇନ ଥିବା ବେଳେ, ୨୦୧୩ ମସିହା ଠାରୁ ୨୦୨୧ ମସିହା ନଅ ବର୍ଷ ମଧ୍ୟରେ ନଅ ଥର ବାତ୍ୟା ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏବେ ଉତ୍ତର ତାମିଲି ନାଡୁ ଉପକୂଳ ନିକଟ ଦକ୍ଷିଣ - ପଶ୍ଚିମ ବଙ୍ଗୋପସାଗର ରେ ଏକ ଉପର ବାୟୁ ସଂଚାଳନ ପକ୍ରିୟା ସକ୍ରିୟ ଅଛି । ଏହା ସମୁଦ୍ର ପତନଠାରୁ ୫.୮. କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି । ଆସନ୍ତା ୨୩ ତାରିଖ ବେଳକୁ ଏହା ଲଘୁ ଚାପର ରୂପ ନେଇପାରେ ।

ଭାରତର ଡିଜିଟାଲ୍ ସାର୍ବଭୌମତ୍ୱକୁ ନେଇ ଚିନ୍ତା, ଷ୍ଟାରଲିଙ୍କ୍‌ର ଲାଇସେନ୍ସ ବାତିଲ ଦାବି

କୋରାପୁଟ, ୨୩/୧୦ (ଆ.ପ୍ର) : ଭାରତର ଜାତୀୟ ସୁରକ୍ଷା, ତଥ୍ୟ ସାର୍ବଭୌମତା, ନାଗରିକଙ୍କ ଗୋପନୀୟତା ଓ ସ୍ୱଦେଶୀ ଟେଲିକମ୍ ଶିଳ୍ପର ସ୍ୱାର୍ଥ ଦୃଷ୍ଟିରୁ ଆମେରିକୀୟ ବ୍ୟବସାୟୀ ଏଲନ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ୍ ସାଟେଲାଇଟ୍ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଭାରତରେ ଇଂଟରନେଟ୍ ସେବା ପ୍ରଦାନ ପାଇଁ ଅନୁମତି ନ ଦେବା ଏବଂ ପୂର୍ବରୁ ପ୍ରଦତ୍ତ ଲାଇସେନ୍ସର ବାତିଲ କରିବାକୁ ସ୍ୱଦେଶୀ ଜାଗରଣ ମଂଚ ଦାବି କରିଛି । ମଂଚ ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉପଗ୍ରହଭିତ୍ତିକ ଇଂଟରନେଟ୍ ବ୍ୟବସ୍ଥାରେ ବିଦେଶୀ ନିୟନ୍ତ୍ରଣ, ସମ୍ବେଦନଶୀଳ ତଥ୍ୟର ସୁରକ୍ଷା ଓ ଜରୁରୀକାଳୀନ ସ୍ଥିତିରେ ନେଟୱର୍କ ଉପରେ ଭାରତର ନିୟନ୍ତ୍ରଣ ସମ୍ପର୍କରେ ଗଭୀର ଆଶଙ୍କା ପ୍ରକାଶ କରିଛି ମଂଚ । ଏଥିସହ ଦେଶୀୟ ଗବେଷଣା, ପ୍ରଯୁକ୍ତି ଓ ଟେଲିକମ୍ ଉଦ୍ୟୋଗକୁ ପ୍ରାଥମିକତା ଦେବା ସହ ସମସ୍ତ ଉପଗ୍ରହଭିତ୍ତିକ ଯୋଗାଯୋଗ ସେବା ପାଇଁ କଠୋର ସୁରକ୍ଷା ମାନଦଣ୍ଡ ଲାଗୁ କରିବାକୁ ଦାବି ହୋଇଛି । ମଂଚର ପ୍ରାନ୍ତ ସଂଯୋଜକ ମନୋରଞ୍ଜନ ରାଉତରାୟ କହିଛନ୍ତି, "ଜାତୀୟ ସୁରକ୍ଷା, ନାଗରିକଙ୍କ ତଥ୍ୟର ଗୋପନୀୟତା ଏବଂ ଭାରତର ଡିଜିଟାଲ୍ ସାର୍ବଭୌମତ୍ୱ ସହ କୌଣସି ପ୍ରକାର ସାଲିସ୍ କରାଯିବା ଉଚିତ୍ ନୁହେଁ । ଉପଗ୍ରହ ଇଂଟରନେଟ୍ ସେବା କ୍ଷେତ୍ରରେ ଯେକୌଣସି ବିଦେଶୀ କମ୍ପାନୀକୁ ଅନୁମତି ଦେବା ପୂର୍ବରୁ ଦେଶର ସୁରକ୍ଷା ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦେବା ଆବଶ୍ୟକ । ଭାରତୀୟ ଜ୍ଞାନକୌଶଳ, ସ୍ୱଦେଶୀ ଉଦ୍ୟୋଗ ଓ ସ୍ୱାବଲମ୍ବୀ ଭାରତର ଲକ୍ଷ୍ୟକୁ ସୁଦୃଢ଼ କରିବା ଦିଗରେ ସରକାର ଦୃଢ଼ ପଦକ୍ଷେପ ନିଅନ୍ତୁ ।" ଦେଶର ଡିଜିଟାଲ୍ ସୁରକ୍ଷା ଓ ସ୍ୱାବଲମ୍ବନକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଆବଶ୍ୟକ । କୋରାପୁଟ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସ୍ମାରକପତ୍ର ପ୍ରଦାନ ସମୟରେ ମଂଚର ବିଚାରବିଭାଗ ପ୍ରମୁଖ ରବିନାରାୟଣ ମିଶ୍ର, ତନ୍ମୟ ପ୍ରଧାନ, କେଶବ ପଟ୍ଟନାୟକ, ପ୍ରିୟ ରଞ୍ଜନ ଦାଶ, ଅର୍ଜୁନ ଦାସ, ରାଧାକୃଷ୍ଣ ଶତପଥି, ରାଜେନ୍ଦ୍ର ରଥ, କୈବର୍ତ୍ତ ସାମନ୍ତରାୟ, ବିଶ୍ୱନାଥ କାଦ୍ରକା, ପ୍ରଦୀପ୍ତ ବାରିକ, ବିଶ୍ୱନାଥ ପାଢ଼ୀ, ଶୈଳେଶ ପାତ୍ର ଓ ରତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

AFFIDAVIT

By virtue of an affidavit sworn before the Executive magistrate Basudevpur, Dated- 23.10.2026, I Manorama Dash, wife of Sushant panigrahi of Village - ,Bideipur Po- Bideipur P.S- KasiaMarine, Dist- Bhadrak, State - Odisha, pin -756164, declare that I have changed my name from Puspa Rani panigrahi to Manorama Dash. Henceforth, I shall be known as Manorama Dash for all purposes.

S/D- Manorama Dash

ନୀଳଗିରି କାଠପାଳ ପୋଲ ଉପରୁ ଅଜଣା ବିଧବା ମହିଳା ଉଦ୍ଧାର

ନିଳଗିରି, ୨୩/୧୦ (ଆ.ପ୍ର) : ନୀଳଗିରି, ମିତ୍ରପୁର- ବର୍ଡିଂଟା ରାସ୍ତା କାଠପାଳ ପୋଲ ଉପରେ ଜେିନିକ ବିଧବା ମହିଳା ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଏନେଇ ନୀଳଗିରି ଥାନାକୁ ଖବର ଦେଇଥିଲେ । ପରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ତୁରନ୍ତ ୧୧୨ ଗାଡ଼ି ପଠାଇ, ମହିଳାଙ୍କୁ ଉଦ୍ଧାର କରି ନିଳଗିରି ମେଡିକାଲକୁ ଆଣି ଚିକିତ୍ସା କରାଇ ଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ବିଧବା ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ମର ଶରୀରକୁ ନୀଳଗିରି ମେଡିକାଲରେ ଶବ ବ୍ୟବଚ୍ଛେଦ ଘରେ ଫ୍ରିଜରରେ ରଖା ଯାଇ ଥିବା ଜଣା ଯାଇଛି ।

ବାଲେଶ୍ୱରରେ ମ୍ୟୁଲ୍ ଆକାଉଂଟ ଜରିଆରେ ୨.୫ କୋଟିର ସାଇବର ଠକେଇ, ୩ ଗିରଫ

ବାଲେଶ୍ୱର, ୨୩/୧୦ (ଆ.ପ୍ର) : ବ୍ୟାଙ୍କ ଆକାଉଂଟକୁ ମାଧ୍ୟମ କରି ପ୍ରାୟ ୨.୫ କୋଟି ଟଙ୍କାର ସାଇବର ଠକେଇ ମାମଲାରେ ବାଲେଶ୍ୱର ପୁଲିସକୁ ବଡ଼ ସଫଳତା ମିଳିଛି । ଏହି ଘଟଣାରେ ତାମିଲନାଡୁର ଜଣେ ବ୍ୟକ୍ତିଙ୍କ ସମେତ ଯାଜପୁର ଜିଲ୍ଲାର ଏକ ଦମ୍ପତିଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତଙ୍କ ଠାରୁ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି । ଏହି ଠକେଇ ପଛରେ ଏକ ବଡ଼ ସାଇବର ଅପରାଧ ନେଟୱର୍କର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି । ପୁଲିସ ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଏହି ସାଇବର ଠକେଇ ମାମଲାର ତଦନ୍ତ ଆରମ୍ଭ ହୋଇଥିଲା । ବିଶେଷ ସୂତ୍ରରୁ ଖବର ପାଇ ବାଲେଶ୍ୱର ସାଇବର ଥାନା ପୁଲିସ ସୋର ଥାନା ଅଂଚଳର ଏକ ହୋଟେଲରେ ଚଢ଼ାଉ କରିଥିଲା । ସେଠାରୁ ତାମିଲନାଡୁର ହରିନାଥ କେ (୪୯)ଙ୍କୁ ଗିରଫ କରାଯାଇଥିଲା । ଠକେଇ ଟଙ୍କାର କାରବାରକୁ ସହଜ କରିବା ଉଦ୍ଦେଶ୍ୟରେ ସେ ହୋଟେଲରେ ରହୁଥିବା ପୁଲିସ ଅଭିଯୋଗ କରିଛି । ପଚରାଉଚରା ସମୟରେ ହରିନାଥଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ପୁଲିସ ତଦନ୍ତକୁ ଆଗକୁ ବଢ଼ାଇଥିଲା । ତାଙ୍କ କହିବା ଅନୁଯାୟୀ, ଗତ ୧୪ ଅକ୍ଟୋବରରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଆକାଉଂଟ ଜରିଆରେ ପ୍ରାୟ ୨.୫ କୋଟି ଟଙ୍କାର ଠକେଇ ସମ୍ପର୍କିତ କାରବାର ହୋଇଥିଲା । ତାଙ୍କ ମାଲିକଙ୍କ ନିର୍ଦ୍ଦେଶରେ ସେ ବାଲେଶ୍ୱର ଆସି ଏହି କାରବାରରେ ସହଯୋଗ କରୁଥିଲେ ବୋଲି ପୁଲିସକୁ କହିଥିବା ଜଣାପଡ଼ିଛି । ଏହି ସୂତ୍ରରେ ତଦନ୍ତ କରି ପୁଲିସ ଠକେଇରେ ବ୍ୟବହୃତ ବ୍ୟାଙ୍କ ଆକାଉଂଟଧାରୀଙ୍କ ପରିଚୟ ଜାଣିବାକୁ ପାଇଥିଲା । ପରେ ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ ଅଂଟିଆ ଗ୍ରାମର ବସନ୍ତ କୁମାର ଜେନା (୫୫) ଓ ଝରଣା ଜେନା (୪୦)ଙ୍କୁ ଗିରଫ କରାଯାଇଥିଲା । ଏହି ଦମ୍ପତିଙ୍କ ବ୍ୟାଙ୍କ ଆକାଉଂଟ ଠକେଇ କାରବାରରେ ବ୍ୟବହୃତ ହୋଇଥିବା ତଦନ୍ତରୁ ଜଣାପଡ଼ିଛି । ଅନ୍ୟପକ୍ଷରେ, ହରିନାଥ ୨୦୦୫ ମସିହାରୁ ଚୀନ୍ ?ରେ ରହୁଥିବା ଏବଂ ସେଠାରେ ଜଣେ ଚୀନ୍ ନାଗରିକଙ୍କୁ ବିବାହ କରିଥିବା ପୁଲିସକୁ କହିଥିବା ଜଣାପଡ଼ିଛି । ତାଙ୍କର ଜଣେ ପୁଅ ଓ ଜଣେ ଝିଅ ଥିବା ମଧ୍ୟ ସେ ସୂଚନା ଦେଇଛନ୍ତି ।

ଏହି ମାମଲାରେ ମ୍ୟୁଲ୍ ଆକାଉଂଟର ବ୍ୟବହାର ସାଇବର ଠକେଇର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସାମ୍ନାକୁ ଆଣିଛି । ଅନ୍ୟମାନଙ୍କ ବ୍ୟାଙ୍କ ଆକାଉଂଟ ଜରିଆରେ ଠକେଇ ଟଙ୍କାର ଲେଣଦେଣ କରାଯାଉଥିବା ଅଭିଯୋଗ ହୋଇଛି । ତେବେ ଆକାଉଂଟଧାରୀମାନେ ଜାଣିଶୁଣି ଏହି କାରବାରରେ ସାମିଲ ଥିଲେ ନା ସେମାନଙ୍କ ଅଜାଣତରେ ଆକାଉଂଟ ବ୍ୟବହାର ହୋଇଥିଲା, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପରେଶ ରାଉତ ଓ ସାଇବର ଥାନା ଅଧିକାରିଣୀ ରୀନା ବିହାଣୀ ଏହି ସୂଚନା ଦେଇଥିଲେ । ଠକେଇର ଟଙ୍କା କେଉଁଠାକୁ ଯାଇଛି, ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଏହା ପଛରେ ବଡ଼ ନେଟୱର୍କ କାମ କରୁଛି କି ନାହିଁ, ସେନେଇ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି ।

ସାନ ପାଟପୁର ହାଇସ୍କୁଲରେ କୃଷକ ସଚେତନତା ଏବଂ ତାଲିମ ଶିବିର ଅନୁଷ୍ଠିତ

ନୀଳଗିରି, ୨୩/୧୦ (ଆ.ପ୍ର) : ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ବାର୍ଣ୍ଣଶବଣିଆ ପଂଚାୟତରେ ସାନପାଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ତରଫରୁ ଏକ କୃଷକ ସଚେତନତା ଏବଂ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଚେତନତା ଶିବିର ରେ ୪ ଟି ପଂଚାୟତ ରୁ ୫୦ରୁ ଉର୍ଦ୍ଧ ଚାଷୀ ଭାଗ ନେଇଥିବା ବେଳେ, ଅନୁଷ୍ଠିତ ଏହି ସଚେତନତା ସଭାରେ ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଗୋଲକ ଚନ୍ଦ୍ର ଜେନା ସଭାପତିତ୍ୱ କରି ଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ଡକ୍ଟର ଉପେନ୍ଦ୍ର ନାଥ ପାତ୍ର, ଉପଦେଷ୍ଟା ପଂଚାୟତର ସରପଂଚ ନିରଞ୍ଜନ ବାରିକ, ଅବସର ପ୍ରାପ୍ତ କୃଷି ବିଭାଗ ଉପ ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ସ, ନୀଳଗିରି ଏଡିଓ ଡକ୍ଟର ସମତା ମହନ୍ତ, କନିଷ୍ଠ କୃଷି ଅଫିସର ରଘୁନାଥ ଶୁକ୍ଳକ୍ଷ, ଔପଦା ବ୍ଲକ ହଟି କଲଚର ଅଫିସର ମାନସ ରଞ୍ଜନ ହୋତା ଏସଏମସି କମିଟି ଉପ ସଭାପତି ଅନିରୁଦ୍ଧ ବେହେରା, ଅବସର ପ୍ରାପ୍ତ ଶିକ୍ଷାବିତ ବିଦ୍ୟାଧର ପ୍ରଧାନ ଦୀପକ ବେହେରା, ଜନ୍ମେଜୟ ପଟ୍ଟନାୟକ, ଶରତ ଚନ୍ଦ୍ର ପୁଷ୍ଟି ମଂଚାସିନ ରହି ଚାଷୀ ମାନଙ୍କୁ ଉଦବୋଧନ ଦେବା ସହିତ ଚାଷୀ ମାନଙ୍କୁ ନୂତନ ବୈଜ୍ଞାନିକ ପ୍ରଣାଳୀ ରେ ଚାଷ କରି କିଭଳି ଅଧିକ ଅମଳ କରିହେବ ଏ ନେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ।

ଖପରାପଦା ବଜାରରେ ନୂତନ ଟ୍ରାକ୍ଟର ସୋ'ରୁମ ଉଦ୍‌ଘାଟିତ

ଖପରାପଦା, ୨୩/୧୦ (ଆ.ପ୍ର) : ଏସ୍କର୍ଟ କମ୍ପାନୀର ଟ୍ରାକ୍ଟର ବ୍ୟବହାର କରୁଥିବା । ଚାଷୀଙ୍କର ସୁବିଧା ନିମନ୍ତେ ଭଦିବାର ବାଲିଆପାଳ ବ୍ଲକ ଅଧିନସ୍ଥ ଖପରାପଦା ବଜାର ଠାରେ ଏକ ନିର୍ଭର ଯୋଗ୍ୟ ଏସ୍କର୍ଟ କମ୍ପାନୀର ଟ୍ରାକ୍ଟର ସୋରୁମ ଉଦ୍ଘାଟିତ ହୋଇଯାଇଛି । ଅବସରପ୍ରାପ୍ତ ସେନାଧିକାରୀ ରମାକାନ୍ତ ସାହୁ ସ୍ଥାନୀୟ ଚାଷୀଙ୍କ ସୁବିଧା ନିମନ୍ତେ ଏସ୍କଟ କମ୍ପାନୀର ଠାରୁ ଡିଲରସିପ ନେଇ ଏକ ଟ୍ରାକ୍ଟର ସୋରୁମ ଉଦ୍ଘାଟନ କରାଇଛନ୍ତି । ଏହି ଉଦ୍ଘାଟନୀ ଉତ୍ସବରେ ଏସ୍କର୍ଟ କୁବୋଟା ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ମୁଖ୍ୟ ରାଜେନ୍ଦ୍ର ପରିଡ଼ା, ସେଲସ ଏରିଆ ମୁଖ୍ୟ ଆଲୋକ କୁମାର ବେହେରା, ସର୍ଭିସ ଏରିଆ ମୁଖ୍ୟ ରମାନାଥ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଏସ୍କର୍ଟ କମ୍ପାନୀର ଟ୍ରାକ୍ଟର ଅନ୍ୟ ଟ୍ରାକ୍ଟର ଠାରୁ ଚାଷୀଙ୍କ ଚାଷ କାର୍ଯ୍ୟ କେତେ ସୁଫଳ ପ୍ରଦାନ କରି ପାରୁଛି ସେବିଷୟରେ ବୁଝାଇଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ବାଲିଆପାଳ, ବସ୍ତା ଓ ଭୋଗରାଇ ଅଂଚଳର ବହୁ ଚାଷୀ ଉପସ୍ଥିତ ହୋଇ ସୋରୁମରେ ଥିବା ଏସ୍କର୍ଟ କମ୍ପାନୀର ପାୱାରଟ୍ରାକ ଟ୍ରାକ୍ଟରର ନିଉ ଟେକ୍ନୋଲୋଜିରେ ଜିପିଆରଏସ ସିଷ୍ଟମ ଦ୍ୱାରା ଡ୍ରାଇଭର ସିଧାସଳଖ କମ୍ପାନୀ ଟେକ୍ନିସିୟନ ସହିତ କଥା ହେବାର ସୁବିଧାକୁ ପ୍ରଶଂସା କରିଥିଲେ । ତେବେ ଏହି ଉଦ୍ଘାଟନୀ ଉତ୍ସବରେ ସୋ ରୋମର ମାଲିକ ଅବସର ପ୍ରାପ୍ତ ସେନା ଅଧିକାରୀ ରମାକାନ୍ତ ସାହୁ କହିଥିଲେ କି ଦେଶର ସୀମାରେ ଯବାନ ଓ ଦେଶ ଭିତରେ କିଷାନ ଦେଶ ରକ୍ଷା ରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ସେ ଅନୁଭବ କରିଛନ୍ତି । ତେଣୁ ସେ ସେନାରୁ ଅବସର ଗ୍ରହଣ ପରେ ସ୍ଥାନୀୟ ଚାଷୀଙ୍କୁ କୃଷିର ଉନ୍ନତି ପାଇଁ ଚାଷୀଙ୍କୁ ସେବା ଯୋଗାଇବା ପାଇଁ ଏହି ଟ୍ରାକ୍ଟର ସୋ ରୋମ ଦ୍ୱାରା ଦେଶର ସେବା କରିବା ପାଇଁ ପୁଣି ଥରେ ସୁଯୋଗ ପାଇଛନ୍ତି ବୋଲି କହିଛନ୍ତି ।

ବାଲେଶ୍ୱରରେ ମା'ଙ୍କ ଭସାଣି ଉତ୍ସବ ପରେ ଅଳିଆମୟ ସହରର ରାସ୍ତାଘାଟ

ବାଲେଶ୍ୱର, ୨୩/୧୦ (ଆ.ପ୍ର) : ବାଲେଶ୍ୱର ସହରରେ ଗୁରୁବାର ଦିନତମାମ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି । ବାଲିଘାଟରେ ୫୧ଟି ଓ ନୁଣିଆଯୋଡ଼ିରେ ୩୫ଟି ମେଢ଼ ବିସର୍ଜନ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସହରରେ ୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ସକାଳୁ ଆରମ୍ଭ ହୋଇଥିବା ବିସର୍ଜନ ପ୍ରକ୍ରିୟାରେ ବିଭିନ୍ନ ପୂଜା ମଣ୍ଡପର ମେଢ଼ ସିନେମା ଛକ ଦେଇ ନିର୍ଦ୍ଧାରିତ ବିସର୍ଜନ ସ୍ଥଳକୁ ଯାଉଥିବା ବେଳେ ସନ୍ଧ୍ୟାରେ ସିନେମା ଛକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା । ତେବେ ଭସାଣି ପରେ ସହରରେ ଶବ୍ଦ, ବାୟୁ ଓ ପରିବେଶ ପ୍ରଦୂଷଣକୁ ନେଇ ବହୁ ବରିଷ୍ଠ ନାଗରିକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଭସାଣି ଉତ୍ସବ ଅବସରରେ ସହରର ବିଭିନ୍ନ ଅଂଚଳରୁ ଆସିଥିବା ମେଢ଼ଗୁଡ଼ିକ ସିନେମା ଛକରେ ଏକାଠି ହୋଇ ଲମ୍ବା ଧାଡ଼ିରେ ଶୋଭାଯାତ୍ରା କରିଥିଲେ । ପ୍ରଶାସନ ପକ୍ଷରୁ ସିନେମା ଛକ ଦେଇ ବାଲିଘାଟରେ ବିସର୍ଜନ ପାଇଁ ବ୍ୟବସ୍ଥା କରାଯାଇଥିଲା । ପୁଲିସ ସୂଚନା ଅନୁଯାୟୀ, ବାଲିଘାଟରେ ୫୧ଟି ମେଢ଼ ବିସର୍ଜନ ପାଇଁ ସ୍ଥିର ହୋଇଥିବା ବେଳେ ନୁଣିଆଯୋଡ଼ିରେ ୩୫ଟି ମେଢ଼ ବିସର୍ଜନର ଯୋଜନା ରହିଥିଲା । ଭସାଣି ଶୋଭାଯାତ୍ରାରେ ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ମାଇକ୍ ଓ ଡିଜେ ବାଜୁଥିବାରୁ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣକୁ ନେଇ ପ୍ରଶ୍ନ ଉଠିଛି । ଶବ୍ଦ ପ୍ରଦୂଷଣ ପ୍ରତି ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ କରିଛନ୍ତି ସହରର କେତେକ ବରିଷ୍ଠ ନାଗରିକ । ଡିଜେ ବାଜା ଉପରେ କଟକଣା ଥିବା ସତ୍ତ୍ୱେ ଶୋଭାଯାତ୍ରାରେ ଅତ୍ୟଧିକ ଶବ୍ଦରେ ମାଇକ୍ ଓ ଡିଜେ ବାଜିବା ଘଟଣା ପ୍ରଶାସନର ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ, ଭସାଣି ପରଦିନ ସକାଳେ ସହରର ପ୍ରାୟ ପ୍ରତ୍ୟେକ ରାସ୍ତା ଅଳିଆ ଆବର୍ଜନାରେ ଭରି ରହିଥିବା ଦେଖାଯାଇଥିଲା । ଆତସବାଜି ଓ ବାଣ ଫୁଟାଇବା ପରେ ଏଣେତେଣେ ପଡ଼ିଥିବା ଟୁକୁରା କାଗଜ ଓ ଅନ୍ୟାନ୍ୟ ଆବର୍ଜନା ସହରର ରାସ୍ତାଘାଟକୁ ଅପରିଷ୍କାର କରିଦେଇଥିଲା । ଉତ୍ସବ ପରେ ତୁରନ୍ତ ସଫେଇ ବ୍ୟବସ୍ଥା କରାଯାଇ ନଥିବାରୁ ସହରର ପରିମଳ ବ୍ୟବସ୍ଥା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି । ବାୟୁ ପ୍ରଦୂଷଣ, ପରିବେଶ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ଯୋଗୁଁ ସହରବାସୀ ଅତିଷ୍ଠ ହୋଇପଡ଼ିଥିବା ବହୁ ବରିଷ୍ଠ ନାଗରିକ ମତବ୍ୟକ୍ତ କରିଛନ୍ତି । ପର୍ବପର୍ବାଣି ପାଳନ ସହିତ ପରିବେଶର ସୁରକ୍ଷା, ଶବ୍ଦ ନିୟନ୍ତ୍ରଣ ଓ ସହରର ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି ।

ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୮ ପ୍ଲାଟୁନ୍ ଫୋର୍ସ ମୁତୟନ ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା । ବରିଷ୍ଠ ପୁଲିସ ଅଧିକାରୀମାନେ ସମଗ୍ର ଭସାଣି ପ୍ରକ୍ରିୟା ଉପରେ ନଜର ରଖିଥିଲେ । ତେବେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଓ ମେଢ଼ଗୁଡ଼ିକର ଲମ୍ବା ଧାଡ଼ି ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା । କେତେକ ଅମାନିଆ ଚାଳକ ଜୋରଜବରଦସ୍ତ ଗାଡ଼ି ଭିଡ଼ ମଧ୍ୟକୁ ପୂରାଇବାରୁ ଯାତାୟାତରେ ଅଧିକ ବାଧା ସୃଷ୍ଟି ହୋଇଥିଲା । ଉତ୍ସବର ଆନନ୍ଦ ସହିତ ପରିବେଶର ସୁରକ୍ଷା ଓ ନାଗରିକଙ୍କ ସ୍ୱାସ୍ଥ୍ୟ ପ୍ରତି ଦାୟିତ୍ୱବୋଧ ରଖିବା ଉପରେ ଗୁରୁତ୍ୱ ଦେବାକୁ ସହରର ବରିଷ୍ଠ ନାଗରିକମାନେ ଆହ୍ୱାନ ଦେଇଛନ୍ତି ।

ତେରଲଡିହିଠାରେ ୩୫ତମ ଜେକେଏସି କ୍ଲବ୍ ଆନୁକୂଲ୍ୟରେ ଦୁଇଦିନିଆ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ନୀଳଗିରି, ୨୩/୧୦ (ଆ.ପ୍ର) : ତେରାଲଡିହି, ଝଡ଼ିବାଲି, ଭଇଁରିଆବାଡ଼ଠାରେ ଜେକେଏସି କ୍ଲବ୍ ଆନୁକୂଲ୍ୟରେ ୩୫ତମ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୋଟ ୧୬ଟି ପ୍ରମୁଖ ଫୁଟବଲ ଦଳ ଭାଗ ନେଇ ନିଜ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ । ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସୁନାମୀ ଏଫ୍ ସିଏବଂ ନରହରିପୁର ଦଳ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା । ଚିତାକର୍ଷକ ଖେଳ ପ୍ରଦର୍ଶନ କରି ନରହରିପୁର ଦଳ ବିଜୟୀ ଲାଭ କରି ଚାମ୍ପିୟନ୍ ଆଖ୍ୟା ହାସଲ କରିଛି । ଏହି ଉଦ୍‌ଯାପନୀ ସମାରୋହରେ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଭଇଁରିଆବାଡ଼ ପଂଚାୟତର ପୂର୍ବତନ ସରପଂଚ, ରବିକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ । କ୍ଲବ୍‌ର ସଭାପତି ଭରତ ଚନ୍ଦ୍ର ମାଝୀ ଏବଂ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା । କ୍ଲବ୍‌ର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏହି କ୍ରୀଡ଼ା ମହୋତ୍ସବ ସଫଳତାପୂର୍ବକ ଶେଷ ହୋଇଛି ।

ଔଷଧ ବ୍ୟବସାୟୀଙ୍କ ବିୟୋଗ

ସିମୁଳିଆ, ୨୩/୧୦ (ଆ.ପ୍ର) : ମାର୍କୋଣା ମେଡିକାଲ ଛକରେ ଔଷଧ ବ୍ୟବସାୟୀଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ଅନ୍ତର୍ଗତ ରିୟା ଗ୍ରାମର ଔଷଧ ବ୍ୟବସାୟୀ ବଂଶୀଧର ସାହୁ (୬୮)ବର୍ଷ ଦୀର୍ଘ ଦିନ ଧରି ପକ୍ଷାଘାତ ରୋଗରେ ପୀଡିତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ତାଙ୍କର ବିୟୋଗ ଘଟିଛି । ଶ୍ରୀ ସାହୁ ସିମୁଳିଆ ଅଂଚଳରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସମେତ ତାଙ୍କୁ ଭଲ ପାଉଥିବା ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ ।

ସମାଜସେବୀ ନଗେନ୍ଦ୍ର ଦଣ୍ଡପାଟଙ୍କ ପରଲୋକ

ଭୋଗରାଇ, ୨୩/୧୦ (ଆ.ପ୍ର) : ଭୋଗରାଇ ବ୍ଲକ ଅନଳିଆ ପଂଚାୟତ ନୁଟୁରା ଗ୍ରାମର ସମାଜସେବୀ ନଗେନ୍ଦ୍ର ଦଣ୍ଡପାଟଙ୍କ ୭୮ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି । ଜଣେ ସମାଜସେବୀ ସହିତ ଅନଳିଆ ପଂଚାୟତର ବିଜେଡ଼ିର ଅଗଧାଡ଼ିର କର୍ମୀ ଭାବେ ଆଖପାଖ ଅଂଚଳରେ ପରିଚୟ ରହିଥିଲା । କିଛି ଦିନ ହେଲା ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲା ବେଳେ ଗୁରୁବାର ସନ୍ଧ୍ୟାରେ ହୃଦଘାତରେ ତାଙ୍କର ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ବିଧାୟକ ଗୌତମବୁଦ୍ଧ ଦାସ, ଦେଉଳା ସରପଂଚ ଚୈତନ୍ୟ ବେହେରା, ସମିତି ସଦସ୍ୟ ଗୌତମ ଗିରି, ସମାଜସେବୀ ତାପସ ମହାପାତ୍ର, ଅନଳିଆ ସମିତି ସଦସ୍ୟା ଅଞ୍ଜଳି ପାଢ଼ୀ, ସମାଜସେବୀ ଘନଶ୍ୟାମ ପାଢ଼ୀ, ପୂର୍ବତନ ସରପଂଚ ବ୍ରଜକିଶୋର ମହାନ୍ତି, ପୂର୍ବତନ ସମିତି ସଦସ୍ୟା ନମିତା ପାଳ, ନାଏବ ସରପଂଚ ସନ୍ତୋଷ ଗିରି, ସମାଜସେବୀ ପ୍ରଦୀପ ସେଠୀ, କାହ୍ନୁଚରଣ ଜେନା, ତପନ ପାତ୍ର ସହିତ ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଂଚଳବାସୀ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ଏକମାତ୍ର ପୁଅ କମଳ ଦଣ୍ଡପାଟ ମୁଖାଗ୍ନି ଦେଇଥିଲେ ।

ବାଲେଶ୍ୱରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଶାରଦୀୟ ସଚେତନତା ଶିବିର

ବାଲେଶ୍ୱର, ୨୩/୧୦ (ଆ.ପ୍ର) : ପ୍ରତିବର୍ଷ ପରି ଚଳିତ ଶାରଦୀୟ ଦୁର୍ଗାପୂଜା ଅବସରରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଚିତାଉଗଞ୍ଜ ଛକ ପାର୍ଶ୍ୱରେ 'ସ୍ୱାସ୍ଥ୍ୟ ସଚେତନତା ଶିବିର' ଅନୁଷ୍ଠିତ ହୋଇଥିଲା । ମହାସପ୍ତମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ପ୍ରତ୍ୟେକ ଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଶିବିରରେ ଉପସ୍ଥିତ ରହି ବାଲେଶ୍ୱରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଐକ୍ୟବଦ୍ଧ ହେବାକୁ ସେମାନେ ନିବେଦନ କରିଥିଲେ । ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଗତ ୫ ବର୍ଷ ଧରି ଦାବି ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଏକ ଶିବିରରେ ସଭାପତି ଡ. କେଶବ ଚରଣ ପଣ୍ଡା, ସାଧାରଣ ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ଓ ମାୟାଧର ବିଶ୍ୱାଳଙ୍କ ସମେତ ସମିତିର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ପ୍ରଚାର ପୁସ୍ତିକା ବଣ୍ଟନ କରିଥିଲେ । ଧାନ, ପାନ, ମୀନ ପାଇଁ ବାଲେଶ୍ୱର ପ୍ରସିଦ୍ଧି ଲାଭ କରିଥିବାବେଳେ ଅନ୍ୟ ୩ଟି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଥିବାବେଳେ ବାଲେଶ୍ୱର ଜିଲ୍ଲାବାସୀଙ୍କ ଦାବିପ୍ରତି ଅବିଚାର ବିରୋଧରେ ବାଲେଶ୍ୱରବାସୀ ଆଗାମୀ ଆନ୍ଦୋଳନରେ ଯୋଗ ଦେବାକୁ ସମିତି ପକ୍ଷରୁ ଜନସାଧାରଣଙ୍କୁ ସେମାନେ ନିବେଦନ କରିଥିଲେ । ବାଲେଶ୍ୱର ସହରର ବହୁ ଦୁର୍ଗାପୂଜା ମଣ୍ଡପ ପାର୍ଶ୍ୱରେ କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ବ୍ୟାନାର ଲଗାଯାଇଥିବାର ଦେଖାଯାଉଥିଲା । ବାଲେଶ୍ୱରବାସୀଙ୍କ ସ୍ୱାର୍ଥରେ ଏହି ଦୁଇଟି ସଂଗଠନ ପକ୍ଷରୁ ଆୟୋଜିତ ଶିବିରରେ ସଂଗଠନର କର୍ମକର୍ତ୍ତାମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସଂଗଠନର ଦାବିକୁ ସମର୍ଥନ ଜଣାଇ ନିଜର ସ୍ୱାକ୍ଷର ଦେଇଥିଲେ । ଗତ ୫ ଦିନବ୍ୟାପୀ ସ୍ୱାସ୍ଥ୍ୟ ଓ କୃଷିପାଇଁ ଉକ୍ତ ଶିବିରରେ ଯୋଗ ଦେଇଥିବା ଶହଶହ ସଭ୍ୟ, ସଭ୍ୟା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ଦୁଇ ସଂଗଠନର ଜନସଂପର୍କ ଦାୟିତ୍ୱରେ ଥିବା ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି ।

'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ରାସ୍ତା କାମ ନିମ୍ନ ମାନର ଅଭିଯୋଗ ଗ୍ରାମବାସୀ ଅସନ୍ତୋଷ ଉଚ୍ଚସ୍ତରୀୟ ତଦନ୍ତ ଦାବୀ

ଭୋଗରାଇ, ୨୩/୧୦ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ କଖଡ଼ା ଗ୍ରାମ ପଂଚାୟତରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିବା ସହ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି ।ସୂଚନା ଅନୁଯାୟୀ, କଖଡ଼ା ପଂଚାୟତ ଅଧୀନ ପୁରୁଷୋତମ ପୁର ଗାଁରେ ବସନ୍ତ କରଙ୍କ ଘର ଠାରୁ ପଶ୍ଚିମବଙ୍ଗ ସୀମା ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ପଂଚାୟତ ପକ୍ଷରୁ ୩ଲକ୍ଷ ୯୫ହଜାର ୪ଶହ ଟଙ୍କା ଅଟକଳ ମୂଲ୍ୟରେ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଉକ୍ତ କାର୍ଯ୍ୟରେ ଡେମେଜ ସିମେଂଟ ବ୍ୟବହୃତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥି ସହିତ ରାସ୍ତା ନିର୍ମାଣରେ ୮ ଇଂଚ ଢଳେଇ ପରିବର୍ତ୍ତେ ୬ ଇଂଚର କଂକ୍ରିଟ ଢଳେଇ କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କାର୍ଯ୍ୟ ବନ୍ଦ କରିବା ପରେ ଖବର ପାଇ ସଂପୃକ୍ତ ଠିକାଦାରଙ୍କୁ ସୁରକ୍ଷା ଦେବା ଲାଗି ପଂଚାୟତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ପହଂଚି ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ । ଲୋକେ ତାଙ୍କୁ ରାସ୍ତା ନିର୍ମାଣ କାର୍ଯ୍ୟ ନେଇ ପ୍ରଶ୍ନ କରିବାରୁ ଯନ୍ତ୍ରୀ ସାବିତ୍ରୀ ସୋରେନ ସନ୍ତୋଷ ଜନକ କୌଣସି ଉତର ନଦେଇ ବୈଠକର ବାହାନା କରି ସେଠାରୁ ପଳାଇ ଯାଇଥିଲେ । ଦୀର୍ଘ ସମୟ ରାସ୍ତା କାର୍ଯ୍ୟ ବନ୍ଦ ରହିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇ ଗୋଷ୍ଠୀ ବିବାଦ ଦେଖିବାକୁ ମିଳିଥିଲା । ଏନେଇ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ମଧ୍ୟ ସେଠାକୁ ଯାଇ ନ ଥିଲେ । ଏହାବ୍ୟତୀତ ନିମ୍ନ ମାନର କାମ ହେଉଥିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଫୋନ ଯୋଗେ ଅଭିଯୋଗ କରିଥିଲେ । ଏହା ସତ୍ତ୍ୱେ କାମ ବନ୍ଦ କରିବା ପରିବର୍ତ୍ତେ ବଳ ପୂର୍ବକ କାର୍ଯ୍ୟ ହୋଇଛି ବୋଲି ଗ୍ରାମବାସୀ ପ୍ରଦୀପ କୁମାର ଘୋଷ, ରତନ ଦାସ, ଅରୁଣ କୁମାର ଦାସ ପ୍ରମୁଖ ଅଭିଯୋଗ କରି ନିମ୍ନ ମାନର ରାସ୍ତା ନିର୍ମାଣରେ ବିଭାଗୀୟ ଯନ୍ତ୍ରୀଙ୍କ ସମ୍ପୃକ୍ତି ନେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଏନେଇ ଭୋଗରାଇ ବିଡିଓ ଅଥବା ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।

ସିଥୋ
ଆରମ୍ଭ
SEITHO ARAMBHA

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ତ୍ରେତା ଯୁଗ

ନାୟକ, ନାୟିକା, ଖଳ ନାୟକ, ଖଳନାୟିକା ଆଉ କେତେ ପାର୍ଶ୍ୱ ଅଭିନେତାଙ୍କୁ ନେଇ ଲୋକମନୋରଞ୍ଜନ ତଥା ଶିକ୍ଷାପ୍ରଦ, ଅଭିନୟ, ନାଟକ, ଡ୍ରାମା, ସିନେମା ହୁଏ । ଏହା ସୁଖ, ଦୁଃଖ ହସ, କାନ୍ଦ, ଜନ୍ମ ମରଣ, ଆନନ୍ଦିତ ବିବାହ, ଦୁଃଖଦ ବିଚ୍ଛେଦରେ ଦର୍ଶକଙ୍କୁ ମ୍ରିୟମାଣ କରାଇବା ବୁଝା ପଡ଼େ । ମାନବ ଜୀବନ ନିଶ୍ଚିତ ଲମ୍ବା, ହେଲେ ବିଦ୍ୟାଅଧ୍ୟୟନରେ ବିଭିନ୍ନ ପିରିଅଡ଼ ଥିବାପରି ଏସବୁ ସାର୍ବଜନୀନ ଖୋଲା ବିଦ୍ୟାଳୟର ଏକ ଏକ ପିରିଅଡ଼ ସଦୃଶ । କିଶୋର, ଯୁବା, ପ୍ରୌଢ଼ ବୃଦ୍ଧ ସବୁ ବୟସ ପୁରୁଷ ସ୍ତ୍ରୀ ସମସ୍ତଙ୍କ ପାଇଁ ମୁକ୍ତ ବିଦ୍ୟାଳୟ, ଉଚ୍ଚତର ପାଠଶାଳା । ଏହି ବିଶ୍ୱ ଏକ ରଙ୍ଗମଂଚ, ଏଥିରେ ବିଶ୍ୱ ସୃଷ୍ଟି ହେବାଦିନୁ ନାଟକର ସିରିଏଲ ଚାଲିଛି, ଯାହା କଳ୍ପ ଅଙ୍କ ଯୁଗ ଦୃଶ୍ୟରେ ସିରିଏଲ ଚାଲୁଛି । ଯୁଗ ସବୁ ଦିନେ, ଓଳିଏ, ଘ[ ]ାଏ ନୁହେଁ, କାହିଁ କେତେ ବର୍ଷ । ନାଟକ ଦ୍ୱିମଂଚ ଗୃହି ଓ ସନ୍ନ୍ୟାସୀ । ପୁଣି ଜନତା ଓ ଜନଶାସକ, ଧନୀ ଆଉ ଦରିଦ୍ର, ନାରୀ ପୁରୁଷ ଯୁଆଡ଼େ ଚାହିଁ ସାଢ଼େ ଦୃଶ୍ୟ ଚାଲିଛି । ନାଟକରେ ନଟ ଓ ନଟୀ, ଆଦ୍ୟରେ ହର, ପାର୍ବତୀ, ତାଙ୍କ ସହ ଲକ୍ଷ୍ମୀ ନାରାୟଣ, ଲୋକ ଶିକ୍ଷା ପାଇଁ ତାଙ୍କର ବିଭିନ୍ନ ରୂପରେଖ ଘଟଣା ପ୍ରବାହ ଘରେ ଘରେ ଚାଲିଛି । ପୁଣି ସେମାନେ କରି କରାଉଛନ୍ତି । ଏମିତି ଦିନେ ଚାଲୁଥିଲା ନାଟକର ଦ୍ୱିତୀୟ ଅଙ୍କ, ଯାହାଥିଲା ତ୍ରେତୟା ଯୁଗ । ଏଥିରେ ସେହି ମୂଳ ନାଟୁଆ ଶିବ, ତାଙ୍କ ପତ୍ନୀ, ମହାଶତ୍ରୁ, ଶତ୍ରୁ ସହ କେମିତିକା ବ୍ୟବହାର କରାଯିବା ଦରକାର ତାହା ମୂଲ୍ୟବାନ ଅନୁଭବର ଦୃଶ୍ୟାବଳୀରେ ଭରପୁର ନାଟକ । ଶିଶୁ କାଳରୁ ଯେ ଭଲ କହି ଅନେକ ଗେହ୍ଲା କରିଆସୁଥିଲେ, ତାଙ୍କ ପୁଅକୁ ପଛ କରି ସଉତୁଣୀ ପୁଅକୁ ଅତି ଆପଣାକରି କୋଳେଇ କାଖେଇ ସ୍ନେହ ଦେଇ ସମୟ ଗୁରୁ ଗୃହକୁ ଯିବା ପର୍ଯ୍ୟନ୍ତ କଟାଇଥିଲେ । ସେ ପୁଣି ବିଦ୍ୟା ଶେଷ କରି ଗୁରୁଗୃହରୁ ବିଦ୍ୟାର୍ଜ୍ଜନ ସାରି ତାଙ୍କ ପୁଅ ସହିତ ଫେରିବା ପରେ ନିଜର ଭାବ ବଦଳାଇ ତାଙ୍କ ସହ ଆସିଥିବା ଦାସୀ ମନ୍ଥରାର କୁମନ୍ତ୍ରଣା ସ୍ୱାର୍ଥପର ବିଶାକ୍ତ ଚିନ୍ତାଧାରାରେ ତାଙ୍କ ପୁଅକୁ ରାଜାକରାଇବା ତତସହ ରାମଙ୍କୁ ବନବାସ ଚଉଦ ବର୍ଷ ଯାଏ କରାଇବା, ଜିଦ ଉପସ୍ଥାପିତ କରିଲେ । ଯେ କୌଣସି ପୁରୁଷର ଉଦ୍ଦାମ କାମନା ଚରିତାର୍ଥ କାଳରେ କାମ ପାଗଳରେ ତତ୍କାଳୀନ ସଙ୍ଗୀ ନାରୀର, ଚତୁର କଥାରେ ଆଗ ପଛ ନଭାବି ହଁ କରିଦେଇଥାନ୍ତି । ଏ ସ୍ଥଳରେ କୈକେୟୀ ଜାଣନ୍ତି, ଦଶରଥ, ତାଙ୍କୁ ଦ୍ୱିତୀୟ ପତ୍ନୀ ରୂପେ ଜୀବନସାଥୀ କରିବାକୁ ଯାଉଛନ୍ତି । ବଡ଼ ରାଣୀଙ୍କ ପୁଅକୁ ରାଜା କରିବା ପରମ୍ପରାକୁ ଭଙ୍ଗ କରି ତାଙ୍କରି ପୁଅକୁ ରାଜ କରାଇବା, ଚୁକ୍ତି ଦାମ୍ପତ୍ୟ ଜୀବନର ଆଦ୍ୟ କାଳର । ଏଥିରେ ପୁରୁଷର ଓ ସ୍ତ୍ରୀ ଦୁହିଙ୍କର ଦୁଇ ପ୍ରକାର ଉଦ୍ଦେଶ୍ୟ । ଉଭୟଙ୍କ ଭାବଧାରା ଅଲଗା ଅଲଗା ରାଜ ମହଲରେ ସବୁ ମିଳେ ମାତ୍ର ଆନନ୍ଦ ଯେ ନଥାଏ, ଏକଥା ଅଯୋଧ୍ୟା ରାଜମହଲରେ ଜଣାପଡ଼ିଛି । ପ୍ରକୃତରେ ଆନନ୍ଦ କଣ, ପୁରାଣକର୍ତ୍ତା ଏହା କଥାଟିକୁ ସାର୍ବଜନୀନ କରାଇବାକୁ ପ୍ରୟାସ କରିଛନ୍ତି । ରାମ ଲଙ୍କା ବିଜୟ ସୀତା ଉଦ୍ଧାର, କରି ଚଉଦ ବର୍ଷ ମିୟାଦ ପରେ ରାମ ଆସି ଅଯୋଧ୍ୟା ରାଜସିଂହାସନ ଅଭିଷିକ୍ତ ହେଲେ । ସୀତା ଗର୍ଭବତୀ ହେଲେ । ହେଲେ ଲୋକକଥା ରାଜ ଅନ୍ଦରମହଲକୁ ଗଲା । ଲୋକ କଥାରେ ସୀତା ପର ଗୃହରେ ଅନେକ ରାତ୍ରିଯାପନ କରି ତାଙ୍କ ସ୍ୱାମୀଙ୍କ ସନ୍ଦେହ ପାତ୍ରୀ ହେଉନାହାନ୍ତି ଅଥଚ ଜଣେ ନାରୀ ତାର ପିତାମାତାଙ୍କ ଘରକୁ ସ୍ୱାମୀ ଅଜ୍ଞାତରେ ଏକ ରାତ୍ରୀ ପିତୃମାତୃ ଗୃହ କଟାଇ ସ୍ୱାମୀ ଗୃହକୁ ଫେରିବା, ସମାଜରେ ବାଖନ୍ଦ, ଏଇଟା ଦେଶ ରାଜାଙ୍କୁ ସାଧାରଣ ପ୍ରଜା ଦମ୍ପତି ପରି ଉତରଦାୟୀ ହେବା ନିଶ୍ଚୟ ବିସ୍ମୟ । ରାମ ଅଙ୍ଗେ ଲିଭାଇଛନ୍ତି ଏକ ବର୍ଷରେ ଅଶୋକ ବଗିଚାରେ ନାରୀ ଗଣ ବେଷ୍ଟିତ ସନ୍ନ୍ୟାସିନୀ ପରି ସମୟ ବିତାଇବା ଅବସ୍ଥାରେ ତାଙ୍କୁ ରାମ ଉଦ୍ଧାର କରିଛନ୍ତି । ଏଥିରେ ସୀତା ପରମା ବିଦୁଷୀ ଋଷି ମୁନୀ ଗହଣରେ ଶିଶୁ କାଳରୁ ରାଜବଧୂ ହେବା ପର୍ଯ୍ୟନ୍ତ, ସମୟ ତାପରେ ସ୍ୱାମୀ ଦେବରଙ୍କ ସହ ବନଗମନ, ବହୁତ ଋଷି ମୁନୀ ଆଶ୍ରମରେ ସତସଙ୍ଗ ଏତେ ସତ୍ୱେ ନିଜ ସ୍ତ୍ରୀକୁ ରାମଙ୍କ ସନ୍ଦେହ, ଗର୍ଭାବସ୍ଥାରେ ସ୍ତ୍ରୀକୁ ଲୁଚାଇ ଜଙ୍ଗଲରେ ଛାଡ଼ି ଆସିବା ଏସବୁ ସାମଞ୍ଜସ୍ୟହୀନ ଘଟଣା, ତ୍ରେତା ଯୁଗରେ ହେଲେ ବି ଏହା ସର୍ବକାଳିକ ଘଟଣା । ସେହି ପ୍ରଖ୍ୟାତ ନଟ ନଟୀ ଏପରି ସର୍ବକାଳ ଏପରି ନିଖୁଣ ଅଭିନୟ କରିଚାଲୁଛନ୍ତି ।

ଦୁର୍ଗା ଦୁର୍ଗତିନାଶିନୀ : କୃପା କର କୃପାମୟୀ

॥ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ॥

ଏ ଦେଶରେ ସମସ୍ତ ଧର୍ମଗ୍ରନ୍ଥ ବେଦ, ଉପନିଷଦ, ପୁରାଣ ଆଦିରେ ଶକ୍ତିର ମହିମା ପ୍ରକଟିତ । ଦେଶର ପ୍ରତିପ୍ରାନ୍ତ ଗୁଞ୍ଜରିତ ମାତୃସ୍ତୁତିରେ - 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।।' ମାତୃ ଭକ୍ତରେ ହୃଦୟ ଗଦ ଗଦ ହୋଇ ଉଠେ । ପ୍ରାଣରେ ମାତୃ ମହିମାର ପୁଣ୍ୟ ଜାହ୍ନବୀ ପ୍ଲାବିତ ହୁଏ । ଏହା ହିଁ ଦୁର୍ଗାଙ୍କର ଆଧ୍ୟାତ୍ମିକ ଉପାସନା । ଜନନୀର ପୂତ-ପବିତ୍ର ଚରଣାରବିନ୍ଦରେ ମନମନ୍ତୁ ଚଇତନକୁ ଏକୀଭୂତ କରି ସମ୍ମାନ ନିବେଦନ କରେ ହୃଦୟର ଭକ୍ତି ଅର୍ଘ୍ୟ । କାନ୍ତ ଶାନ୍ତ ମନୋଜ୍ଞ ବାତାବରଣରେ ।

ବସନ୍ତ ଏବଂ ଶରତ ଋତୁରେ ଦେବୀ ଆରାଧନା କରାଯାଏ । ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନବଗୌରୀ ବା ନବଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୁଏ । ସର୍ବ ମୂଳରେ ଶକ୍ତି ହିଁ ମୁଖ୍ୟବସ୍ତୁ । ଯେପରି ମାଟି ବିନା କୁମ୍ଭାର ହାଣ୍ଡି ନିର୍ମାଣ କରିପାରେ ନାହିଁ ଏବଂ ସ୍ୱର୍ଣ୍ଣକାର ସୁନା ବିନା ଗହଣା ଗଢ଼ିବାରେ ଅସଫଳ ହୁଏ, ସେହିପରି ମୁଁ ମଧ୍ୟ ଶକ୍ତି ବିନା ସୃଷ୍ଟି ରଚନା କରିବାରେ ଅସମର୍ଥ ଅଟେ ।

ମା' ଦୁର୍ଗାଙ୍କର ନ'ଗୋଟି ନାମକରଣ କରିଛନ୍ତି ସୃଷ୍ଟିକର୍ତ୍ତା ବ୍ରହ୍ମା । ନଅଟି ନାମରେ ନଅଟି ରୂପଭେଦ ଓ ଭାବ ଭେଦ ଅଛି । ଏ ସବୁ ହେଲା ଦେବୀଙ୍କର ନଅଗୋଟି କାୟବ୍ୟୂହ ମୂର୍ତ୍ତି । ଦେବୀ ନବଦୁର୍ଗା ନାମରେ ଖ୍ୟାତ । ଦେବୀ କବଚ ସ୍ତୋତ୍ରରେ କୁହାଯାଇଛି - 'ପ୍ରଥମଂ ଶୈଳ ପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ର ଘଂଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍ ।। ପଂଚମସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟିନୀ ତଥା, ସପ୍ତମ କାଳରାତ୍ରେତି ମହାଗୌରୀତି ଚାଷ୍ଟମମ୍ ।। ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗାଃ ପ୍ରକୀର୍ତ୍ତିତାଃ ।।'

ଯେଉଁ ଦେବୀ ମାତା ରୂପରେ ସବୁ ଜୀବ ମଧ୍ୟରେ ବିଦ୍ୟମାନ ତାଙ୍କୁ ଆମର କୋଟି କୋଟି ପ୍ରଣାମ । ପବିତ୍ର ନବରାତ୍ରି ବା ଦଶହରା ଅବସରରେ ମାତୃଶକ୍ତିଙ୍କୁ ତିନୋଟି ରୂପରେ ଉପାସନା କରାଯାଏ - ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀ । ଦୁର୍ଗା ସମସ୍ତ ଦୁର୍ଗତି ନାଶ କରନ୍ତି, ଲକ୍ଷ୍ମୀ ସୁଖସମୃଦ୍ଧିରେ ଭରି ଦିଅନ୍ତି ଏବଂ ସରସ୍ୱତୀ ସର୍ବୋଚ୍ଚ ଆତ୍ମଜ୍ଞାନ ପ୍ରଦାନ କରନ୍ତି । ଶରତ ସ୍ୱଚ୍ଛ ଆକାଶ, ଧରଣୀରେ କାଶତଣ୍ଡୀର ସମ୍ଭାର, ଚତୁର୍ଦ୍ଦିଗେ ନିର୍ମଳ ସୌନ୍ଦର୍ଯ୍ୟର ନିଷ୍ପାପ ରାଜୁତି । ପ୍ରକୃତି ଯାହାର ଆରାଧନା ପାଇଁ ନିଜକୁ ମଣ୍ଡିତ କରିଛି - ସେହି ଜଗଜ୍ଜନନୀ ମା'ଦୁର୍ଗା ଧରାବତରଣ କରୁଛନ୍ତି । ଏ ସମୟ ମାତୃ ଆରାଧନାର ବେଳ । ହେ ମା' ଶକ୍ତିସ୍ୱରୂପା, ଅବତରି ଆସ । ଶକ୍ତି ସହ ଦୟା, କ୍ଷମା, ଶାନ୍ତି, କାନ୍ତିରେ ମଣିଷକୁ ବିମଣ୍ଡିତ କର । ମଣିଷର ସମଗ୍ର ଜୀବନ ନିରବଚ୍ଛିନ୍ନ ମାତୃପୂଜାରେ ପରିଣତ ହେଉ । ହେ ପରଂବ୍ରହ୍ମ ସ୍ୱରୂପିଣି ତୁମକୁ କୋଟି କୋଟି ନମସ୍କାର । ଆସ ମା', ଆମ ହୃଦୟ କନ୍ଦରରେ ବିରାଜମାନ କର । ତୁମକୁ ଶ୍ରଦ୍ଧା, ଭକ୍ତିର ଡୋରରେ ବାନ୍ଧି ରଖିବୁ ।

ମାନବ ଜଗତର ଉ[ ]ାନ ପାଇଁ ଏକମାତ୍ର ମାତୃ ଆଶୀର୍ବାଦକୁ ଅପେକ୍ଷା । କୃପା କର କୃପାମୟୀ, ତୁମ କରୁଣାର ସ୍ପର୍ଶରେ ସଙ୍କଟ ସୌନ୍ଦର୍ଯ୍ୟରେ ପରିସ୍ଫୁଟନ ହେଉ, ନିରାଶାର ଘୋର ତମସାକୁ ଦୂର କରି ପ୍ରବେଶ କରୁ ଆଶାର ଉଜ୍ଜ୍ୱଳ ଆଲୋକ । ପୃଥିବୀରେ ପ୍ରତିଷ୍ଠା ହେଉ ସବୁଜ ଶାନ୍ତି, ନିର୍ମଳ ପବନର ହିଲ୍ଲୋଳ, ଗମ୍ଭୀର ସାଗର କରୁ ସ୍ୱାଗତ । ଦୂରେଇ ଯାଉ କ୍ଷୁଧା, ତୃଷ୍ଣା, ଅନାହାରର ଅସ୍ୱୀକୃତ ସ୍ଥିତି, ସୁନ୍ଦର ଘଟଘଟା ଝାଞ୍ଜ ଯାଇ ଶାନ୍ତି ଆସୁ । ଜୀବନ ସାର୍ଥକ ହେଉ, ଚେତନାର ବିକାଶ ଘଟୁ, ଦିବ୍ୟତ୍ୱର ଆବାହନରେ ଆମଣ୍ଡିତ ହେଉ ମଣିଷ ମନ ଓ ମସ୍ତିଷ୍କ । ଆସ ମା' ଏ ଜୀବନହେଉ ଅସରନ୍ତି ଆବାହନର ଆଶ୍ୱିନ ।

କନସ୍ଲଂଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

କୁଆଁର ପୁନେଇଁ - ଲୁଚିଯାଉଥିବା ଜହ୍ନ, ହଜିଯାଉଥିବା ପରମ୍ପରା

॥ ମିଲନ କୁମାର ମିଶ୍ର (ଭରଦ୍ୱାଜ) ॥

"କୁଆଁର ପୁନେଇଁ ଜହ୍ନ ଗୋ... ଫୁଲ ବଉଳ ବେଣୀ..." କେବେ ଏହି ଗୀତଟି ଶୁଣିଲେ ଗାଁର ଅଗଣାରେ ହଠାତ୍ ଜହ୍ନ ଓହ୍ଲାଇ ଆସୁଥିଲା । ଚଉରା ମୂଳେ ସଞ୍ଜବତୀ ଜଳୁଥିଲା, ମାଟି ଅଗଣାରେ ଝୋଟିର ଶୁଭ୍ର ଫୁଲ ଫୁଟୁଥିଲା, ଆଉ ନୂଆ ଶାଢ଼ି, ଅଳତା, କୁଙ୍କୁମ, ଚନ୍ଦନରେ ସଜେଇ ହେଇଥିବା କୁଆଁରୀ ଝିଅମାନେ ହସିହସି ଏକାଠି ହେଉଥିଲେ । ଆକାଶରେ ଶରତର ରୂପା ପରି ଚାନ୍ଦ, ଅଗଣାରେ ଦୀପର ଆଲୁଅ ଆଉ ଝିଅମାନଙ୍କ କଣ୍ଠରେ କୁମାର ପୂର୍ଣ୍ଣିମାର ଗୀତ - ସେ ଦୃଶ୍ୟ ଆଜି କେବଳ ଏକ ପର୍ବର ସ୍ମୃତି ନୁହେଁ, ଆମ ଗାଁ ଜୀବନର ହଜିଯାଉଥିବା ଏକ ଚିତ୍ର ।

କୁଆଁର ପୁନେଇଁ କୁମାର ପୂର୍ଣ୍ଣିମାକୁ କେବଳ କୁଆଁରୀ ଝିଅଙ୍କ ପର୍ବ ଭାବେ ନୁହେଁ, ଗାଁର ଅଗଣା, ଚଉରା, ଜହ୍ନ, ଉପବାସ, ଓଷା, ଗୀତ, ପୁଚି ଖେଳ ଓ ନାରୀଜୀବନର ଆଶା-ଆକାଂକ୍ଷା ସହିତ ଏକ ହଜିଯାଉଥିବା ଲୋକପରମ୍ପରା ଭାବେ ଦେଖିଲେ ଏହା ଏକ ଖୁବ ଭାବପ୍ରବଣ ବିଷୟ ହୋଇପାରେ । ପରମ୍ପରାଗତ ଭାବେ ଏହି ଦିନ କୁଆଁରୀମାନେ ସୂର୍ଯ୍ୟଙ୍କୁ ଅଞ୍ଜଳି ଦେଇ, ଚନ୍ଦ୍ରପୂଜା କରି, ତୁଳସୀ ଚଉରା ନିକଟରେ ବନ୍ଦାପନା କରୁଥିବା ଏବଂ କାର୍ତ୍ତିକେୟଙ୍କୁ ଆଦର୍ଶ ପୁରୁଷ ଭାବେ ସ୍ମରଣ କରୁଥିବାର ଉଲ୍ଲେଖ ମିଳେ । କୁଆଁର ପୁନେଇଁ ମାନେ ଥିଲା କୁଆଁରୀ ଝିଅମାନଙ୍କ ଅପୂର୍ବ ଆନନ୍ଦର ଦିନ । ପ୍ରଭାତରୁ ଘରେ ଘରେ ଚଂଚଳତା ଆରମ୍ଭ ହୋଇ ଯାଉଥିଲା । ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନ କରି ନୂଆ ବସ୍ତ୍ର ପିନ୍ଧିବା, ଅଳତା ଲଗାଇବା, ଚନ୍ଦନ-କୁଙ୍କୁମ ନାଇବା, ଚଉରା ମୂଳେ ଝୋଟି ଦେବା—ସବୁକିଛିରେ ଥିଲା ଏକ ପବିତ୍ର ଉତ୍ସାହ । କେତେକ ପରମ୍ପରାରେ ସୂର୍ଯ୍ୟଙ୍କୁ ଅଞ୍ଜଳି ଦେଇ ଦିନର ଆରମ୍ଭ କରାଯାଉଥିଲା ଏବଂ ସନ୍ଧ୍ୟାରେ ଚନ୍ଦ୍ରପୂଜା ପାଇଁ ଝିଅମାନେ ଏକାଠି ହେଉଥିଲେ ।

ଏହି ପର୍ବର ସବୁଠାରୁ ମନୋହର ଦୃଶ୍ୟ ଥିଲା ସନ୍ଧ୍ୟାର ଚାନ୍ଦ ବନ୍ଦାପନା । ସାରାଦିନର ଅପେକ୍ଷା ପରେ ଆକାଶରେ ଯେତେବେଳେ ଗୋଲ ଜହ୍ନଟି ଉଠୁଥିଲା, ଅଗଣାରେ ଝିଅମାନଙ୍କ ମେଳି ଆରମ୍ଭ ହେଇ ଯାଉଥିଲା । କେଉଁଠି କଳସ ସଜାଯାଉଥିଲା, କେଉଁଠି ଜହ୍ନି ଫୁଲରେ ଚଉରା ଶୋଭା ପାଉଥିଲା । ଖଇ, ନଡ଼ିଆ, କଦଳୀ, ଛେନା, ଗୁଡ଼ ଆଦିରେ ପ୍ରସ୍ତୁତ ଚାନ୍ଦ ଚକଟା ଭୋଗ ଭାବେ ସଜାଯାଉଥିଲା । ଚନ୍ଦ୍ର ଉଦୟ ସହିତ ହୁଳହୁଳିରେ ପରିବେଶ ମୁଖରିତ ହେଉଥିଲା । କିନ୍ତୁ ସେହି ଚାନ୍ଦ ବନ୍ଦାପନା କେବଳ ଏକ ଧାର୍ମିକ କ୍ରିୟା ନଥିଲା । ତା'ଭିତରେ ଲୁଚିଥିଲା ଝିଅଟିର ଜୀବନକୁ ନେଇ ଅନେକ ଆଶା । ଭଲ ବର, ସୁଖୀ ଦାମ୍ପତ୍ୟ, ସୁସ୍ଥ ଓ ସୁନ୍ଦର ଭବିଷ୍ୟତ - ଏସବୁ ଥିଲା ସେମାନଙ୍କ ପ୍ରାର୍ଥନାର ଅଂଶ । ପୁରାତନ ଲୋକବିଶ୍ୱାସରେ କାର୍ତ୍ତିକେୟଙ୍କୁ ସୌନ୍ଦର୍ଯ୍ୟ ଓ ଆଦର୍ଶ ପୁରୁଷତ୍ୱର ପ୍ରତୀକ ଭାବେ ମାନି କୁଆଁରୀମାନେ ତାଙ୍କ ଭଳି ସୁନ୍ଦର ବର କାମନା କରୁଥିବା ଉଲ୍ଲେଖ ମିଳେ । କିନ୍ତୁ ଏହି ପ୍ରଥାକୁ କେବଳ "ସୁନ୍ଦର ବର ପାଇବାର ଓଷା" ବୋଲି ଦେଖିଦେଲେ ଏହାର ସାମାଜିକ ତାତ୍ପର୍ଯ୍ୟଟି ହୁଏତ ଅଧାରେ ରହିଯିବ । ସେ ସମୟର ସମାଜରେ ଝିଅମାନଙ୍କ ପାଇଁ ନିଜ ମନର କଥା କହିବାର ଅବକାଶ ଖୁବ କମ୍ ଥିଲା । ଓଷା ଓ ପର୍ବ ଥିଲା ସେମାନଙ୍କର ଏକ ସାମୂହିକ ଜଗତ— ଯେଉଁଠି ସେମାନେ ଏକାଠି ହେଉଥିଲେ, ହସୁଥିଲେ, ଗୀତ ଗାଉଥିଲେ, ପୁଚି ଖେଳୁଥିଲେ, ପରସ୍ପରର ସୁଖଦୁଃଖ ବାଂଟୁଥିଲେ । ତେଣୁ କୁଆଁର ପୁନେଇଁ ଥିଲା ଝିଅମାନଙ୍କର ନିଜସ୍ୱ ଏକ ସାମାଜିକ ପରିସର । ଉପବାସ ମଧ୍ୟ ଥିଲା ସେହି ପରମ୍ପରାର ଏକ ଅଂଶ । ଦିନସାରା ସଂଯମ ରଖିବା, ପୂଜା ପର୍ଯ୍ୟନ୍ତ ଅପେକ୍ଷା କରିବା, ଚାନ୍ଦକୁ ବନ୍ଦାପନା କରି ଭୋଗ ଗ୍ରହଣ କରିବା—ଏସବୁରେ କେବଳ ଧାର୍ମିକ ବିଧି ନଥିଲା; ଥିଲା ମନର ଏକାଗ୍ରତା ଓ ଆତ୍ମସଂଯମର ଅଭ୍ୟାସ । ଆଜିର ଗତିଶୀଳ ଜୀବନରେ ଯେଉଁଠି ଅପେକ୍ଷା କରିବା ଆମେ ଭୁଲିଯାଉଛୁ, ସେଠି ସେହି ଉପବାସ ଆମକୁ ଅପେକ୍ଷାର ମୂଲ୍ୟ ମଧ୍ୟ ଶିଖାଉଥିଲା ।

କୁଆଁର ପୁନେଇଁର ଆଉ ଏକ ବଡ଼ ଦିଗ ଥିଲା ସାମୂହିକତା । ଏହା କେବଳ ଗୋଟିଏ ଘରର ପୂଜା ନୁହେଁ । ସନ୍ଧ୍ୟା ହେଲେ ଆଖପାଖର ଝିଅମାନେ ଏକାଠି ହେଉଥିଲେ । କାହା ଘର ଅଗଣାରେ ଆଜି ଚାନ୍ଦ ପୂଜା ହେବ, କେଉଁଠି ଭଲ ଝୋଟି ହୋଇଛି, କିଏ ନୂଆ ଶାଢ଼ି ପିନ୍ଧିଛି, କିଏ ଅଳତା ଲଗାଇଛି, ସେସବୁ ନେଇ ଥିଲା ସବୁରି ଭିତରେ ଏକ ନିର୍ମଳ ଆନନ୍ଦ । ପୁଚି ଖେଳର ତାଳରେ ପାଉଁଜିର ରୁଣୁଝୁଣୁ ଶବ୍ଦ, ହସର ଫୁଆରା ଆଉ ଚାନ୍ଦର ଆଲୁଅ ଭିତରେ ଗାଁର ରାତିଟି ଯେମିତି ଖୁବ ଜୀବନ୍ତ ମନେ ହେଉଥିଲା । କୁମାର ପୂର୍ଣ୍ଣିମାର ଏହି ସାମୂହିକ ଆନନ୍ଦ ଓ ପୁଚି ଖେଳର ପରମ୍ପରା ବିଷୟରେ ଅନେକ ସ୍ମୃତିଲେଖାରେ ମଧ୍ୟ ଉଲ୍ଲେଖ ମିଳେ । ଏହା ମଧ୍ୟରେ ଥିଲା ତତ୍ତ୍ୱ । ଚାନ୍ଦକୁ ପୂଜା କରିବା ମାନେ କେବଳ ଆକାଶରେ ଥିବା ଗୋଟିଏ ଗ୍ରହପିଣ୍ଡକୁ ପୂଜା କରିବା ନୁହେଁ; ମଣିଷର ଜୀବନ ଓ ପ୍ରକୃତି ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ସ୍ୱୀକାର କରିବା । ଶରତ ଆକାଶ, ଶୀତଳ ଚନ୍ଦ୍ରାଲୋକ, ଫୁଲ, ଫଳ, ଧାନ, ଖଇ, ନଡ଼ିଆ, ଆଖୁ, ପର୍ବର ସମସ୍ତ ଉପକରଣ ମାଟି ଓ ପ୍ରକୃତିର ଦାନ । ତେଣୁ ଏହା ଭିତରେ ଥିଲା ପ୍ରକୃତି ପ୍ରତି କୃତଜ୍ଞତାର ଏକ ନିରବ ଭାଷା ।

ଚାନ୍ଦ ମଧ୍ୟ ଏଠାରେ ଏକ ପ୍ରତୀକ । ଚାନ୍ଦର ଶୀତଳତା ଯେମିତି ଜୀବନର ତାପକୁ ଶାନ୍ତ କରେ, ସେହିପରି ଜଣେ ଝିଅର ମନରେ ଥିବା ଅନିଶ୍ଚିତ ଭବିଷ୍ୟତ ପାଇଁ ସେ ଖୋଜୁଥିଲା ଏକ ଶାନ୍ତ, ଶୁଭ୍ର ଆଲୋକର ଆଶ୍ରା । ଆଜି ଆମେ ତାହାକୁ ଅନ୍ୟ ଭାବେ ମଧ୍ୟ କହିପାରିବା, ଚାନ୍ଦ ପାଖରେ ବର ମାଗିବା ଠାରୁ ଅଧିକ, ନିଜ ଜୀବନ ପାଇଁ ଭଲ ଭବିଷ୍ୟତ ମାଗିବା ଥିଲା ସେହି ପ୍ରାର୍ଥନା । ସେହି ଭବିଷ୍ୟତରେ ସମ୍ମାନ ଥାଉ, ସୁଖ ଥାଉ, ସୁରକ୍ଷା ଥାଉ, ଭଲପାଇବା ଥାଉ—ଏହା ଥିଲା ତାହାର ମୂକ ଆକାଂକ୍ଷା । କୁଆଁର ପୁନେଇଁର ଆଉ ଏକ ଅଦୃଶ୍ୟ ସୌନ୍ଦର୍ଯ୍ୟ ଥିଲା ମାଆଙ୍କ ଭୂମିକା । ଝିଅଟିଏ ଯେତେବେଳେ ଉପବାସ କରୁଥିଲା, ମାଆ ତାକୁ ଦେଖି ଚୁପ୍‌ଚାପ୍ ରହୁଥିଲେ । ଦିନସାରା ଭୋକ ଲାଗିଥିବା ଝିଅକୁ ଦେଖି କହୁଥିଲେ—"ଆଉ ଟିକେ ସହିଯା, ଚାନ୍ଦ ଉଠିଲେ ଭୋଗ ଖାଇବୁ ।" ସନ୍ଧ୍ୟାରେ ଝିଅର ଚୁଟି ବାନ୍ଧିଦେଉଥିଲେ, କପାଳରେ ଚନ୍ଦନ ଲଗାଇଦେଉଥିଲେ, ଶାଢ଼ିର କାନିକୁ ଠିକ୍ କରିଦେଉଥିଲେ । ଚାନ୍ଦ ଉଠିଲେ ଝିଅଟିଏ ହୁଳହୁଳି ଦେଉଥିଲା, ମାଆ ଦୂରରେ ଠିଆ ହୋଇ ହସୁଥିଲେ । ସେହି ଦୃଶ୍ୟରେ ଥିଲା ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ପରମ୍ପରା ହସ୍ତାନ୍ତରର ନିରବ ଇଙ୍ଗିତ । କିନ୍ତୁ ଆଜି ସେହି ଦୃଶ୍ୟଗୁଡ଼ିକ କେଉଁଠି ? କେତେ ଅଗଣାରେ ଆଉ ଚାନ୍ଦ ବନ୍ଦାପନା ହୁଏ ? କେତେ ଝିଅ ଆଜି ଦଳଦଳ ହୋଇ ପୁଚି ଖେଳନ୍ତି ? କେତେ ଘରେ ମାଆ ନିଜ ଝିଅର ଚୁଟି ବାନ୍ଧି କହନ୍ତି—"ଆଜି ତୁ କୁମାରୀ ପୂଜା କରିବୁ" ଏସବୁ ସତ୍ୱେ ବି ପରମ୍ପରା ସମ୍ପୂର୍ଣ୍ଣ ହଜିଯାଇନାହିଁ; କିନ୍ତୁ ତାହାର ରୂପ ନିଶ୍ଚୟ ବଦଳିଯାଇଛି । ସହରୀକରଣ, ବ୍ୟସ୍ତ ଜୀବନ, ଛୋଟ ପରିବାର, ଡିଜିଟାଲ ମନୋରଞ୍ଜନ ଓ ପରିବର୍ତ୍ତିତ ଜୀବନଶୈଳୀ ଗାଁର ସେହି ସାମୂହିକ ପର୍ବ ସଂସ୍କୃତିକୁ ଧୀରେ ଧୀରେ ସଂକୁଚିତ କରିଦେଉଛି । ଏହି ପରିବର୍ତ୍ତନର ଛାପ କୁମାର ପୂର୍ଣ୍ଣିମାର ସାମୂହିକ ଓଷା-ପରମ୍ପରା ଉପରେ ମଧ୍ୟ ପଡ଼ୁଛି ।

ତଥାପି ହଜିଯାଉଥିବା ପରମ୍ପରାକୁ କେବଳ ଦୁଃଖ କରି ସ୍ମରଣ କଲେ ହେବନାହିଁ । ପରମ୍ପରାର ମୂଳ ଅର୍ଥକୁ ବଂଚାଇ ରଖିବା ଦରକାର । ଯଦି ଆଜିର ଝିଅ ଚାନ୍ଦକୁ ଦେଖି ବର ନୁହେଁ, ନିଜ ଜୀବନର ସମାନତା, ସ୍ୱାଧୀନତା, ସମ୍ମାନ ଓ ସୁଖ ପାଇଁ ପ୍ରାର୍ଥନା କରେ, ତେବେ ମଧ୍ୟ କୁଆଁର ପୁନେଇଁର ଆତ୍ମା ବଂଚି ରହିବ । ଯଦି ଝିଅମାନେ ଏକାଠି ହୋଇ ଗୀତ ଗାଆନ୍ତି, ଖେଳନ୍ତି, ନିଜ ମନର କଥା କହନ୍ତି, ତେବେ ସେହି ପୁରୁଣା ସାମୂହିକତା ନୂଆ ଅର୍ଥରେ ଫେରିଆସିପାରିବ । ତେଣୁ କୁଆଁର ପୁନେଇଁ କେବଳ ଏକ ତିଥି ନୁହେଁ । ଏହା ଆମ ସ୍ମୃତିର ଗୋଟିଏ ଶୁଭ୍ର ଓ ସତେଜ ପୃଷ୍ଠା ଯେଉଁ ପୃଷ୍ଠାରେ ଅଛି ମାଟି ଅଗଣା, ତୁଳସୀ ଚଉରା, ସଞ୍ଜବତୀର ଦୀପ, ଜହ୍ନି ଫୁଲ, ଅଳତା ଲଗା ପାଦ, ପାଉଁଜିର ରୁଣୁଝୁଣୁ, ପୁଚି ଖେଳ, ହୁଳହୁଳି ଆଉ ଆକାଶ ଭରା ଶରତ ଜହ୍ନ । ସେହି ପୃଷ୍ଠାର କୋଣରେ ଆଜି ବି ବସିଛି ଜଣେ ମାଆ—ଝିଅର ମୁକୁଳା କେଶକୁ ବାନ୍ଧୁଛି, କପାଳରେ ଚନ୍ଦନ ଲଗାଉଛି ଆଉ କହୁଛି, "ଯା, ଚାନ୍ଦକୁ ବନ୍ଦାପନା କରିଆ ।"

ହୁଏତ ଏବେ ଗାଁର ଅଗଣାରେ ସେହି ଭିଡ଼ ନାହିଁ । ପୁଚିର ତାଳରେ ସେହି ହସ ନାହିଁ । ଚାନ୍ଦ ବନ୍ଦାପନାର ସେହି ଦୀର୍ଘ ଆୟୋଜନ ମଧ୍ୟ ଅନେକ ଘରୁ ହଜିଗଲାଣି । କିନ୍ତୁ ଶରତ ରାତିରେ ଆକାଶକୁ ଚାହିଁଲେ ଆଜି ବି ଜହ୍ନଟି ଠିକ୍ ସେହିପରି ହସୁଥାଏ ଓ ଯେମିତିକି ସେହି ଜହ୍ନଟି ପଚାରେ - "ସେଇ କୁଆଁରୀମାନେ କୁଆଡେ ଗଲେ ? ସେଇ ଗୀତଗୁଡ଼ିକ କୁଆଡେ ଗଲା ? ସେଇ ଅଗଣାଗୁଡ଼ିକ କୁଆଡେ ଗଲା ?" ଯାହାର ଉତର ଆମ ପାଖରେ ନଥାଏ । କେବଳ ମନ ଭିତରୁ ଗୋଟିଏ ପୁରୁଣା ସ୍ୱର ଶୁଭେ - "କୁଆଁର ପୁନେଇଁ ଜହ୍ନ ଗୋ... ଫୁଲ ବଉଳ ବେଣୀ..." ଆଉ ସେତେବେଳେ ଲାଗେ - କୁଆଁର ପୁନେଇଁ ହଜିଯାଇନି; ହଜିଯାଉଛି ତାକୁ ଜୀବନ୍ତ କରୁଥିବା ସେହି ଅଗଣା, ସେହି ମେଳି, ସେହି ଗୀତ ଓ ସେହି ନିର୍ମଳ ଅପେକ୍ଷା । ତେଣୁ ପରମ୍ପରାକୁ ବଂଚାଇବା ମାନେ କେବଳ ଗୋଟିଏ ଓଷାକୁ ବଂଚାଇବା ନୁହେଁ— ନିଜ ମାଟିର ସ୍ମୃତି, ନିଜ ଘରର ଅଗଣା, ନିଜ ମାଆଙ୍କ ହାତର ସ୍ପର୍ଶ ଓ ନିଜ ସଂସ୍କୃତିର ଚନ୍ଦ୍ରାଲୋକକୁ ବଂଚାଇ ରଖିବା ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର, ବିଶ୍ୱେଶ୍ୱରପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨, ମୋ: ୭୦୦୮୨୪୧୨୮୭

ନବଦୁର୍ଗା ପୂଜା ବିଧାନ

॥ ଡଃ.ଅରୁନ୍ଧତୀ ଦେବୀ ॥

ଶାରଦୀୟ ବା ବାସନ୍ତୀ ଦୁର୍ଗୋତ୍ସବରେ ଶୁକ୍ଳ ଷଷ୍ଠୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ନବରାତ୍ରପୂଜାର ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ଦୁର୍ଗାରୂପର ପୂଜା କ୍ରମରେ କରାଯାଏ । ଯଥା - ଷଷ୍ଠୀରେ ଶୈଳପୁତ୍ରୀ, ସପ୍ତମୀରେ ବ୍ରହ୍ମଚାରିଣୀ ଇତ୍ୟାଦି ଇତ୍ୟାଦି । 'ଶୁକ୍ଳାଷଷ୍ଠ୍ୟାଂ ଅବଷ୍ଟଭ୍ୟ ଯାବତ୍ ଶୁକ୍ଳ ଚତୁର୍ଦ୍ଦଶୀ । ନବଦୁର୍ଗା ବିଧାତବ୍ୟା ସର୍ବକାର୍ଯ୍ୟ ଫଳାର୍ଥିନା ।। ସଂପୂଜ୍ୟ ବିଧିବତ୍ ଦେବୀଂ ଚଣ୍ଡିକାଂ କୃତାତର୍ପଣା । କଳଶଂ ପଂଚରତ୍ନାଢ୍ୟଂ ସହକାର ଦଳାନ୍ବିତଂ ।। ସବସଂ ସଂ ପରିସ୍ଥାପ୍ୟ ଚଣ୍ଡିକାଗ୍ରେଂମସାନ୍ବିତଂ । ସମନ୍ତାତ୍ ପୂଜୟେତ୍ ବିଷ୍ଣୁ ଦିଶଂ ପାଳାନ୍ ଯଥାକ୍ରମେ । ଚନ୍ଦନେନ ବିଲିପ୍ତାଙ୍ଗଃ ସ୍ରଗ୍‌ବିନ୍ୟାସ ପରାୟଣଃ ।।' ବନଦୁର୍ଗା ମନ୍ତ୍ରରେ ସମସ୍ତଙ୍କର ଯଥୋପଚାର ପୂଜାକର୍ତ୍ତବ୍ୟ ।

ଶୈଳପୁତ୍ରୀ : ଶାରଦୀୟ ନବରାତ୍ରର ପ୍ରଥମ ଦିନ ମା' ଦୁର୍ଗାଙ୍କ ପ୍ରଥମ ସ୍ୱରୂପ ଶୈଳପୁତ୍ରୀଙ୍କୁ ପୂଜା କରାଯାଏ । ଶୈଳରାଜ ହିମାଳୟର ପୁତ୍ରୀ ରୂପରେ ଜନ୍ମ ନେଇଥିବାରୁ ମା'ଶୈଳପୁତ୍ରୀ ନାମରେ ବିଖ୍ୟାତ ହେଲେ । ମା'ହେଉଛନ୍ତି ତ୍ରିଦେବଙ୍କ ମୂଳ ଶକ୍ତି ସ୍ୱରୂପା । ମା'ଙ୍କ ବାହନ ବୃଷଭ, ଡାହାଣହସ୍ତରେ ତ୍ରିଶୂଳ ଓ ବାମହସ୍ତରେ ପଦ୍ମ ଶୋଭାପାଏ । ମା'ଶୈଳପୁତ୍ରୀଙ୍କୁ ପୂଜା କରିବା ଦ୍ୱାରା ମୂଳାଧାର ଚକ୍ର ଜାଗ୍ରତ ହୋଇଥାଏ । ଏହାଦ୍ୱାରା ଅନେକ ଉପଲବ୍ଧି ପ୍ରାପ୍ତ ହୁଏ । ସାଧକର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ ମନସ୍କାମନା ପୂରଣ କରନ୍ତି ମା'ଶୈଳପୁତ୍ରୀ ।

ମହାଗୌରୀ : ମା'ଦୁର୍ଗାଙ୍କ ଅଷ୍ଟମ ଶକ୍ତିର ନାମ ମହାଗୌରୀ । ଦେବୀ ମହାଗୌରୀ ଭକ୍ତର ସମସ୍ତ ମନୋବାଞ୍ଛା ପୂରଣ କରନ୍ତି । ମା'ଙ୍କ ଆରାଧନାରେ ଭକ୍ତର ଜନ୍ମଜନ୍ମାନ୍ତର ପାପ ଧୋଇଯାଏ । ବୃଷାରୂଢ଼ା ଚତୁର୍ଭୁଜା ମା' ଶୁଭ୍ରବାସନା । ମା'ଙ୍କ ଆୟୁ ଆଠବର୍ଷ ବୋଲି କୁହାଯାଏ । ଡାହାଣ ଉର୍ଦ୍ଧ୍ୱହସ୍ତ ଅଭୟ ମୁଦ୍ରାରେ ଓ ଅନ୍ୟଟିରେ ମା'ତ୍ରିଶୂଳ ଧାରଣ କରିଛନ୍ତି । ବାମ ଉର୍ଦ୍ଧ୍ୱହସ୍ତରେ ଡମରୁ ଓ ଅନ୍ୟ ହସ୍ତଟି ବରଦ ମୁଦ୍ରାରେ ଥାଏ । ମହାଗୌରୀ ମା'ଦୁର୍ଗାଙ୍କର ଅଷ୍ଟମ ଶକ୍ତି । ଶରୀରର ବର୍ଣ୍ଣ ଗୌର ହେତୁ ତାଙ୍କର ନାମ ମହାଗୌରୀ । ଶଙ୍ଖ, ଚନ୍ଦ୍ର ଓ କୁନ୍ଦପୁଷ୍ପ ସହିତ ତାଙ୍କର ଶରୀରର ବର୍ଣ୍ଣର ତୁଳନା କରାଯାଏ । ଶାସ୍ତ୍ରୋକ୍ତି ଅଛି - 'ଅଷ୍ଟବର୍ଷା ଭବେତ୍ ଗୌରୀ' ଅର୍ଥାତ୍ ତାଙ୍କୁ ଆଠବର୍ଷ ବୟସ ବୋଲି ମନେକରାଯାଏ । ଦେବୀ ଶ୍ୱେତବସନା ଏବଂ ଶ୍ୱେତବୃଷର ବାହନା । ଚତୁର୍ଭୁଜା ଏବଂ ଦେବୀଙ୍କର ଦକ୍ଷିଣ ଦୁଇ ଭୁଜରେ ଅଭୟ ମୁଦ୍ରା ଓ ତ୍ରିଶୂଳ ଏବଂ ବାମ ଦୁଇଭୁଜରେ ବରଦମୁଦ୍ରା ଓ ଡମରୁ ଶୋଭାପାଏ । ଭାବଭଙ୍ଗୀରେ ଏହି ଦେବୀ ଶାନ୍ତା ।

ବ୍ରହ୍ମଚାରିଣୀ : ମା'ଦୁର୍ଗାଙ୍କ ନବଶକ୍ତିର ଦ୍ୱିତୀୟ ସ୍ୱରୂପ ହେଉଛି ବ୍ରହ୍ମଚାରିଣୀ । ବ୍ରହ୍ମଚାରିଣୀ ଦେବୀଙ୍କ ସ୍ୱରୂପ ପୂର୍ଣ୍ଣ ଜ୍ୟୋତିର୍ମୟ ଏବଂ ଅତ୍ୟନ୍ତ ଭବ୍ୟ । ଡାହାଣହସ୍ତରେ ଜପମାଳା ଏବଂ ବାମହସ୍ତରେ ମା'ଧାରଣ କରିଛନ୍ତି କମଣ୍ଡଳୁ । ନାରଦଙ୍କ ଉପଦେଶରେ ମହାଦେବଙ୍କୁ ପାଇବା ପାଇଁ ମା' କଠୋର ତପସ୍ୟା କରିଥିଲେ ।

କାତ୍ୟାୟନୀ : ନବରାତ୍ରୀର ଷଷ୍ଠ ଦିବସରେ ମା' କାତ୍ୟାୟନୀଙ୍କୁ ପୂଜା କରାଯାଏ । ଋଷି କାତ୍ୟାୟନ ଭଗବତୀ ଦୁର୍ଗାଙ୍କର ଏକ ସ୍ୱତନ୍ତ୍ର ତଥା ଶକ୍ତିଶାଳୀ ସ୍ୱରୂପର ସର୍ବପ୍ରଥମ ଆରାଧନା କରିଥିଲେ । ତାଙ୍କ ନାମାନୁସାରେ ଦେବୀଙ୍କ ନାମ କାତ୍ୟାୟନୀ ହୋଇଛି । ମା'ଙ୍କ ସ୍ୱରୂପ ଅତ୍ୟନ୍ତ ଦିବ୍ୟ, ବର୍ଣ୍ଣ ସ୍ୱର୍ଣ୍ଣସମ ଚମକଦାର । ଚତୁର୍ଭୁଜା ମା'ଙ୍କ ଡାହାଣ ଉର୍ଦ୍ଧ୍ୱହସ୍ତ ଅଭୟ ମୁଦ୍ରା ଓ ନିମ୍ନହସ୍ତ ବରଦ ମୁଦ୍ରାରେ ଅଛି । ବାମ ଉର୍ଦ୍ଧ୍ୱହସ୍ତରେ ଖଣ୍ଡା ଓ ନିମ୍ନହସ୍ତରେ ମା' ପଦ୍ମଫୁଲ ଧାରଣ କରିଛନ୍ତି । ଶତ୍ରୁ ବିନାଶ ପାଇଁ ଦେବୀଙ୍କୁ ଆରାଧନା କରାଯାଏ । ସିଂହବାହିନୀ ମା'ଙ୍କ ଚରଣରେ ସର୍ବସ୍ୱ ସମର୍ପଣ କରିଦେଲେ ମା'ଙ୍କ ଦର୍ଶନ ହୋଇଥାଏ । ମା'ଙ୍କୁ ଭକ୍ତି କଲେ ଅର୍ଥ କର୍ମ, କାମ, ମୋକ୍ଷ ପ୍ରାପ୍ତି ହୋଇଥାଏ ।ନବରାତ୍ରିର ଷଷ୍ଠଦିନରେ ଏହାଙ୍କର ଉପାସନା କାଳରେ ସାଧକଙ୍କର ମନ ଆଜ୍ଞାଚକ୍ରରେ ଅବସ୍ଥାନ କରେ । ଏହାଙ୍କର ଉପାସନା ଫଳରେ ରୋଗ, ଶୋକ, ସନ୍ତାପ ଓ ଭୟ ଆଦି ବିନଷ୍ଟ ହୁଏ ।

କୁଷ୍ମାଣ୍ଡା : ମା'ଙ୍କ ଚତୁର୍ଥ ସ୍ୱରୂପର ନାମ କୁଷ୍ମାଣ୍ଡା । ମନ୍ଦହାସ୍ୟ ଓ ବ୍ରହ୍ମାଣ୍ଡ ଉତ୍ପନ୍ନ କରିବା ହେତୁ ମା' କୁଷ୍ମାଣ୍ଡା ଦେବୀ ଭାବେ ପ୍ରସିଦ୍ଧ । ମା'ସୃଷ୍ଟିର ଆଦିସ୍ୱରୂପା ଓ ଆଦିଶକ୍ତି । ସୂର୍ଯ୍ୟମଣ୍ଡଳର ଅନ୍ତଃଲୋକରେ ମା'ଙ୍କ ନିବାସ । ମା'ଙ୍କ ପୂଜା କଲେ ଭକ୍ତର ସମସ୍ତ ରୋଗ ନାଶହୁଏ । ମା'ଙ୍କ କୃପାରୁ ଆୟୁ, ଯଶ, ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ହୁଏ । ମା'ଙ୍କୁ ଅଷ୍ଟଭୁଜା କୁହାଯାଏ । ମା'ସାତଟି ଭୁଜରେ କମଣ୍ଡଳୁ, ଧନୁଷ, ବାଣ, କମଳ, ଅମୃତପୂର୍ଣ୍ଣ କଳସ ଚକ୍ର ଓ ଗଦା ଧାରଣ କରିଛନ୍ତି । ଅଷ୍ଟମହସ୍ତରେ ସମସ୍ତ ସିଦ୍ଧି ଓ ନିଧି ପ୍ରଦାନକାରୀ ଜପମାଳା ଧାରଣ କରିଛନ୍ତି । କୁଷ୍ମାଣ୍ଡା ଦେବୀ ଅଳ୍ପସେବା ଓ ଅଳ୍ପ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି । ଦେବୀ କୁଷ୍ମାଣ୍ଡା ଅଷ୍ଟଭୁଜା । ସେ ତାଙ୍କର ସାତ ହାତରେ କମଣ୍ଡଳୁ, ଧନୁ, ବାଣ, ପଦ୍ମପୁଷ୍ପ, ଅମୃତ କଳସ, ଚକ୍ର ଓ ଗଦା ଧାରଣ କରନ୍ତି । ତାଙ୍କର ଅଷ୍ଟମ ହସ୍ତରେ ସିଦ୍ଧି ଓ ନିଧି ପ୍ରଦାନକାରୀ ଜପମାଳା ଶୋଭିତ । ତାଙ୍କର ବାହନ ସିଂହ । ତାହାଙ୍କୁ କୁଷ୍ମାଣ୍ଡ ବଳି ପ୍ରଦାନ କରାଯାଏ । ନବରାତ୍ରିର ଚତୁର୍ଥ ଦିନ ଏହି ଦେବୀଙ୍କୁ ଉପାସନା କରିବା ସମୟରେ ସାଧକଙ୍କର ମନ ଅନାହତ ଚକ୍ରରେ ଅବସ୍ଥାନ କରେ । ତାଙ୍କର ଉପାସନା ଫଳରେ, ଆୟୁ, ଯଶ, ବଳ, ବୁଦ୍ଧି ଓ ଆରୋଗ୍ୟ ଲାଭ ହୁଏ ।

ସ୍କନ୍ଦମାତା : ନବରାତ୍ରୀର ପଂଚମ ଦିନରେ ମା' ସ୍କନ୍ଦମାତାଙ୍କୁ ପୂଜା କରାଯାଏ । କୁମାର କାର୍ତ୍ତିକେୟ ହେଉଛନ୍ତି ସ୍କନ୍ଦ । ମା'ପାର୍ବତୀ କର୍ତ୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା ବୋଲି କୁହାଯାଏ । ସ୍କନ୍ଦ ବାଳକ ରୂପରେ ମା'ଙ୍କ କୋଳରେ ବସିଛନ୍ତି । ମାତୃସ୍ୱରୂପିଣୀ ଦେବୀଙ୍କର ଚାରିଭୁଜ । ସେ କମଳରେ ବିରାଜିତା, ତେଣୁ ମା'ଙ୍କୁ ପଦ୍ମାସନା ଦେବୀ ମଧ୍ୟ କୁହାଯାଏ । ମା'ଙ୍କ ବାହନ ସିଂହ । ଗୌରବର୍ଣ୍ଣା ମାତାଙ୍କର ତିନୋଟି ନୟନ । ସାଧକଙ୍କର ମନ ଏହି ଦିନ ବିଶୁଦ୍ଧ ଚକ୍ରରେ ଅବସ୍ଥାନ କରେ । ଏହି ଦେବୀ ଚତୁର୍ଭୁଜା । ସେ ଗୋଟିଏ ଉର୍ଦ୍ଧ୍ୱ ହସ୍ତରେ ଶିଶୁ ସ୍କନ୍ଦଙ୍କୁ ଧରିଥିବାବେଳେ ଉର୍ଦ୍ଧ୍ୱମୁଖୀ ଅନ୍ୟ ହସ୍ତରେ ପଦ୍ମପୁଷ୍ପ ଧାରଣ କରିଥାନ୍ତି । ତାଙ୍କର ଗୋଟିଏ ହସ୍ତ ନିମ୍ନମୁଖୀ ହୋଇ ଅଭୟ ମୁଦ୍ରାରେ ରହିଥାଏ ଏବଂ ଅନ୍ୟ ହସ୍ତଟି ଉର୍ଦ୍ଧ୍ୱମୁଖୀ ହୋଇ ପଦ୍ମପୁଷ୍ପ ଧାରଣ କରିଥାଏ । ତାଙ୍କର ଶରୀରର କାନ୍ତି ଶୁଭ୍ର ତାଙ୍କର ବାହାନ ସିଂହ । ପଂଚମ ଦିବସର ଉପାସ୍ୟ ଏହି ଦେବୀଙ୍କର ଉପାସନା କାଳର ସାଧକଙ୍କର ମନ ବିଶୁଦ୍ଧ ଚକ୍ରରେ ଅବସ୍ଥାନ କରେ । ସେ ନିଜ ସ୍ୱରୂପର ବିଶୁଦ୍ଧ ଚେତନା ଦିଗରେ ଅଗ୍ରସର ହୁଅନ୍ତି । ତାଙ୍କର ମନ ପରମ ଶାନ୍ତି ଓ ସୁଖ ଅନୁଭବ କରେ ଏବଂ ତାଙ୍କ ନିମନ୍ତେ ମୋକ୍ଷର ଦ୍ୱାର ଉନ୍ମୁକ୍ତ ହୋଇଯାଏ । ସିଦ୍ଧିଦାତ୍ରୀ : ମା'ଦୁର୍ଗାଙ୍କ ନବମ ଶକ୍ତି ହେଉଛନ୍ତି ସିଦ୍ଧି । ସେ ସିଦ୍ଧିଦାତ୍ରୀ । ମାର୍କଣ୍ଡେୟ ପୁରାଣ ଅନୁସାରେ ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରକାମ୍ୟ, ଈଶିତ୍ୱ ଓ ବଶିତ୍ୱ ହେଉଛନ୍ତି ଅଷ୍ଟସିଦ୍ଧି । ଦେବୀ ପୁରାଣ ଅନୁସାରେ, ଏମାନଙ୍କ କୃପାରୁ ମହାଦେବ ସିଦ୍ଧିପ୍ରାପ୍ତ କରିଥିଲେ ଏବଂ ଶିବଙ୍କ ଅଧା ଶରୀର ଦେବୀଙ୍କର ହୋଇଥିଲା । ଏହି କାରଣରୁ ସେ ଅର୍ଦ୍ଧନାରୀଶ୍ୱର ନାମରେ ପ୍ରସିଦ୍ଧ । ଚତୁର୍ଭୁଜା ସିଂହବାହିନୀ ମା' ସିଦ୍ଧିଦାତ୍ରୀ ପଦ୍ମଫୁଲ ଉପରେ ବିରାଜିଛନ୍ତି । ପ୍ରସନ୍ନବଦନା ମା'ଙ୍କ ଆରାଧନାରେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ଫଳପ୍ରାପ୍ତି ହୁଏ । ଭଗବତୀ ସିଦ୍ଧିଦାତ୍ରୀଙ୍କ ଧ୍ୟାନ, ସ୍ତୋତ୍ର ଓ କବଚ ପାଠ କଲେ ନିର୍ବାଣ ଚକ୍ର ଜାଗ୍ରତ ହୁଏ ।

ଚନ୍ଦ୍ରଘଂଟା : ନବରାତ୍ରୀର ତୃତୀୟ ଦିନ ମା'ଦୁର୍ଗାଙ୍କ ତୃତୀୟ ଶକ୍ତି ଚନ୍ଦ୍ରଘଂଟାଙ୍କୁ ପୂଜା କରାଯାଏ । ମା'ଙ୍କ ଏହି ସ୍ୱରୂପ ଶାନ୍ତିଦାୟକ ଏବଂ କଲ୍ୟାଣକାରୀ । ମା'ଙ୍କ ମଥାରେ ଘଂଟା ଆକୃତିର ଅର୍ଦ୍ଧଚନ୍ଦ୍ର ରହିଛି ।

କାଳରାତ୍ରି : ମା'ଙ୍କ ନବଶକ୍ତିର ସପ୍ତମ ସ୍ୱରୂପ ହେଉଛନ୍ତି ମା' କାଳରାତ୍ରି । ଭଗବତୀ ଦୁର୍ଗାଙ୍କର ସବୁଠାରୁ ଭୟଙ୍କର ଓ ହିଂସାତ୍ମକ ରୂପ ହେଉଛନ୍ତି ଦେବୀ କାଳରାତ୍ରି । କିନ୍ତୁ ମା' ସର୍ବଦା ଶୁଭ ଫଳଦାୟିନୀ । ଶରୀର ରଙ୍ଗ ଘନକଳା । ମୁଣ୍ଡମାଳୀ ମା'ଙ୍କ ଗଳାରେ ବିଦ୍ୟୁତ୍ ଭଳି ଚମକୁଥିବା ମାଳା । ମା'ଙ୍କର ତିନିଟି ନେତ୍ର, ଯାହା ବ୍ରହ୍ମାଣ୍ଡ ଭଳି ଗୋଲ । ଶ୍ୱାସ, ନିଃଶ୍ୱାସରୁ ଭୟଙ୍କର ଅଗ୍ନିଜ୍ୱାଳା ନିର୍ଗତ ହେଉଥାଏ । ମା'ଙ୍କ ବାହନ ଗର୍ଦ୍ଦଭ । ଉର୍ଦ୍ଧ୍ୱକୁ ଥିବା ମା'ଙ୍କର ଡାହାଣହସ୍ତ ବରଦ ମୁଦ୍ରାରେ ଭକ୍ତଜନଙ୍କୁ ବରଦାନ କରେ ଓ ନିମ୍ନହସ୍ତ ଅଭୟମୁଦ୍ରାରେ ରହିଛି । ବାମ ଉର୍ଦ୍ଧ୍ୱହସ୍ତ ଲୁହାକଂଟା ଓ ନିମ୍ନହସ୍ତରେ ମା'ଖଡ୍ଗ ଧାରଣ କରିଛନ୍ତି । ସଂସାରର ଦୁଷ୍ଟଶକ୍ତି ଦମନ ପାଇଁ ମା'ଙ୍କର ଏହି କରାଳ ରୂପ । ତାହାଙ୍କର ପୂଜା କଲେ ଭକ୍ତ ଓ ସାଧକ ସିଦ୍ଧିର ଅଧିକାରୀ ହୁଅନ୍ତି । ସଂସାରର କିଛି ବି ତାଙ୍କ ପାଇଁ ଅଗମ୍ୟ ହୋଇ ରହେନାହିଁ । ସେ ବ୍ରହ୍ମାଣ୍ଡ ବିଜୟର କ୍ଷମତା ଲାଭ କରନ୍ତି । ଏହିପରି ଭାବରେ ନବରାତ୍ରିରେ ନବଦୁର୍ଗାଙ୍କର ଉପାସନା ଭକ୍ତ ଓ ସାଧକଙ୍କୁ କୃତାର୍ଥ କରିଥାଏ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଣୋଭନାଯତା ନିରୋଧ
ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

ଆରମ୍ଭ

SEITHO ARAMBHA

ଶନିବାର, ୨୪ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

୨୦ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ୨୦୨୬ର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର, ୨୩/୧୦ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ 'ତ୍ରିଧାରା' ଦ୍ୱାରା ଆୟୋଜିତ '୨୦ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ୨୦୨୬'ର ଦ୍ୱିତୀୟ ସନ୍ଧ୍ୟା ଭାରତର ସମୃଦ୍ଧ କଳାତ୍ମକ ପରମ୍ପରାର ଏକ ଆକର୍ଷଣୀୟ ଉତ୍ସବ ଭାବେ ପରିଲକ୍ଷିତ ହେଲା । ଏହି ସନ୍ଧ୍ୟାରେ କୁଚିପୁଡ଼ି ନୃତ୍ୟର ସୌନ୍ଦର୍ଯ୍ୟ ଏବଂ ଗଜଲର ଚିରନ୍ତନ ଆକର୍ଷଣ ଏକତ୍ରିତ ହୋଇଥିଲା । ଏଥିରେ ବିଶିଷ୍ଟ ଯୁବ କୁଚିପୁଡ଼ି କଳାକାର ଶ୍ରୀ ଗୁରୁ ରାଜୁଙ୍କ ଏକ ମନମୁଗ୍ଧକର ଏକକ ନୃତ୍ୟ ପରିବେଷଣ ହୋଇଥିବା ବେଳେ, ତା' ପରେ ପ୍ରସିଦ୍ଧ ଗଜଲ ଗାୟକ ପଣ୍ଡିତ ଚନ୍ଦନ ଦାସଙ୍କ ଦ୍ୱାରା 'ଶାମ୍-ଏ-ଗଜଲ' ଶୀର୍ଷକ ଏକ ହୃଦୟସ୍ପର୍ଶୀ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ସନ୍ଧ୍ୟାରେ ଜଗତସିଂହପୁରର ମାନ୍ୟବର ସାଂସଦ ବିଭୂ ପ୍ରସାଦ ତରାଇ; ଓଡ଼ିଶା ସରକାରଙ୍କ ରାଜସ୍ୱ ପରିଷଦର ପୂର୍ବତନ ସଦସ୍ୟ ଅଶୋକ କୁମାର ତ୍ରିପାଠୀ; 'ତ୍ରିଧାରା'ର ସଭାପତି ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ପଣ୍ଡା; 'ତ୍ରିଧାରା'ର କାର୍ଯ୍ୟକାରୀ ସଭାପତି ସିମାଂଚଳ ପଣ୍ଡା ଏବଂ 'ତ୍ରିଧାରା'ର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାମଣ୍ଡିତ କରିଥିଲେ । ସନ୍ଧ୍ୟାର ପ୍ରଥମ ପରିବେଷଣରେ ଶ୍ରୀଗୁରୁରାଜୁଙ୍କ ଏକକ ନୃତ୍ୟାଭିନୟ ମାଧ୍ୟମରେ କୁଚିପୁଡ଼ି ନୃତ୍ୟର ଅପୂର୍ବ ମହିମା ଓ ଶାସ୍ତ୍ରୀୟ ସୌନ୍ଦର୍ଯ୍ୟ ଜୀବନ୍ତ ହୋଇଉଠିଥିଲା । ଏହାର ଲାଳିତ୍ୟପୂର୍ଣ୍ଣ ଗତିବିଧି, ଭାବପୂର୍ଣ୍ଣ ଅଭିନୟ ଏବଂ ଜଟିଳତାଳଲୟର ଅନନ୍ୟ ସମନ୍ୱୟ ଭାରତୀୟ କଳା ପରମ୍ପରାର ଗଭୀରତାକୁ ମଂଚ ଉପରେ ସଜୀବ କରିଥିଲା ।ନୃତ୍ୟ, ଅଭିନୟ ଓ ସଙ୍ଗୀତର ମନୋମୁଗ୍ଧକର ମିଶ୍ରଣଦର୍ଶକ ମାନଙ୍କୁ ଏକ ଅନନ୍ୟ କଳାତ୍ମକ ଅନୁଭୂତି ପ୍ରଦାନ କରିଥିଲା । ଏହାପରେ ପରିବେଷିତ ସଙ୍ଗୀତ କାର୍ଯ୍ୟକ୍ରମ 'ଶାମ୍-ଏ-ଗଜଲ୍' ଦର୍ଶକ ମାନଙ୍କୁ ଗଜଲର ଭାବବିହ୍ୱଳ ଓ ସୁରମୟ ଦୁନିଆକୁ ନେଇଯାଇଥିଲା । ପଣ୍ଡିତ ଚନ୍ଦନ ଦାସଙ୍କ ଦ୍ୱାରା ପରିବେଷିତ ଏହି ଗଜଲ ସନ୍ଧ୍ୟାରେ କବିତାର ମାଧୁର୍ଯ୍ୟ, ଆତ୍ମାକୁ ଛୁଇଁଯିବା ଭଳି ସୁର ଏବଂ ହୃଦୟସ୍ପର୍ଶୀ ଭାବାବେଗର ଅପୂର୍ବ ସମାହାର ଦେଖିବାକୁ ମିଳିଥିଲା । ଭାବଗଭୀରତା ଓ ଚିରନ୍ତନ ଆକର୍ଷଣ ପାଇଁ ସୁପରିଚିତ ଏହି ସଙ୍ଗୀତ ଧାରା ଶ୍ରୋତାମାନଙ୍କୁ ଏକ ଅନ୍ତରଙ୍ଗ ଓ ମନମୁଗ୍ଧକର ସଙ୍ଗୀତମୟ ଅନୁଭୂତିରେ ବାନ୍ଧି ରଖିଥିଲା । ଏହି ମହୋତ୍ସବ ଭାରତର ବିଭିନ୍ନ ଶାସ୍ତ୍ରୀୟ ତଥା ସମସାମୟିକ ପରିବେଷଣ କଳା ପାଇଁ ଏକ ଉତ୍କୃଷ୍ଟ ମଂଚ ଯୋଗାଇ ଆସୁଛି । ଏହା ସାଂସ୍କୃତିକ ସଚେତନତା ବୃଦ୍ଧି କରିବା ସହ କଳାକାର ଏବଂ ଦର୍ଶକଙ୍କୁ ଏକତ୍ରିତ କରିବାରେ ସହାୟକ ହେଉଛି । ଏଭଳି ପ୍ରୟାସ ଓଡ଼ିଶାର ସାଂସ୍କୃତିକ ପରିବେଶକୁ ଅଧିକ ସମୃଦ୍ଧ କରୁଛି ଏବଂ ରାଜ୍ୟର ପରିଚୟକୁ ସୁଦୃଢ଼ କରୁଛି । ଓଡ଼ିଶା କେବଳ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ ଐତିହ୍ୟ ପାଇଁ ନୁହେଁ, ବରଂ ଏହାର ଜୀବନ୍ତ କଳାତ୍ମକ ପରମ୍ପରା ପାଇଁ ମଧ୍ୟ ସୁପରିଚିତ । ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା, ରିନା ପଣ୍ଡା, ଆଶୁତୋଷ ପଣ୍ଡା ଏବଂ ପ୍ରତ୍ୟୁତୋଷ ପଣ୍ଡା । କାର୍ଯ୍ୟକ୍ରମଟିକୁ ପରିଚାଳନା (ଆଙ୍କରିଂ) କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ।

ଶୈଳଶ୍ରୀ ପ୍ୟାଲେସରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ପାଳିତ

ବଲାଙ୍ଗିର, ୨୩/୧୦ (ଆ.ପ୍ର) : ବଲାଙ୍ଗିର ସହରସ୍ଥିତ ଶୈଳଶ୍ରୀ ପ୍ୟାଲେସ ପରିସରରେ ପବିତ୍ର ବିଜୟା ଦଶମୀ ଅବସରରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ଆୟୋଜିତ ହୋଇଯାଇଛି । ପାଟଣା ରାଜ୍ୟ ଅମଳରୁ ପ୍ରଚଳିତ ଏହି ପାରମ୍ପରିକ ଉତ୍ସବ ଆଜି ମଧ୍ୟ ବଲାଙ୍ଗିରର ଐତିହ୍ୟ, ସଂସ୍କୃତି ଓ ଧାର୍ମିକ ପରମ୍ପରାର ଏକ ଅନନ୍ୟ ପରିଚୟ ହୋଇ ରହିଛି । ଶୈଳଶ୍ରୀ ପ୍ୟାଲେସରେ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ମା' ଦଶମତୀ ଓ ପାଟଖଣ୍ଡା ଦେବୀଙ୍କୁ ରାଜପରିବାରର କୁଳଦେବୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ । ଦଶହରା ଅବସରରେ ରାଜପରିବାର ପକ୍ଷରୁ ବିଭିନ୍ନ ଶୁଭକାର୍ଯ୍ୟର ଶୁଭାରମ୍ଭ କରିବାର ପରମ୍ପରା ମଧ୍ୟ ରହିଛି । ପୂର୍ବରୁ ବଲାଙ୍ଗିର ସହରର ସୁଦପଡ଼ା ଓ ତୁଳସୀନଗର ଅଂଚଳରେ ଲାଖବିନ୍ଧା ଉତ୍ସବ ଆୟୋଜିତ ହେଉଥିଲା । ଶୈଳଶ୍ରୀ ପ୍ୟାଲେସରୁ ଛତ୍ର, ବୈରଗ ଓ ପାରମ୍ପରିକ ପଟୁଆର ସହିତ ପାଟଖଣ୍ଡାଙ୍କୁ ନିଆଯାଇ ଏହି ଉତ୍ସବ ପାଳନ କରାଯାଉଥିଲା । କାଳକ୍ରମେ ଏହି ପରମ୍ପରାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଶୈଳଶ୍ରୀ ପ୍ୟାଲେସରେ ଏହାକୁ ଜୀବନ୍ତ ରଖିବାର ପ୍ରୟାସ ଜାରି ରହିଛି । ଚଳିତ ବର୍ଷ ମଧ୍ୟ ପାଟଖଣ୍ଡାଙ୍କୁ ମନ୍ଦିରରୁ ବାହାର କରାଯାଇ ନୀଳକଣ୍ଠ ମହାଦେବ ମନ୍ଦିରକୁ ନିଆଯାଇଥିଲା । ସେଠାରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ରୀତିନୀତି ଅନୁସାରେ ଲାଖବିନ୍ଧା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ରାଜପୁରୋହିତ ସନ୍ତୋଷ କୁମାର ଦାଶ ନଡ଼ିଆକୁ ଭେଦ କରି ଲାଖବିନ୍ଧା ପରମ୍ପରା ସମ୍ପନ୍ନ କରିଥିଲେ । ଏହି ଉତ୍ସବ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ବଲାଙ୍ଗିରର ଗୌରବମୟ ଇତିହାସ, ରାଜକୀୟ ପରମ୍ପରା ଓ ଲୋକସଂସ୍କୃତିର ଏକ ଜୀବନ୍ତ ପ୍ରତୀକ । ଆଧୁନିକତାର ପ୍ରଭାବ ମଧ୍ୟରେ ଏପରି ପାରମ୍ପରିକ ଉତ୍ସବର ସଂରକ୍ଷଣ ଓ ପୁନରୁଦ୍ଧାର ଆଗାମୀ ପିଢ଼ିକୁ ନିଜ ଐତିହ୍ୟ ସହ ଯୋଡ଼ି ରଖିବାରେ ସହାୟକ ହେବ । ଏହି ଅବସରରେ ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଶାନ୍ତ ମହାକୁର, ରିଂଟୁ ସାହୁ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ବିଶିଷ୍ଟ ଲେଖକ କବିରାଜ ଭୋଇ, ଜୟ କୁମାର ଆଚାର୍ଯ୍ୟଙ୍କ ସମେତ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ପାରମ୍ପରିକ ଉତ୍ସବରେ ସାମିଲ ହୋଇଥିଲେ । ଲାଖବିନ୍ଧାର ଏହି ପରମ୍ପରା ବଲାଙ୍ଗିରର ଐତିହ୍ୟ ଓ ସାଂସ୍କୃତିକ ଅସ୍ମିତାର ଏକ ଅମୂଲ୍ୟ ସମ୍ପଦ । ଏହାର ସୁରକ୍ଷା ଓ ପ୍ରଚାରପ୍ରସାର ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ।

ସ୍ୱର୍ଗତ କାଗଜୀ ପାଇକରାୟଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ

ଚିଲିକା/ ବାଣପୁର, ୨୩/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ବୋରିଗାଁ ଗ୍ରାମର ଧର୍ମ ପରାୟଣ ସମାଜସେବୀ ସ୍ୱର୍ଗତ କାଗଜୀ ପାଇକରାୟ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ନିଜସ୍ୱ ବାସଭବନ ଠାରେ ତାଙ୍କର ଜ୍ୟେଷ୍ଠ ପୁତ୍ର ଦିଲ୍ଲୀପ ପାଇକରାୟ, ଅନ୍ୟତମ ପୁତ୍ର ବାଣପୁର ଅଂଚଳର ବିଶିଷ୍ଟ କଣ୍ଠଶିଳ୍ପୀ ଭାଗିରଥୀ ପାଇକରାୟ ଏବଂ ଏକମାତ୍ର କନ୍ୟା ପୁଷ୍ପାଞ୍ଜଳି ପାଇକରାୟ ଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଗୋଦାବରୀଶ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ ନୃସିଂହ ଚରଣ ପ୍ରଧାନ ମୁଖ୍ୟ ଅତିଥି ଭାବେ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ, କବି ତଥା ବାଣପୁର ମା ଭଗବତୀ - ଦକ୍ଷେଶ୍ୱର ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସୁବକ୍ତା,ସୁ ସାହିତ୍ୟିକ ବାଳମୁକୁନ୍ଦ ଦାସ, ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଉପେନ୍ଦ୍ର ବଳୀୟାର ସିଂ, କାହ୍ନୁଚରଣ ଜେନା, କେଦାରନାଥ ରାଉତରାୟ, ସଂଗୀତ ନିର୍ଦ୍ଦେଶକ ସରୋଜ ଶାସମଲ୍ଲ, କଣ୍ଠଶିଳ୍ପୀ ଚିରଞ୍ଜିବୀ ପରିଡ଼ାଙ୍କ ସମେତ ସ୍ୱର୍ଗତ ପାଇକରାୟଙ୍କ ଆତ୍ମୀୟ ସ୍ୱଜନ, ବନ୍ଧୁ ପରିବାର ଯୋଗଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ତାଙ୍କର ସ୍ମୃତି ଚାରଣ କରି ଥିଲେ । ପ୍ରତ୍ୟେକ କ୍ଷେତ୍ରରେ ନିଜ ଗାଁ ସହିତ ଅଂଚଳ ର କିପରି ବିକାଶ ହେବ ସେଥିପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବାଣପୁର ଅଂଚଳର ବିଶିଷ୍ଟ କଣ୍ଠଶିଳ୍ପୀ ମାନଙ୍କୁ ନେଇ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା । ହିନ୍ଦୁ ସଂସ୍କୃତି ପରଂପରା ଅନୁସାରେ ଈଶ୍ୱରଙ୍କ ନିକଟରେ ଦିବଂଗତ ଆତ୍ମାର ସଦଗତି କାମନା କରାଯାଇ ଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଉପେନ୍ଦ୍ର ବଳୀୟାରସିଂ ଏବଂ କାର୍ଯକ୍ରମ ପରିଚାଳନା କରିଥିଲେ ବୋରିଗାଁ ଗ୍ରାମର ଯୁବ ସମାଜସେବୀ ପ୍ରଦୀପ କୁମାର ବିଶ୍ୱାଳ ଏବଂ ଗଣମାଧ୍ୟମ ପ୍ରତିନିଧି ସନ୍ତୋଷ କୁମାର ବଳୀୟାରସିଂ ।

ଗୌଡପଡା ବଜାରରେ ହରଗୌରୀ ପୂଜା ଅନୁଷ୍ଠିତ

ମାହାଙ୍ଗା, ୨୩/୧୦ (ଆ.ପ୍ର) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୌଡପଡା ବଜାରରେ ୫୫ବର୍ଷ ଧରି ହରଗୌରୀ ପୂଜା ଅନୁଷ୍ଠିତ ହୋଇଆସୁଛି । ପବିତ୍ର ସପ୍ତମୀ ତିଥି ଠାରୁ ରୀତିଓ ନୀତି ଅନୁଯାୟୀ ହରଗୌରୀ ପୂଜା ଅନୁଷ୍ଠିତ ହୋଇଥିଲା । ପୂଜକ କୃଷ୍ଣ ଚନ୍ଦ୍ର ପଣ୍ଡା ହରଗୌରୀଙ୍କ ପୂଜା କାର୍ଯ୍ୟ ସଂପନ୍ନ କରିଥିଲା ବେଳେ କର୍ତ୍ତାଭାବେ ଉଦୟନାଥ ସିଂହ ଯୋଗଦେଇଥିଲେ । ପୂଜା କମିଟିର ସଭାପତି ଅଜୟ କୁମାର ସ୍ୱାଇଁ , ସଂପାଦକ ରଂଜନ କୁମାର ଭୂୟାଁ, କୋଷାଧ୍ୟକ୍ଷ ଦୋଳଗୋବିନ୍ଦ ନାଥ, ଡ. ଭାଗ୍ୟଧର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌତମ ସାହୁ, ରମେଶ ସ୍ୱାଇଁ, ଭୋବା ଦାସ, ଗିରିଜା ଦାସ, ଉଦ୍ୟକାନ୍ତ ଦାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ପୂଜାକମିଟିରେ ଉଦ୍ୟକାନ୍ତ ଦାସ ୧୦୧ଟଙ୍କା ଦେଇ ଆଜୀବନ ସଭ୍ୟ ହୋଇଥିଲେ । ପ୍ରତିବର୍ଷ ପରି ଚଳିତବର୍ଷ ଶାନ୍ତିଶୃଙ୍ଖଳା ସହିତ ହରଗୌରୀପୂଜା ଅନୁଷ୍ଠିତ ହୋଇଥିଲା ।

ମୃତ ବୈଦ୍ୟନାଥର ପରିବାରକୁ ସହଯୋଗର ହାତ ବଢାଇଲେ ଜିଲ୍ଲା ପ୍ରଶାସନ

ଖୋର୍ଦ୍ଧା, ୨୩/୧୦ (ଆ.ପ୍ର) : ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ, ଓଡିଶା ଦ୍ୱାରା ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ହୀରାପୁର ଗ୍ରାମର ୪୦ ବର୍ଷୀୟ ବୈଦ୍ୟନାଥ ମହାପାତ୍ରଙ୍କର, ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାରେ ମୃତ୍ୟୁ ବରଣ କରିଥିବା ତା ୧୭.୧୦.୨୦୧୬ ରିଖରେ ଖବର ପାଇ ତଥା ଶ୍ରମ ଆୟୁକ୍ତ, ଓଡିଶା ଓ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ପ୍ରଭାକର ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ଖୋର୍ଦ୍ଧାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁଣ୍ଟୁର ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ସହିତ ଆମ୍ବୁଲାନ୍ସ ଯୋଗେ ଜନ୍ମମାଟି ହୀରାପୁରକୁ ଗ୍ରାମକୁ ଅଣାଯାଇଛି । ପୁନଶ୍ଚ ମୃତଙ୍କ ପିତାଙ୍କ ଆବେଦନକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ଖୋର୍ଦ୍ଧାଙ୍କୁ ଅବଗତ କରାଯାଇ ତହସିଲଦାର ବେଗୁନିଆଙ୍କ ଦ୍ୱାରା ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦,୦୦୦/- ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ସମଗ୍ର ପ୍ରକ୍ରିୟାରେ ସହକାରୀ ଶ୍ରମ ଅଧିକାରୀ, ବେଗୁନିଆ ଆବଶ୍ୟକୀୟ ସହଯୋଗ ମଧ୍ୟ ପ୍ରଦାନ କରିଥିଲେ ।

ଆଦିବାସୀ ସାଂସ୍କୃତିକ ଭବନର ଭୂମି ପୂଜନ ଓ ନୂଆଖାଇ ଭେଟଘାଟ

ଚନ୍ଦାହାଣ୍ଡି, ୨୩/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ହଳଦୀଠାରେ ଆଦିବାସୀ ସାଂସ୍କୃତିକ ଭବନର ଭୂମି ପୂଜନ ଏବଂ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଗରିମାମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଝରୀଗାଁ ବିଧାୟକ ନରସିଂ ଭତ୍ରା, ଜିଲ୍ଲା ଗଣ୍ଡ ସମାଜ ସଭାପତି ପୁନୀତ ରାମ ମାଝୀ, ପୂର୍ବତନ ବିଧାୟକ ଗବର୍ଦ୍ଧନ ମାଝୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଶ୍ୟାମ ସୁନ୍ଦର ମାଝୀ, ଆଦିବାସୀ ସମାଜ ବ୍ଲକ ସଭାପତି, ଲଚମନ୍ ମାଝୀ, ନିରୁପମା ଧ୍ରୁଆ, ଗୌରୀ ନେଗୀ, ପୌରସ ମାଝୀ, ଅକାଲୁ ଜାନି, ଭୋଦେବ ବାଘ୍, ତରନ ନାୟକ, ଗୋବିନ୍ଦ ଜୈନ, ମୋହନ ନାୟକ, ସରୋଜ ଅଗସ୍ତି, ପୁରୁଷତମ ପାରି, ଏବଂ ଅନେକ ବିଜେପି କର୍ମକର୍ତ୍ତା ଏବଂ ଆଦିବାସୀ ସମାଜର ବରିଷ୍ଠ ନେତା ସଦସ୍ୟ ଜନସାଧାରଣ ଅଂଚଳ ବାସୀ ଉପସ୍ଥିତ ରହିଥିଲେ ।

ତଳସାହି ଦୁର୍ଗାପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ଖଣ୍ଡପଡ଼ା, ୨୩/୧୦ (ଆ.ପ୍ର) : ଖଣ୍ଡପଡ଼ା ସହର ତଳସାହି ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୭୫ ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରୁ ୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ରକ୍ତଦାତାଙ୍କ ମଧ୍ୟରେ ବେଶ ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା । ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ପାଇକରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଡାକ୍ତର ଅଶୋକ କୁମାର ମଲ୍ଲିକ ରକ୍ତଦାତା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର କାଉନସିଲର ଅଜୟ କୁମାର ପଟ୍ଟନାୟକ, ରବୀନ୍ଦ୍ରନାଥ ସାହୁ, ବାବୁଲା ବେହେରା, ଫଂଟୁ ଦଳେଇ ଓ ସବଦାର ମଲ୍ଲିକ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନ ଶିବିରରେ ଉପସ୍ଥିତ ରହି ରକ୍ତଦାନ କରିବା ସହ ଅନ୍ୟ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଖଣ୍ଡପଡ଼ା ସହରାଂଚଳର ଏକ ସର୍ବ ପୁରାତନ ଅନୁଷ୍ଠାନ ଭାବେ ପରିଚିତ ତଳସାହି ଦୁର୍ଗାପୂଜା କମିଟି ଚଳିତ ବର୍ଷ ଗୌରବମୟ ୭୫ ବର୍ଷରେ ପଦାର୍ପଣ କରିଥିବା ଅବସରରେ ରକ୍ତଦାନ ଶିବିର ପରି ଏକ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରି ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇ ଥିବାରୁ ଖଣ୍ଡପଡ଼ା ସହରବାସୀ ଦୁର୍ଗା ପୂଜା କମିଟିର ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

ଭକ୍ତିମୟ ପଟୁଆରରେ ମା' ଦୁର୍ଗାଙ୍କୁ ବିଦାୟ : ଶତାଧିକ ଭକ୍ତଙ୍କ ସମାଗମରେ ମା'ଙ୍କ ଭସାଣି

ବାଲିଗୁଡ଼ା, ୨୩/୧୦ (ଆ.ପ୍ର) : ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଉଲ୍ଲାସର ପରିବେଶ ମଧ୍ୟରେ ବାଲିଗୁଡ଼ାରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି । ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ମା' ପାଟଖଣ୍ଡାଙ୍କ ମନ୍ଦିର ପରିସରସ୍ଥିତ ଦୁର୍ଗା ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ସହ ବିଦ୍ୟୁତ୍ ବିଭାଗ ପରିସରରେ ପୂଜା ପାଉଥିବା ମା'ଙ୍କ ପ୍ରତିମା ମଧ୍ୟ ବିସର୍ଜନ କରାଯାଇଛି । ସନ୍ଧ୍ୟାରେ ଶତାଧିକ ଭକ୍ତଙ୍କ ସମାଗମରେ ଆୟୋଜିତ ଏହି ଭସାଣି ଉତ୍ସବ ଭକ୍ତିମୟ ପରିବେଶକୁ ଅଧିକ ଉତ୍ସବମୁଖର କରିଥିଲା । ସମ୍ବଲପୁର ଜିଲ୍ଲା ପଦ୍ମିଆବାହାଲ ଅଂଚଳର ପ୍ରସିଦ୍ଧ ଦୁଲଦୁଲି ଘଂଟବାଦ୍ୟର ଗୁଞ୍ଜରଣରେ ପ୍ରକମ୍ପିତ ହୋଇଥିଲା ସହର । ପାରମ୍ପରିକ ବାଦ୍ୟର ତାଳେ ତାଳେ ଏକ ବିରାଟ ପଟୁଆରରେ ସୁସଜ୍ଜିତ ବିମାନରେ ମା'ଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଇ ସମଗ୍ର ସହର ପରିକ୍ରମା କରାଯାଇଥିଲା । ପରେ ଖଡ଼ଗ ନଦୀରେ ମା'ଙ୍କ ପ୍ରତିମା ବିସର୍ଜନ କରାଯାଇଥିଲା । ମା'ଙ୍କୁ ମେଲାଣି ଦେବା ସମୟରେ ଭକ୍ତଙ୍କ ମଧ୍ୟରେ ଭାବାବେଗପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ଆସନ୍ତା ବର୍ଷ ପୁଣି ମା'ଙ୍କ ଆଗମନର ଆଶା ନେଇ ଭକ୍ତମାନେ ମା'ଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ । ଏହି ଭସାଣି ଉତ୍ସବରେ ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ଓ ବିଦ୍ୟୁତ୍ ବିଭାଗର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶୋଭାଯାତ୍ରା ଓ ବିସର୍ଜନ କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ ।

ଦୁର୍ଗା ବାହିନୀ ଓ ମାତୃଶକ୍ତି ସ୍ଥାପନା ଦିବସ ପାଳିତ

ଦଶପଲ୍ଲା, ୨୩/୧୦ (ଆ.ପ୍ର) : ବିଶ୍ୱ ହିନ୍ଦୁ ପରିଷଦ ପ୍ରଖଣ୍ଡ ଦଶପଲ୍ଲା ଶାଖା ଆନୁକୂଲ୍ୟରେ ପବିତ୍ରଶାରଦୀୟ ଦୁର୍ଗା ପୂଜାର ମହା ନବମୀ ତିଥି ରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଦୁର୍ଗା ବାହିନୀ ଓ ମାତୃ ଶକ୍ତି ସ୍ଥାପନା ଦିବସ ମହା ସମାରୋହ ରେ ପାଳିତ ହୋଇ ଯାଇଛି । ପ୍ରାରମ୍ଭ ରେ ପ୍ରାଥମିକ ଶିକ୍ଷକ ଭବନ ଠାରୁ ଏକ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରାଯାଇଥିଲା । ଆୟୋଜିତ ସଭାରେ ପ୍ରଥମେ ଧ୍ୱଜ ସ୍ଥାପନ, ବ୍ରହ୍ମନାଦ, ଏକତା ସ୍ତୋତ୍ରମ, ବିଜୟୀମନ୍ତ୍ର, ଶସ୍ତ୍ରପୂଜା, ଦୁର୍ଗା ମାତା ଶ୍ଳୋକ ସଭାପତି ରଜନୀ ରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିବା ବେଳେ ଶିଶୁ ମନ୍ଦିର ଗୁରୁମା ନୀଳିମା ମହାନ୍ତି ସ୍ୱାଗତ କରିଥିଲେ । ଏହି ଦିବସରେ ମୁଖ୍ୟ ଅତିଥି ଭାବେ କଳିକତା କ୍ଷେତ୍ରୀୟ ସଂଯୋଜିକା ଝରଣା ଜେନା ମଂଚାସୀନ ହୋଇ ନାରୀ ଶକ୍ତି ର ପ୍ରାଚୀନ ପରମ୍ପରା, ଭାରତ ମାତା ର ଶକ୍ତି ସ୍ୱରୂପିଣୀ ହେଉଛି ନାରୀ, ସର୍ବଦା ଏ ମହାନ ଦେଶ କୁ ଯେତେବେଳେ ବିପଦ ଆସିଛି ନାରୀ ଶକ୍ତି ସମ୍ମୁଖ ଭାଗ ରେ ରହି ତାର ଅପାର ଓ ଅଜର ଶକ୍ତି ପ୍ରଦର୍ଶନ କରିଛି ବୋଲି ଅଭିବ୍ୟକ୍ତି ରଖିଥିଲେ । ଏ ଅବସର ରେ ନିଶା ନିବାରଣ ଅନ୍ୟ ଏକ ପ୍ରସଙ୍ଗ ରହିଥିଲା । ଏହା ଯୁବ ପୀଢ଼ି ବିପଥ ଗାମୀ ହୋଇ ନିଜର ସାମାଜିକ ସମରସତା ହରାଉଛି ବୋଲି ପ୍ରକାଶ କରିଥିଲେ । ହେମାବତୀ ପଣ୍ଡା ଏକ ରୋମାଂଚକର ସଂଗୀତ ଗାନ କରିଥିଲେ ।

ଡିଷ୍ଟ୍ରିକ୍ଟ ସେଣ୍ଟର ଦୁର୍ଗାପୂଜା କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୩/୧୦ (ଆ.ପ୍ର) : ଡିଷ୍ଟ୍ରିକ୍ଟ ସେଣ୍ଟର ଦୁର୍ଗାପୂଜା କମିଟି ପକ୍ଷରୁ ଭସାଣି ମହୋତ୍ସବ ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ମହୋତ୍ସବ ଦୁର୍ଗା ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଉତ୍ତର ଭୁବନେଶ୍ୱର ଭସାଣି ଉତ୍ସବରେ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅଂର୍ଗତ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୩ ଟି ମେଢ ଅଂଶଗ୍ରହଣ କରିଥିଲେ । କ୍ଲବଟାଉନ୍ ପାଖ ମେଳଣ ପଡିଆ ଓ ଡମଣା ମେଳଣ ପଡିଆ ଠାରୁ ମେଢ଼ ଗୁଡିକ ବାହାରି ଡମଣା ଛକ, ନାଲକୋ ଛକ, ଆଚାର୍ଯ୍ୟ ବିହାର ହୋଇ କୁଆଖାଇ ନଦୀ ଅଭିମୁଖେ ଯାତ୍ରା କରିଥିଲେ । ଡିଷ୍ଟ୍ରିକ୍ଟ ସେଣ୍ଟର ପାଖରେ ପହଞ୍ଚିବା ପରେ ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜା କମିଟି ତରଫରୁ ଉକ୍ତ ମେଢ ଓ କମିଟିର ସଦସ୍ୟ ମାନଙ୍କୁ ସ୍ୱାଗତ କରାଯିବା ସହ କମିଟିର ସଭାପତି ଓ ସମ୍ପାଦକଙ୍କୁ ଉତ୍ତରୀୟ, ପୁଷ୍ପମାଲ୍ୟ, ମାଙ୍କ ବିଗ୍ରହ ଓ ମିଠା ହାଣ୍ଡି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଅତିରିକ୍ତ ଡିସିପି ସୟ କୁମାର ମହାପାତ୍ର, ଜୋନ୍ ୬ ର ଏସିପି ମାନସ ରଂଜନ ପ୍ରଧାନ, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ସାମ୍ବାଦିକ ସୁଜା' କୁମାର ରାଉତ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡିଷ୍ଟ୍ରିକ୍ଟ ସେଣ୍ଟର ଦୁର୍ଗାପୂଜା କମିଟିର ସଭାପତି ଲାୟନ୍ ବିଶ୍ୱନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ବରିଷ୍ଠ ଆଇନଜିବୀ ଡ. ମଧୁମାଧବ ଜେନା, କିଶୋର ଜେନା, ଭଗବାନ ଦାଶ, ରେବତୀ ଶ ପ୍ରମୁଖ ଯୋଗ ଦେଇଥିଲେ । ଚଳିତବର୍ଷ ଡିଷ୍ଟ୍ରିକ୍ଟ ସେଣ୍ଟର ଦୁର୍ଗାପୂଜାକୁ ମା ଦୁର୍ଗାଙ୍କ ସମ୍ମୁଖରେ ନିର୍ମିତ ବିଭିନ୍ନ ଦେବାଦେବୀଙ୍କ ଦେବସଭା ପାଇଁ କଟକର ଏକ ସାଂସ୍କୃତିକ ଅନୁଷ୍ଠାନ ୧ ନଂ ମାନ୍ୟତା ପ୍ରଦାନ କରିଥିବାରୁ ଉପସଭାପତି ତରୁଣ କୁମାର ସେନାପତି କୃତଜ୍ଞତା ଜ୍ଞାପନ କରିଥିଲେ । କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା ।

ଦିବ୍ୟ ଦର୍ଶନ ସଂଘ ବ୍ରହ୍ମପୁର ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବ୍ରହ୍ମପୁର, ୨୩/୧୦ (ଆ.ପ୍ର) : ସଦଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘ ବ୍ରହ୍ମପୁର ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଶକ୍ତି ନଗର ସ୍ଥିତ ତୃତୀୟ ଗଳି ଠାରେ ଅନୁଷ୍ଠିତ ହୋଇଥିବା 'ଜ୍ଞାନ ମନ୍ଦିର' ଏଗାର ତମ ପ୍ରତିଷ୍ଠା ଉତ୍ସବ ତଥା ୩୦ ତମ ଦୀକ୍ଷା ବାର୍ଷିକ ପାଳନ ଅବସରରେ ଜ୍ଞାନ ଯଜ୍ଞର ଆୟୋଜନ କରାଯାଇ ଥିଲା । ୧୯୯୬ ମସିହାରେ ଅକ୍ଟୋବର ମାସ ୨୩ ତାରିଖ ଦିନ ଲୋଚାପୋଡା ନିକଟସ୍ଥ ବ୍ୟାଙ୍କ କଲୋନୀ ଠାରେ ଅଗ୍ନି ସେବା ବିଭାଗର କର୍ମଚାରୀ ଗୁରୁଭାଇଙ୍କୁନା ଦୋଲେଇଙ୍କ ପ୍ରଚେଷ୍ଟା କ୍ରମେ ନିରଞ୍ଜନ ପାତ୍ର ଭାଇଙ୍କ ବାସ ଭବନରେ ପ୍ରଥମ କରି ଜ୍ଞାନଯଜ୍ଞର ଆୟୋଜନ କରା ଯାଇ ଥିଲା । ସେ ଦିନ କେନ୍ଦ୍ରୀୟ କମିଟିର ବରିଷ୍ଠ ସଦସ୍ୟ ବିଶ୍ୱନାଥ ପ୍ରଧାନ ଏବଂ ସହଦେବ ମଲ୍ଲିକ ଯୋଗଦାନ ଆତ୍ମ ଜ୍ଞାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଗାର ଜଣଙ୍କୁ ଗୁରୁ ଦୀକ୍ଷା ପ୍ରଦାନ କରିଥିଲେ । ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଜ୍ଞାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ଗୁରୁ ଭାଇ ଏବଂ ଭଉଣୀଙ୍କ ମାନଙ୍କର ଦୀକ୍ଷା ବାର୍ଷିକ ପାଳନ ଅବସରରେ ଜ୍ଞାନ ଯଜ୍ଞର ଆୟୋଜନ କରାଯାଇ ଥିଲା । ଉକ୍ତ ସତ୍ ସଙ୍ଗରେ କେନ୍ଦ୍ରୀୟ କମିଟିର ସଭାପତି ଉପେନ୍ଦ୍ର ନାଥ ମହାନ୍ତି, ସମ୍ପାଦକ କେଶବ ସେଠୀ, ସହ ସମ୍ପାଦକ ପ୍ରଭାକର ପ୍ରଧାନ ଏବଂ ମିନତି ଦଳେଇ ଯୋଗଦାନ କରି ଦିବ୍ୟଜ୍ଞାନ ରହସ୍ୟ, ଗୁରୁ ଦୀକ୍ଷାର ମହାନତା ଉପରେ ଆଲୋକପାତ କରିଥିଲେ । ଓଁକାର ଧ୍ୱନି, ଭକ୍ତି ସଙ୍ଗୀତ ପରିବେଷଣ ପରେ ଦିବ୍ୟ ପ୍ରବଚନ ଆରମ୍ଭ କରାଯାଇଥିଲା ଆତ୍ମ ଜ୍ଞାନର ରହସ୍ୟ, ଗୁରୁ ଶିଷ୍ୟର ସମ୍ପର୍କ ଏବଂ ଗୁରୁ ଆଜ୍ଞା ପାଳନ କରିବାର ରହସ୍ୟ ଉପରେ ଆଲୋକ ପାତ କରାଯାଇଥିଲା । ଶାଖାର ସଭାପତି ରବି ନାରାୟଣ ବେହେରା, ଆଂଚଳିକ ପ୍ରତିନିଧି ଆଂଚଳିକ ପ୍ରତିନିଧି ରାମ ପ୍ରସାଦ ରାଓ ପୂର୍ଣ୍ଣ ସହଯୋଗ କରିଥିଲେ । ଛଅ ଜଣ ଦୀକ୍ଷା ଗ୍ରହଣ କରି ଦିବ୍ୟ ପରିବାରରେ ଅନ୍ତର୍ଭୁକ୍ତ ହୋଇଥିଲେ । ଗଞ୍ଜାମ ଜିଲ୍ଲାର ନିକଟସ୍ଥ ଶାଖାର ସମସ୍ତ ଗୁରୁଭାଇ ଓ ଭଉଣୀଗଣ ଉପସ୍ଥିତ ରହିଥିଲେ ।

ବନମାଳିପୁର କପ କ୍ରିକେଟ ଟୁର୍ଣ୍ଣାମେଂଟ, ଫାଇନାଲରେ ପଙ୍ଗାରସିଂହ କ୍ରିକେଟ କ୍ଲବ

ଖଣ୍ଡପଡ଼ା, ୨୩/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ଆଂଚଳିକ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୮ ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଂଟର ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ପଙ୍ଗାରସିଂହ କ୍ରିକେଟ କ୍ଲବ ୯ ଓ୍ୱିକେଟରେ ଭୁବନେଶ୍ୱର, ଆଇଆରସି ଭିଲେଜ କ୍ରିକେଟ କ୍ଲବକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ଜଣାଯାଇଛି । ପ୍ରଥମେ ଟସ ଜିତି ଆଇଆରସି ଭିଲେଜ କ୍ରିକେଟ କ୍ଲବ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଓ୍ୱିକେଟ ହରାଇ ମାତ୍ର ୬୦ ରନ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ପଙ୍ଗାରସିଂହ କ୍ରିକେଟ କ୍ଲବ ୫.୨ ଓଭରରେ ମାତ୍ର ଗୋଟିଏ ଓ୍ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ଖେଳକୁ ଧୀରେନ କୁମାର ତ୍ରିପାଠୀ ଓ ପ୍ରକାଶ ଦାସ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଯୋଗ ଦେଇ ଖେଳାଳୀ ଓ ଟୁର୍ଣ୍ଣାମେଂଟର ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ଶନିବାର ବନମାଳିପୁର ଆଂଚଳିକ ସ୍ପୋର୍ଟ୍ସ କ୍ଲବ ଓ ବାଙ୍କୀ ଆଥଲେଟିକ ଆସୋସିଏସନ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଂଟର ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି ।

ପ୍ୟୁପଲ୍ସ ଏଗେନେଷ୍ଟ ଏସଆଇଆର ପାଇଁ ନୀଳଗିରିରେ ପ୍ରତିବାଦ ସଭା ଅନୁଷ୍ଠିତ

ନୀଳଗିରି, ୨୩/୧୦ (ଆ.ପ୍ର) : ପ୍ୟୁପଲ୍ସ ଏଗେନେଷ୍ଟ ଏସ ଆଇ ଆର ପାଇଁ ନୀଳଗିରିରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । ସାରା ଭାରତ ବର୍ଷ ରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବୀ ରେ ବିଭିନ୍ନ ସଂଗଠନ ତରଫରୁ ଆନ୍ଦୋଳନ ଚାଲିଛି । ଏସ ଆଇ ଆର ନାମରେ ତେର କୋଟିରୁ ଉର୍ଦ୍ଧ ମତଦାତାଙ୍କ ନାମକୁ ଭୋଟର ତାଲିକାରୁ ବାଦ ଦିଆଯାଇଛି । କେନ୍ଦ୍ର ରେ ବିଜେପି ସରକାରକୁ ସୁରକ୍ଷା ଦେବା ପାଇଁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନିର୍ଦ୍ଦେଶରେ ଚଂଚକତା କରି ଏସ ଆଇ ଆର ନାମରେ ତେର କୋଟିରୁ ଉର୍ଦ୍ଧ ମତଦାତାଙ୍କ ନାମକୁ ଭୋଟର ତାଲିକା ରୁ ବାଦ ଦେବାକୁ ସାରା ଦେଶ ରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି । ଏହାକୁ ପ୍ରତିବାଦ କରି ଜ୍ଞାନେଶ କୁମାରଙ୍କ ଇସ୍ତଫା ସହିତ ଗିରଫ ଦାବୀ କରାଯାଇଛି ।ତତ୍ ସହିତ ନିର୍ବାଚନ ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ବୋଲି ହୋଇଥିବା ଆଇନ୍‌ର ପରିବର୍ତ୍ତନ, ଏସ ଆଇ ଆରକୁ ରଦ୍ଦ ଓ ଭୋଟର ତାଲିକାରୁ ବାଦ ପଡ଼ିଥିବା ଭୋଟରଙ୍କୁ ପୁନଃ ସଂଯୋଗ କରାଯିବା ଦାବିରେ ଆଜି ଇଣ୍ଡିଆ ମେଂଟ ତରଫରୁ ନୀଳଗିରିରେ ପ୍ରତିବାଦ ସଭା କରାଯାଇଛି । ମେଂଟ ତରଫରୁ ସିପିଆଇ (ଏମ) କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସଭା କରାଯାଇ ଥିଲା । ଉକ୍ତ ସଭାରେ ସିପିଆଇ (ଏମ) ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ । ସିପିଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି, ମୃତ୍ୟୁଞ୍ଜୟ ନାୟକ, ଲକ୍ଷ୍ମଣ ସ, ଯୋଗନନ୍ଦ ଦାଶ, ମନୋରଞ୍ଜନ ସାହୁ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଗଜେନ୍ଦ୍ର ସିଂ, ପ୍ରଦୀପ ମିଶ୍ର, ଜାତୀୟ କିଷାନ କଂଗ୍ରେସର ରାଜ୍ୟ ଉପ ସଭାପତି ଯଶୋଦା ନନ୍ଦନ ସିଂ, ରାହାସ ମହାପାତ୍ର, ପିତାମ୍ବର ସିଂ, ସିପିଆଇରୁ ନିରଞ୍ଜନ ବାରିକ, ବିଜୟ ସ, ନିହାର ଜେନା ଉପସ୍ଥିତ ରହି ଡବଲ ଇଞ୍ଜିନି ସରକାରଙ୍କ ଅପାରଗତା ସମ୍ପର୍କ ରେ ତୀବ୍ର ସମାଲୋଚନା କରିଥିଲେ ।

ରାଉରକେଲା ଇସ୍ପାତ କାରଖାନାର ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷରିତ

ରାଉରକେଲା, ୨୩/୧୦ (ଆ.ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନା, ନ୍ୟାସନାଲ ସ୍କିଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଲିମିଟେଡ୍ ଏବଂ ନ୍ୟାସନାଲ ସେଡ୍ୟୁଲ୍ଡ ଟ୍ରାଇବ୍ସ ଫାଇନାନ୍ସ ଆଣ୍ଡ ଡେଭେଲପମେଂଟ କର୍ପୋରେସନ୍ ର ମିଳିତ ସହଯୋଗରେ ସୁନ୍ଦରଗଡ଼ ଜିଲ୍ଲା ଓ ଏହାର ଆଖପାଖ ଅଂଚଳର ଅବହେଳିତ ଅନୁସୂଚିତ ଜନଜାତି ଯୁବକଯୁବତୀଙ୍କ ପାଇଁ ଦକ୍ଷତା ବିକାଶ ଏବଂ ସ୍ଥାୟୀ ଜୀବିକା ସୁଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଅକ୍ଟୋବର, ୨୨ ତାରିଖ ରେ ଲାଇଭଲିହୁଡ୍ ବିଜନେସ୍ ଇନକ୍ୟୁବେଟର, ରାଉରକେଲା ଠାରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ଏହି ବୁଝାମଣା ପତ୍ରରେ ଏନଏସଆଇସି ଲିମିଟେଡ୍‌ର ବରିଷ୍ଠ ମହାପ୍ରବନ୍ଧକ ଓପି. ସିଂ, ଏନଏସଟିଏଫଡିସି ର ସହକାରୀ ମହାପ୍ରବନ୍ଧକ ଶ୍ରୀମତୀ ବିସ୍ମିତା ଦାସ, ଏବଂ ଆରଏସପିର ମୁଖ୍ୟ ମହାପ୍ରବନ୍ଧକ ଟିଜି କାଣେକର ସ୍ୱାକ୍ଷର କରିଛନ୍ତି । ଏନଏସଟିଏଫଡିସିର ସିଏମଡି ତଥା ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଟି ରୋମୁଆନ୍ ପାଇତେ ଏବଂ ଅଂଶଗ୍ରହଣକାରୀ ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ପଦକ୍ଷେପ ଅଧୀନରେ ଆଦିବାସୀ ଯୁବକଯୁବତୀଙ୍କୁ ଛଅଟି ଧନ୍ଦାମୂଳକ ଶାଖାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ, ଯେପରିକି ଆତ୍ମ-ନିଯୁକ୍ତି ଟେଲରିଂ (ସିଲାଇ), ସହକାରୀ ବିୟୁଟିସିଆନ୍, ସହକାରୀ କମ୍ପ୍ୟୁଟର ଅପରେଟର, ବ୍ରେଡ୍ ଏବଂ ବେକରୀ ଉତ୍ପାଦନ, ଛତୁ ଚାଷ, ଏବଂ ଇଲେକ୍ଟ୍ରିସିଆନ୍ ତାଲିମ । ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ହେଉଛି ହିତାଧିକାରୀଙ୍କ ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ଏବଂ ଆତ୍ମ-ନିଯୁକ୍ତି ଓ ରୋଜଗାର ପନ୍ଥାକୁ ସୁଗମ କରିବା ପାଇଁ ବ୍ୟବହାରିକ, ବଜାର-ଉପଯୋଗୀ ଦକ୍ଷତାରେ ସକ୍ଷମ କରିବା । ଏହି ପଦକ୍ଷେପର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ମହିଳା ସଶକ୍ତୀକରଣ ଉପରେ ଏହାର ବିଶେଷ ଧ୍ୟାନ, ଯେଉଁଥିରେ ୬୦% ରୁ ଅଧିକ ହିତାଧିକାରୀ ହେଉଛନ୍ତି ମହିଳା । ଧନ୍ଦାମୂଳକ ତାଲିମ ଏବଂ ଜୀବିକା ସୁଯୋଗରେ ସହାୟକ ହୋଇ ଏହି କାର୍ଯ୍ୟକ୍ରମ ସେମାନଙ୍କର ଆର୍ଥିକ ସ୍ୱାବଲମ୍ବନତାକୁ ସୁଦୃଢ଼ କରିବା ସହ ଆଦିବାସୀ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ବିକାଶରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛି । ଏହି ମିଳିତ ପଦକ୍ଷେପ ମାଧ୍ୟମରେ, ଏନଏସଆଇସି, ଏନଏସଟିଏଫଡିସି ଏବଂ ଆରଏସପି ଅନ୍ତର୍ଭୁକ୍ତ ଦକ୍ଷତା ବିକାଶ, ଆଦିବାସୀ କଲ୍ୟାଣ, ଉଦ୍ୟୋଗିତା ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛନ୍ତି । ଏହି ସହଭାଗିତା ଅବହେଳିତ ଆଦିବାସୀ ଯୁବକଯୁବତୀଙ୍କ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରିବ ଏବଂ ଆର୍ଥିକ ଆତ୍ମନିର୍ଭରଶୀଳତା ଆଡ଼କୁ ସେମାନଙ୍କ ଯାତ୍ରାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

ଗୋସାଣୀ ନୂଆଗାଁ ଦୁର୍ଗା ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା ପର୍ବ

ବ୍ରହ୍ମପୁର, ୨୩/୧୦ (ଆ.ପ୍ର) : ଗୋସାଣୀ ନୂଆ ଗ୍ରାମ୍ ଦୁର୍ଗା ପୂଜାର ୫୦ ବର୍ଷ ପୂର୍ତ୍ତି ଅବସରରେ ପୂଜା କମିଟି ପକ୍ଷରୁ ସମସ୍ତ କର୍ମକର୍ତାମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା । ଏହି ଅବସରରେ ଓଡ଼ିଶା ଆର୍ଟ୍ସ ତରଫରୁ ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ମୁଖ୍ୟ ପରିଚାଳିକା ପ୍ରଣୀତା ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥିରୂପେ ତହସିଲଦାର ରାକେଶ କୁମାର ପରିଡ଼ା ଯୋଗଦେଇଥିଲେ ବେଳେ କମିଟି ସଭାପତି ଜଗଦିଶ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥିଭାବେ ସମାଜସେବୀ ଅଜିତ ପାତ୍ର, ନାରୀ ନେତ୍ରୀ ଶିକ୍ଷା ପଟନାୟକ ଓ ବରିଷ୍ଠ ସାମ୍ବାଦିକ ସୁଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । କମିଟି ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, କୋଷାଧ୍ୟକ୍ଷ ଶିବୁନ ପଣ୍ଡାଙ୍କ ସମେତ କମିଟିର ସମସ୍ତ କର୍ମକର୍ତା ଏହି ଅବସରରେ ଉପସ୍ଥିତ ଥିଲେ । କାହ୍ନୁ ରାଉତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶେଷରେ କଳାକାର ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଷ୍ଟେସନ ଛକ ମା ଦୁର୍ଗା ପୂଜା ଆଜ୍ଞା ଲଡୁ ଲଟେରୀ ଉଠାଣ ଆଇନଜୀବୀ ଶ୍ରିୟଙ୍କା ନନ୍ଦ ଆଜ୍ଞା ଲଡୁ ଗ୍ରହଣ କଲେ

ଅନୁଗୋଳ, ୨୩/୧୦ (ଆ.ପ୍ର) : ଅନୁଗୋଳ ଷ୍ଟେସନ ଛକସ୍ଥିତ ମା' 'ଦୁର୍ଗା ପୂଜା ଟ୍ରଷ୍ଟ ପକ୍ଷରୁ ମା 'ଦୁର୍ଗା ପୂଜା ମହାସମାରୋହ ସହକାରେ ପାଳିତ ହୋଇଯାଇଛି । ପୂଜାର ଶେଷ ଦିନ ତଥା ଦଶହରାରେ ପୂଜା ଟ୍ରଷ୍ଟ ପକ୍ଷରୁ ମା 'ଦୁର୍ଗାଙ୍କ ଆଜ୍ଞା ଲଡୁ ନିମନ୍ତେ ଲଟେରୀ ଉଠାଣ ବ୍ୟବସ୍ଥା ହୋଇଥିଲା । ଏହି ଲଟେରୀ ଉଠାଣରେ ଅନୁଗୋଳର ଯୁବ ଆଇନଜୀବୀ ଶ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦ ଅଂଶଗ୍ରହଣ କରି ବିଜୟୀ ହୋଇଥିଲେ । ଶ୍ରୀମତୀ ଶ୍ରିୟଙ୍କା ଓ ତାଙ୍କ ସ୍ୱାମୀ ଆଇନଜୀବୀ ରାଜେଶ କୁମାର ମିଶ୍ର ପୂଜା ମଣ୍ଡପରେ ଦୁର୍ଗାପୂଜା ଟ୍ରଷ୍ଟର ସଭାପତି ନିଲୁ ସାହୁ, ଉପସଭାପତି ବିରେନ ଦାସ, ସମ୍ପାଦକ ତ୍ରିପୁର ବିଶ୍ୱାଳ, କୋଷାଧ୍ୟକ୍ଷ ଦାମୋଦର ବେହେରା, ସହ ସମ୍ପାଦକ ସମ୍ବିତ ସାମଲ, କାର୍ଯ୍ୟକାରୀ ସଭାପତି ତାପସ ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ମଂଟି ମହାପାତ୍ର, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ମାନସ ସାହୁ, ପୂର୍ବତନ ନଗରପାଳ ଶକ୍ତି ପଟ୍ଟନାୟକ, ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ସାହୁ, ଦେବ୍ରାନନ୍ଦ ସାମନ୍ତ, ଉପଦେଷ୍ଟା ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖଙ୍କ ଠାରୁ ଆଜ୍ଞା ଲଡୁ ଗ୍ରହଣ କରିଥିଲେ । ଶ୍ରିୟଙ୍କା ଅନୁଗୋଳର ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦଙ୍କ ଝିଅ ଅଟନ୍ତି । ଆଜ୍ଞା ଲଡୁ ଉଠାଣରେ ବିଜୟୀ ହୋଇଥିବାରୁ ରାଣୀଗୁଡା ଗ୍ରାମ ଓ ଅନୁଗୋଳ ସହରରେ ଆନନ୍ଦ ପ୍ରକାଶ ପାଇଛି ।

ସମାଜସେବୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ

ମାହାଙ୍ଗା, ୨୩/୧୦ (ଆ.ପ୍ର) : ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ଅଚ୍ୟୁତପୁର ଠାରେ ସମାଜସେବୀ ସ୍ୱର୍ଗତ ପ୍ରବୋଧ କୁମାର ପ୍ରଧାନମହାପାତ୍ରଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଶତପଥୀ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ପ୍ରବୋଧ କୁମାର ପ୍ରଧାନମହାପାତ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ଗୀତାପାଠ କରିଥିଲା ବେଳେ ସାହିତ୍ୟିକ ଗୌତମ ଚରଣ ଜେନା ମଂଚ ପରିଚାଳନା କରିଥିଲେ । ଏହି ସ୍ମୃତିଚାରଣ ସଭାରେ ଧିରେନ୍ଦ୍ରନାଥ ଶତପଥୀ, ସ୍ତମ୍ଭକାର ବିବେକାନନ୍ଦ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡଃ ଭାବଗ୍ରାହୀ ରାଉତ, ସ୍ୱପ୍ନାସୋନାଲି ପ୍ରଧାନମହାପାତ୍ର, ମୋନାଲିସା ବେହୁରା, ସମାଜସେବୀ ରତ୍ନାକର ସେଠୀ, ହରିବନ୍ଧୁ ରାଉତ, କ୍ଷୀରୋଦ ଚନ୍ଦ୍ର ବିହାରୀ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ସରପଂଚ ତଥା ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଂଚ ଭାଗବତ ସେଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନମହାପାତ୍ରଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିବା ସହ ସ୍ଥାନୀୟ ଅଂଚଳର ଶିକ୍ଷା,ସ୍ୱାସ୍ଥ୍ୟ ଏପରିକି ଗମନାଗମନ କ୍ଷେତ୍ରରେ ତାଙ୍କର ଉଦ୍ୟମ ପ୍ରଶଂସା ଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ । କବି ପ୍ରଫୁଲ୍ଲ କୁମାର ସିଂହ ଏବଂ ନିର୍ବାଣ ପ୍ରତିନିଧି ବିଜୟ କୁଅଁର ସ୍ୱରଚିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଡ଼ିଦେଉଳିଶ୍ୱର ପୂର୍ବତନ ବିଧାୟକ ବିଜୁୟ ପ୍ରସାଦ ବେହୁରା, ବିପିନ କୁମାର ସାମଲ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ରମେଶ କୁମାର ମଲ୍ଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଭୟ ପ୍ରଧାନମହାପାତ୍ର, ପ୍ରଦିପ୍ତ ପ୍ରଧାନମହାପାତ୍ର, ଅମିୟ ପ୍ରଧାନମହାପାତ୍ର, ତାପସରଂଜନ ପ୍ରଧାନମହାପାତ୍ର, ଦେବବ୍ରତ ପ୍ରଧାନମହାପାତ୍ର, ରଂଜିତ ସାମଲ, ମୋନାଲିସା ମହାପାତ୍ର, ସୋନାଲିସା ବେହୁରା, ରମେଶ ପ୍ରଧାନମହାପାତ୍ର ପ୍ରମୁଖ ସହଯୋଗ କରିଥିଲା ବେଳେ ଦୀପକ ପ୍ରଧାନମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ ।

ନୀଳଗିରି ସହରରେ 'ସାଇ ଦରବାର' କଲ୍ୟାଣମଣ୍ଡପ ଲୋକାର୍ପିତ

ନୀଳଗିରି, ୨୩/୧୦ (ଆ.ପ୍ର) :ସମସ୍ତ ପ୍ରକାରର ମାଙ୍ଗଳିକ କାର୍ଯ୍ୟ ଯଥା:- ବିବାହ, ବ୍ରତ,ଯଜ୍ଞ, ଧାର୍ମିକ ଅନୁଷ୍ଠାନ ସମେତ ସଭା,ସମିତି ଆଦି ସମସ୍ତ ପ୍ରକାରର କାର୍ଯ୍ୟକ୍ରମକୁ ଆଖିଆଗରେ ରଖି ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ଏକ ଅତ୍ୟାଧୁନିକ ଓ ସୁଲଭମୂଲ୍ୟର କଲ୍ୟାଣମଣ୍ଡପ ଲୋକାର୍ପିତ ହୋଇଯାଇଛି ।୨୧ ଓ ୨୨ତାରିଖ ଦୁଇଦିନ ବ୍ୟାପି ନୀଳଗିରି ସହରର ପୋଷ୍ଟଅଫିସ ପଛପଟରେ ଥିବା ଶିରିଡିସାଇ ବାବାଙ୍କ ମନ୍ଦିର ପରିସରରେ ଏହି କଲ୍ୟାଣମଣ୍ଡପର ଶୁଭଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିବସରେ ପୂଜାର୍ଚ୍ଚନା ସହିତ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟଦିବସରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ପ୍ରବଚକ ଜିତୁ ଦାସଙ୍କ ପ୍ରେରଣାଦାୟୀ ପ୍ରବଚନକୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଶ୍ରୋତା ଶ୍ରବଣ କରିଥିଲେ ।'ସାଇ ଦରବାର' କଲ୍ୟାଣମଣ୍ଡପକୁ ବାସୁଦେବପୁର ମୁନ୍ସିପାଲିଟି ଅଧକ୍ଷା ନିବେଦିତା ବେହେରାଙ୍କ କର କମଳ ରେ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇ ସର୍ବସାଧାରଣଙ୍କ ପାଇଁ ଲୋକାର୍ପିତ କରାଯାଇଥିଲା । ନୀଳଗିରିର ଯୁବ ସମାଜସେବୀ ତଥା ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ରଙ୍କ ଉଦ୍ୟମରେ ବହୁ ଜନହିତକର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଆସୁଥିଲା ବେଳେ ନୀଳଗିରି ସହରରେ ସାଧାରଣଲୋକଙ୍କ ଆବଶ୍ୟକତାକୁ ଉପଲବ୍ଧିକରି ଏହି କଲ୍ୟାଣମଣ୍ଡପର ପରିକଳ୍ପନା କରାଯାଇ ପ୍ରତିଷ୍ଠା କରାଯାଇଥିବା ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ସୂଚନା ଦେଇଛନ୍ତି । ଦିବସବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ସହିତ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ ସହ ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଉଦ୍ଘାଟକ ଶ୍ରୀମତୀ ବେହେରା କହିଥିଲେ ନୀଳଗିରି ସହରରେ ଏଭଳି ମଣ୍ଡପର ଆବଶ୍ୟକତା ରହିଥିବା କହିବାସହିତ ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ରଙ୍କୁ ସାଧୁବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ସ୍ୱର୍ଗତ ଶିଶିର ମହାପାତ୍ରଙ୍କ ପରିବାରର ସବ୍ୟସାଚୀ ମହାପାତ୍ରଙ୍କ ସମେତ ରଞ୍ଜନା ପଟ୍ଟନାୟକ, ଶିତିକଣ୍ଠ ମହାପାତ୍ର ଏବଂ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ:ବର୍ଷକ ପରେ ମଝି ରାସ୍ତାରେ ଭୟଙ୍କର ଗାଡ

ଧାମନଗର, ୨୩/୧୦ (ଆ.ପ୍ର) : ଧାମନଗର-ବାଡିକପୁର ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ:ବର୍ଷକ ପରେ ମଝି ରାସ୍ତାରେ ଭୟଙ୍କର ଗାଡ଼ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୁରକ୍ଷା ଦେଉଛି ପୋଲିସ ବ୍ୟାରିକେଡ୍ ବିଭାଗ ଦୃଷ୍ଟି ଦେବାକୁ ଦାବି । ତେବେ ସମ୍ପ୍ରସାରଣ କାର୍ଯ୍ୟକୁ ବର୍ଷେ ବିତିଥିଲେ ମଧ୍ୟ ରାସ୍ତାର ଦୁରବସ୍ଥା ସୁଧୁରୁନାହିଁ । ଏହି ପୂର୍ତ୍ତ ରାସ୍ତା ସ୍ଥାନୀୟ ଲୋକଙ୍କ ଯାତାୟାତର ପ୍ରମୁଖ ମାଧ୍ୟମ ବୋଲି କୁହାଯାଉଛି । ଆଗକୁ ଲକ୍ଷ୍ମୀପୂଜା ଓ କାଳୀପୂଜା ଥିବାରୁ ଯାନବାହନ ଚଳାଚଳ ବଢ଼ିବା ଆଶଙ୍କା ରହିଛି । ଠିକାଦାରଙ୍କ ମନମୁଖୀ ବେପରୁଆ ଯୋଗୁଁ କାର୍ଯ୍ୟ ମନ୍ଥର ଓ ପୂର୍ତ୍ତ ଯନ୍ତ୍ରୀଙ୍କ ତଦାରଖରେ ଅବହେଳାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୋଲିସ ବ୍ୟାରିକେଡ୍ ଏବେ ବିରାଟ ଗାଡ଼ ନିକଟରେ ଯାତ୍ରୀଙ୍କୁ ସତର୍କ କରାଉଛି । ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକଠାରୁ ଧାମନଗର ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟର ଲମ୍ବା ରାସ୍ତା କାର୍ଯ୍ୟ ପାଇଁ ଟେଣ୍ଡର ନେଇ ଅଧାରୁ ଛାଡ଼ି ଠିକାଦାର ଚାଲିଯାଇଥିବା ଆଲୋଚନା ହେଉଛି ।ତେବେ ବିଭାଗ ପକ୍ଷରୁ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । ପାର୍ବଣ ସମୟରେ ଅଧିକ ଯାନବାହନ ଚଳାଚଳକୁ ଦୃଷ୍ଟିରେ ରଖି ଭଗବାନପୁର ଛକ ଠାରେ ଥିବା ଗାଡ଼କୁ ତୁରନ୍ତ ମରାମତି କରିବା ସହ ବାକି ରହିଥିବା ରାସ୍ତାର କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଜନସାଧାରଣ ଦାବି କରିଛନ୍ତି ।

ଅତି ଆପଣାର ଟିକି ପିଲାଟିର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା, ୨୩/୧୦ (ଆ.ପ୍ର) : ମାହାଙ୍ଗା ବ୍ଲକର ଗୋପାଳପୁର ପଂଚାୟତ ଅର୍ନ୍ତଗତ ବନ୍ତଳା ସ୍ଥିତ ବୁଢ଼ୀକାଳୁଣୀଭାଇ ମନ୍ଦିର ପରିସରରେ ଅଗ୍ରଣୀ ଶିଶୁ କିଶୋର ପତ୍ରିକା ଅତି ଆପଣାର ଟିକି ପିଲାଟିର ୨୧ତମ ପ୍ରତିଷ୍ଠା ଦିବସ ଓ ପୂଜା ସଂଖ୍ୟା ୨୦୨୬ର ଶୁଭ ଲୋକାର୍ପଣ ଉତ୍ସବ ଡଃ ଗୋବିନ୍ଦ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଗବେଷକ ଡ଼ଃ ଏକାଦଶୀ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦାପ୍ରସାଦ ମିଶ୍ର, କବି ଭକ୍ତଚରଣ ସାହୁ ପ୍ରମୁଖ ଯୋଗଦେଇ ଶିଶୁସାହିତ୍ୟ କ୍ଷେତ୍ରରେ ଅତି ଆପଣାର ଟିକି ପିଲାଟି ଏକ ମାଇଲ ଖୁଣ୍ଟ ଭଳି ପଥପ୍ରଦର୍ଶକ ହୋଇରହିଛି ବୋଲି ମତବ୍ୟକ୍ତ କରିବା ସହ ଡଃ ଗୋବିନ୍ଦ ଚାନ୍ଦଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରଧାନଶିକ୍ଷକ ଜ୍ୟୋତିରଂଜନ ମହାନ୍ତି, ପାଲାଗାୟକ ସତ୍ୟାନନ୍ଦ ଦାଶ, କବୟିତ୍ରୀ ପ୍ରତିଭା ଦାସ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ଆଲୋକ ରଥ, ଆଇନଜୀବି ଯତିନ୍ଦ୍ରନାଥ ସାମଲ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବି ରାଜକିଶୋର ମିଶ୍ର, ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ମନୋଜ ମହାପାତ୍ର, କବି ପ୍ରଫୁଲ୍ଲ କୁମାର ସିଂହ, ଦିଲ୍ଲିପ କୁମାର ଗ୍ରହାଚାର୍ଯ୍ୟ, ଡଃ ହୃଷିକେଶ ମହାରଣା, ଇଂ ସରୋଜ କୁମାର ସାମଲ, ହରିଶ ସାମଲ, ବନ୍ଦିତା ଦାସ, ପ୍ରମୁଖ ଯୋଗଦେଇ ଶିଶୁ ସାହିତ୍ୟ କ୍ଷେତ୍ରରେ ଅତି ଆପଣାର ଟିକି ପିଲାଟିର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ହୃଷିକେଶ ସାମଲ, ବିଘ୍ନେଶ ସାମଲ, ସାଇଦତ ସାମଲ, ଜୟନ୍ତ ସାମଲ, ପ୍ରଶାନ୍ତ ସାମଲ, ପବିତ୍ର ସାମଲ,ସ୍ୱପ୍ନଜିତ୍ ସାମଲ, ସୁବ୍ରତ ସାମଲ, ଗିରିଶ ବେହୁରା ପ୍ରମୁଖ ସହଯୋଗ କରିଥିଲେ । ଏହି ଉତ୍ସବରେ ମାହାଙ୍ଗା ଓ ଆଖପାଖ ଅଂଚଳର ବହୁ ଲେଖକ, ସାହିତ୍ୟିକ ଓ ଛୋଟ ପିଲାମାନେ ଉପସ୍ଥିତ ଥିଲେ । ଶେଷରେ ନିର୍ମଳ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

ସେଇଥିରୁ ଆରମ୍ଭ
SEITHO ARAMBHA
ଶନିବାର, ୨୪ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବ୍ରାହ୍ମଣଗାଁରେ ୭୦ ବର୍ଷର ପରମ୍ପରା, ମହାଆଡ଼ମ୍ବରରେ ଚାଲିଛି ମାଆ ଦୁର୍ଗାଙ୍କ ପୂଜା ମହୋତ୍ସବ ଭକ୍ତଙ୍କ ଲାଗିଛି ଭିଡ଼

ବାସୁଦେବପୁର, ୨୩/୧୦ (ଆ.ପ୍ର) : ଭକ୍ତି ଓ ଆଧ୍ୟାତ୍ମିକତାରେ ଉତ୍ସବମୁଖର ହୋଇଉଠିଛି ବ୍ରାହ୍ମଣଗାଁ । ଦୀର୍ଘ ୭୦ ବର୍ଷର ପରମ୍ପରାକୁ ଆଧାର କରି ଏଠାରେ ମହା ଆଡ଼ମ୍ବରରେ ପାଳିତ ହେଉଛି ସାର୍ବଜନୀନ ମାଆ ଦୁର୍ଗାପୂଜା ମହୋତ୍ସବ । ରଙ୍ଗବେରଙ୍ଗ ଆଲୋକସଜ୍ଜା, ଆକର୍ଷଣୀୟ ପୂଜାମଣ୍ଡପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଙ୍କ ମନ ମୋହୁଥିବା ବେଳେ ମାଆଙ୍କ ଦର୍ଶନ ପାଇଁ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରୁ ଛୁଟୁଛି ଶ୍ରଦ୍ଧାଳୁଙ୍କ ସୁଅ ।ମାଆ ଆସିଛନ୍ତି ଧରାପୃଷ୍ଠକୁ ଚାରିଆଡ଼େ ଭକ୍ତିମୟ ପରିବେଶ । ଧୂପ, ଦୀପ ଓ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଛି ପୂଜାମଣ୍ଡପ । ମାଆଙ୍କ ଆଗମନରେ ଉତ୍ସବମୁଖର ହୋଇଉଠିଛି ବ୍ରାହ୍ମଣଗାଁ । ଦୀର୍ଘ ୭୦ ବର୍ଷ ଧରି ଏଠାରେ ଆୟୋଜିତ ହୋଇଆସୁଛି ସାର୍ବଜନୀନ ମାଆ ଦୁର୍ଗାପୂଜା । ଚଳିତ ବର୍ଷ ମଧ୍ୟ ଛଅ ଦିନ ଧରି ମହା ଆଡ଼ମ୍ବରରେ ପାଳନ କରାଯାଉଛି ଏହି ପୂଜା ମହୋତ୍ସବ । ପୂଜାମଣ୍ଡପର ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳା ସୃଷ୍ଟି କରିଛି ମନୋରମ ପରିବେଶ । ଏହା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା, ବସୁଆ ବଳଦ ଦୌଡ଼, ଭକ୍ତଙ୍କ ପାଇଁ ପ୍ରସାଦ ସେବନ ଓ ଭସାଣି ଯାତ୍ରା ରହିଛି ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ । ମାଆଙ୍କ ଦର୍ଶନ ପାଇଁ କେବଳ ଭଦ୍ରକ ନୁହେଁ, ପଡ଼ୋଶୀ ବାଲେଶ୍ୱର ଜିଲ୍ଲାରୁ ମଧ୍ୟ ଶହ ଶହ ଭକ୍ତଙ୍କ ସମାଗମ ହେଉଛି । ମାଆଙ୍କ ଆଶୀର୍ବାଦ ଲାଭ ସହ ଏହି ମହୋତ୍ସବ ଅଂଚଳରେ ଭାଇଚାରା ଓ ସାମାଜିକ ଏକତାର ବାର୍ତ୍ତା ବାଂଟୁଛି । ସାର୍ବଜନୀନ ଦୁର୍ଗାପୂଜା ପରିଚାଳନା କମିଟିର ସଭାପତି ଅମୂଲ୍ୟ ମହାପାତ୍ର ଓ ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତଙ୍କ ସହ ଗୌରାଙ୍ଗ ପଣ୍ଡା, ପ୍ରଶାନ୍ତ ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀ, ରଶ୍ମିରଞ୍ଜନ ସାହୁ, ଖଗେନ୍ଦ୍ର ମହାରଣା, ମିହିର ପଣ୍ଡା, ରବୀନ୍ଦ୍ର ପଣ୍ଡା ଓ ଚକ୍ରଧର ମହାପାତ୍ରଙ୍କ ସମେତ କମିଟିର ସଦସ୍ୟ ଏବଂ ଗ୍ରାମବାସୀମାନେ ଏହି ମହୋତ୍ସବର ଆୟୋଜନରେ ସହଯୋଗ କରୁଛନ୍ତି । ୭୦ ବର୍ଷର ପରମ୍ପରା, ଅଗାଧ ଭକ୍ତି ଓ ମାଆଙ୍କ ପ୍ରତି ଅତୁଟ ବିଶ୍ୱାସକୁ ନେଇ ବ୍ରାହ୍ମଣଗାଁରେ ଚାଲିଛି ଦୁର୍ଗାପୂଜା ମହୋତ୍ସବ ।

ସିନାପାଲିରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ ଅନ୍ୟା ଦାସ
ଷ୍ଟାଡିୟମ ନିର୍ମାଣ ପାଇଁ ସ୍ମାରକପତ୍ର, ସ୍ୱାସ୍ଥ୍ୟସେବାର ଉନ୍ନତି ଉପରେ ଗୁରୁତ୍ୱ

ସିନାପାଲି, ୨୩/୧୦ (ଆ.ପ୍ର) : ନୂଆପଡ଼ା ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଇଏଏସ୍ ଅଧିକାରୀ ଅନ୍ୟା ଦାସ ପ୍ରଥମ ଥର ପାଇଁ ସିନାପାଲି ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ନିର୍ମାଣାଧୀନ ପ୍ରକଳ୍ପର ସ୍ଥିତି ସମୀକ୍ଷା କରିଛନ୍ତି । ଏହି ଗସ୍ତ ସମୟରେ ସେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପରିଦର୍ଶନ କରିବା ସହ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ଓ ଗୁଣବତା ଯାଂଚ କରିଥିଲେ । ଅନ୍ୟପକ୍ଷରେ ସିନାପାଲିରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ଏବଂ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସ୍ଥାନୀୟ ଜନପ୍ରତିନିଧି, ଯୁବସମାଜ ଓ କ୍ରୀଡ଼ାପ୍ରେମୀଙ୍କ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି । ସିନାପାଲିରେ ଏକ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ଦାବି ଦୀର୍ଘଦିନ ଧରି ଉଠିଆସୁଛି । ତେବେ ଏହି ପ୍ରସ୍ତାବ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ ଅଂଚଳର କ୍ରୀଡ଼ାବିତ୍ ଓ ଯୁବପିଢ଼ିଙ୍କ ମଧ୍ୟରେ ନିରାଶା ପ୍ରକାଶ ପାଇଛି । ବ୍ଲକ ମୁଖ୍ୟାଳୟରେ ଷ୍ଟାଡିୟମ ନିର୍ମାଣ ହେଲେ ସ୍ଥାନୀୟ ଖେଳାଳିଙ୍କୁ ଅଭ୍ୟାସ ଓ ପ୍ରତିଯୋଗିତା ପାଇଁ ଉପଯୁକ୍ତ ପରିବେଶ ମିଳିପାରିବ । ଏଥିସହ ଅଂଚଳରେ ଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ଆଗକୁ ବଢ଼ିବାର ସୁଯୋଗ ମିଳିବ ବୋଲି ଦାବି ହୋଇଛି । ଜିଲ୍ଲାପାଳଙ୍କ ପ୍ରଥମ ସିନାପାଲି ଗସ୍ତ ଅବସରରେ ସ୍ଥାନୀୟ ଯୁବସମାଜ, କ୍ରୀଡ଼ାପ୍ରେମୀ ଓ ଜୟ ଜଗନ୍ନାଥ ସାମ୍ବାଦିକ ସଂଘ ପକ୍ଷରୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଷ୍ଟାଡିୟମ ନିର୍ମାଣ ପାଇଁ ଉପଯୁକ୍ତ ଜମି ଚିହ୍ନଟ, ଜମିର କିସମ ପରିବର୍ତ୍ତନ ଏବଂ ଆବଶ୍ୟକ ପ୍ରଶାସନିକ ଓ ଆର୍ଥିକ ଅନୁମୋଦନ ପ୍ରଦାନ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ଏହି ଦାବି ପୂରଣ ହେଲେ ସିନାପାଲି ଅଂଚଳର କ୍ରୀଡ଼ା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବ ବୋଲି ଦାବି ଉପସ୍ଥାପନକାରୀମାନେ ମତ ଦେଇଥିଲେ । ସିଏଚ୍‌ସିରେ ବିଶେଷଜ୍ଞ ଡାକ୍ତର ଓ ଆଧୁନିକ ଯନ୍ତ୍ରପାତି ଦାବି ଗସ୍ତ ସମୟରେ ଜିଲ୍ଲାପାଳ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପରିଦର୍ଶନ କରି ରୋଗୀସେବାର ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଅବସରରେ ସିନାପାଲି ବ୍ଲକ ଉପାଧ୍ୟକ୍ଷା ମୀନା ଘିବେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ, ଅଲଟ୍ରାସାଉଣ୍ଡ ଓ ଡିଜିଟାଲ୍ ଏକ୍ସ-ରେ ସୁବିଧା ନଥିବା, ଫିଜିଓଥେରାପି ସେବାର ଅଭାବ ଏବଂ ନବନିର୍ମିତ ୩୦ ଶଯ୍ୟାବିଶିଷ୍ଟ ସିଏଚ୍‌ସି କୋଠା ହସ୍ତାନ୍ତରରେ ବିଳମ୍ବ ଭଳି ସମସ୍ୟା ଉଠାଯାଇଥିଲା । ଏହି ସମସ୍ୟାଗୁଡ଼ିକର ସମାଧାନ ହେଲେ ରୋଗୀମାନେ ସ୍ଥାନୀୟ ସ୍ତରରେ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ ଏବଂ ଦୂରଦୂରାନ୍ତକୁ ଯିବାର ଅସୁବିଧା କମିବ ବୋଲି ମତ ପ୍ରକାଶ ପାଇଥିଲା । ତେଣୁ ଆବଶ୍ୟକ ଡାକ୍ତର ନିଯୁକ୍ତି, ଆଧୁନିକ ଯନ୍ତ୍ରପାତି ଉପଲବ୍ଧ କରାଇବା ଓ ନୂତନ କୋଠାର ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି ହୋଇଥିଲା । ସିନାପାଲି ଗସ୍ତ ପରେ ଜିଲ୍ଲାପାଳ ହାତୀବନ୍ଧା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ପରିଦର୍ଶନ କରି ରୋଗୀସେବାର ମାନ ଓ ଉପଲବ୍ଧ ସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଏହାପରେ ସେଠାରେ ନିର୍ମିତ ମାର୍କେଟ ୟାର୍ଡ ଓ ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରାବାସ ପରିଦର୍ଶନ କରିଥିଲେ । ପ୍ରକଳ୍ପଗୁଡ଼ିକର ନିର୍ମାଣ ଅଗ୍ରଗତି ଓ ଗୁଣବତା ଯାଂଚ କରିବା ସହ ସେଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରି ଲୋକଙ୍କ ବ୍ୟବହାର ପାଇଁ ଉପଲବ୍ଧ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ ଗୁଣବତା ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ସିନାପାଲି ବିଡିଓ, ତହସିଲଦାର, ଗୋଷ୍ଠୀ ଚିକିତ୍ସାଧିକାରୀ, ସ୍ୱାସ୍ଥ୍ୟକର୍ମୀ, ପୋଲିସ ପ୍ରଶାସନ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ପ୍ରଥମ ସିନାପାଲି ଗସ୍ତରେ ଷ୍ଟାଡିୟମ ନିର୍ମାଣ, ସ୍ୱାସ୍ଥ୍ୟସେବାରେ ଉନ୍ନତି ଓ ନିର୍ମାଣାଧୀନ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ଭଳି ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗ ଗୁରୁତ୍ୱ ପାଇଛି । ଏହି ଦାବିଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଗଲେ ଅଂଚଳର କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି ।

କୁମାର ପୂର୍ଣ୍ଣିମା/ ଗଜଲକ୍ଷ୍ମୀ ପୂଜା ବା କୋଜାଗାର ଲକ୍ଷ୍ମୀ ପୂଜା

ନିମାପଡା, ୨୩/୧୦ (ଆ.ପ୍ର) : ସର୍ବଗୁଣସମ୍ପନ୍ନ ଜୀବନସାଥୀ ପାଇବାକୁ କୁମାରୀ କରନ୍ତି ଚନ୍ଦ୍ରପୂଜା । ସୁନ୍ଦର ବର ପାଇବା ଉଦ୍ଦେଶ୍ୟରେ କାର୍ତ୍ତିକେୟଙ୍କୁ ଆରାଧନା କରିବା ସହ ଚନ୍ଦ୍ର ପୂଜା କରାଯାଇଥାଏ । ଏହି ପୂଜାରେ ଜହ୍ନ ଆସିଲେ ତାଙ୍କୁ ଦେଖି ଚାନ୍ଦ ପୂଜା ହୁଏ । କାରଣ ଏମିତି କଲେ ଚାନ୍ଦ ପରି ବର ମିଳେ । କୁମାରୀମାନେ ଭୋରରୁ ଉଠି ଗାଧୋଇ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ଏହାପରେ ସେମାନେ ବୃନ୍ଦାବତୀଙ୍କ ପାଖରେ ଆଞ୍ଜୁଳାରେ ସାତ ପ୍ରକାରର ଫଳ ନେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଏହାକୁ ଆଞ୍ଜୁଳା ଟେକା କୁହାଯାଏ । ଚଉରା ମୂଳ ଲିପାଲିପି କରି ମୁରୁଜ ପକାଇ ପୂଜା କରନ୍ତି । ଖଇ, ଗୁଆ, କଦଳୀ, ନଡ଼ିଆ, କଷି କାକୁଡ଼ି, କଷି ଜହ୍ନି ଓ ଆଖୁ ଆଦି ଫଳ ପୂଜା କରନ୍ତି । ସୂର୍ଯ୍ୟ ଦେବତାଙ୍କୁ ଚାହିଁ ଏହାକୁ ଆଞ୍ଜୁଳା ଟେକନ୍ତି । ସନ୍ଧ୍ୟାରେ କୁମାରୀମାନେ ଚଉରା ମୂଳେ ଏକତ୍ର ହୋଇ ଚାନ୍ଦ ପୂଜା କରନ୍ତି । ତୁଳସୀ ଗଛରେ ନାଲି ଶଙ୍ଖା ଓ ସାଲୁ କନା ସହ ନୂଆ ବସ୍ତ୍ରଟିଏ ମଧ୍ୟ ଦିଆଯାଇଥାଏ । ଚଉରା ଆଗରେ ପିଢ଼ାରେ ଗୁଆ ରଖି ତା' ଉପରେ ଦୁବ ଘାସ, ଫୁଲ, ବରକୋଳି ପତ୍ର ଦେଇ ସଜାଯାଇଥାଏ । ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦ?ହି, କ୍ଷୀର, କାକୁଡ଼ି, ତାଳସଜ, ମହୁ, ଅଦା, ଘିଅ, ଆଖୁ, ଗଜା ମୁଗ, ସେଓ, ଚିନି ଇତ୍ୟାଦି ପଡ଼ି ଏକ ଚକଟା ପ୍ରସ୍ତୁତ କରାଯାଇଥାଏ । ଏହି ଚକଟାକୁ ଚାନ୍ଦ ଚକଟା କୁହାଯାଏ । ଭୋଗ ପରେ ନିଜ ନିଜ ପ୍ରିୟ ସାଙ୍ଗଙ୍କୁ ସେହି ଚାନ୍ଦ ଖୁଆଇ 'ଚାନ୍ଦ' ବସନ୍ତି । ଆଉ ଟିକେ ରାତି ହେଲେ ଖଇ ଆଣି ଚାନ୍ଦକୁ ସମର୍ପଣ କରନ୍ତି । କୁମାର ପୂର୍ଣ୍ଣିମା ଦିନକୁ ଲକ୍ଷ୍ମୀଙ୍କର ଜନ୍ମଦିନ ରୂପେ ମଧ୍ୟ ପାଳନ କରାଯାଏ । ସମୁଦ୍ର ମନ୍ଥନରୁ ଜାତ ହେବା ପରେ, ଲକ୍ଷ୍ମୀ ଅମୃତ ବାଂଟି ଦେବତାଙ୍କୁ 'ଅମର' କରିଥିଲେ । ତେଣୁ ଦେବତାମାନେ ତାଙ୍କୁ ବର ମାଗିବାକୁ କହିଥିଲେ । ମହାଲକ୍ଷ୍ମୀ କହିଲେ- ହେ ଦେବଗଣ ! ତୁମ୍ଭେ ଶୁକ୍ଳ ପଂଚମୀ ଗୁରୁବାର ଦିନ ମୋହର ବ୍ରତ କରିବ । ଏହିଦିନ ମୁଁ ନାରାୟଣଙ୍କୁ ବର ରୂପେ ପାଇଲି । ଏହି ବ୍ରତ ଯେ ଯଥାବିଧି କରିବ, ମୁଁ ତାଙ୍କୁ ଅଭୟ, ଅତୁଟ ଯଶଶ୍ରୀ ଦେବି । ଯେ ସଂକଳ୍ପ କରି ଏ ବ୍ରତ ନ କରିବ, ମୁଁ ତାହାର ଶ୍ରୀ ହରଣ କରିନେବି । ଏହା ଶୁଣି ଦେବତାମାନେ ହରଷ ହେଲେ । ବ୍ରହ୍ମା ତାଙ୍କୁ କମଳ ଆସନରେ ବସାଇ 'କମଳା' ନାମ ଦେଲେ । ବିଷ୍ଣୁ କହିଲେ, ତୁମର ଆଦ୍ୟ ନାମ 'ମହାଲକ୍ଷ୍ମୀ' । ଏବେ ତୁମେ ମୋତେ ମୋହିଲ; ଏଣୁ କରି ତୁମର ନାମ ହେଲା 'ବିଷ୍ଣୁବଲ୍ଲଭୀ' । ଶିବ ତାଙ୍କୁ ପୂଜା କରି କହିଲେ, ତୁମର ନାମ ହେଉ 'ମେଧା' । ଇନ୍ଦ୍ର ପୂଜା କରି ତାଙ୍କର ନାମ 'ସୀତା' ଦେଲେ । ପିତା ବରୁଣ ତାଙ୍କର ନାମ ଦେଲେ 'ଶ୍ରୀୟା' । ଅଗ୍ନି ତାଙ୍କୁ ପୂଜା କରି 'ପାପନାଶିନୀ' ନାମ ଦେଲେ । ପବନ ପୂଜା କରି ଦେଲେ 'କମଳାଳୟା' ନାମ । ପୃଥିବୀ ପୂଜା କରି ତାଙ୍କର ନାମ ଦେଲେ 'ସିନ୍ଧୁକୁମାରୀ' । ସେହିପରି ଚନ୍ଦ୍ର ପୂଜା କରି ଉଚ୍ଚୈଶ୍ରବା ଅଶ୍ୱ ଦେବା ସହ ତାଙ୍କୁ 'ଚଂଚଳା' ନାମ ଦେଲେ ଏବଂ ଆଦିତ୍ୟ ପଦ୍ମାସନରେ ବସାଇ ପୂଜା କରି ତାଙ୍କର ନାମ ଦେଲେ 'ପଦ୍ମାଳୟା' । ଦିକ୍ ପାଳମାନେ ଦିବ୍ୟ ଗଜାସନରେ ବସାଇ ତାଙ୍କର ନାମ 'ଗଜବାହିନୀ' ଦେଲେ । ଜୟ ମା ମହାଲକ୍ଷ୍ମୀ ।

ଦୁଇ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ, ଜଣେ ଅଟକ

ଦଶପଲ୍ଲା, ୨୩/୧୦ (ଆ.ପ୍ର) : ନିଷିଦ୍ଧ ଗୁଟ୍‌ଖା ବିକ୍ରି ଅଭିଯୋଗରେ ଦଶପଲ୍ଲା ସହରର ଦୁର୍ଗା ବଜାର କଲୋନୀସ୍ଥିତ ଏକ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଚଢ଼ାଉ କରିଛି । ଏହି ଚଢ଼ାଉ ସମୟରେ ପ୍ରାୟ ଦୁଇ ଲକ୍ଷ ଟଙ୍କା ମୂଲ୍ୟର ନିଷିଦ୍ଧ ଗୁଟ୍‌ଖା ଜବତ କରାଯାଇଥିବା ବେଳେ ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି । ସୂଚନାନୁଯାୟୀ, ସରକାରଙ୍କ ଦ୍ୱାରା ନିଷିଦ୍ଧ ଗୁଟ୍‌ଖା ବିକ୍ରି ହେଉଥିବା ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରିଥିଲା । ଏହି ଚଢ଼ାଉରେ ଜିଲ୍ଲା ଭେଷଜ ନିରୀକ୍ଷକ ସନ୍ତୋଷ କୁମାର ପ୍ରଧାନ ଓ ତାଙ୍କ ସହଯୋଗୀ ଦୀନବନ୍ଧୁ ସାହୁ ସାମିଲ ହୋଇଥିଲେ । ଜବତ ଗୁଟ୍‌ଖାର ମୂଲ୍ୟ ପ୍ରାୟ ଦୁଇ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ନିଷିଦ୍ଧ ଗୁଟ୍‌ଖାର ବେଆଇନ କାରବାର ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗର ଏହି ଚଢ଼ାଉକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି ।

ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ନିମନ୍ତେ ଜନସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୨୩/୧୦ (ଆ.ପ୍ର) : ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ଖୋର୍ଦ୍ଧା ଏବଂ ସହକାରୀ ଶ୍ରମ ଅଧିକାରୀ, ବାଲିଅନ୍ତାଙ୍କ ମିଳିତ ଉଦ୍ୟମରେ ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ଲକ୍ଷ୍ୟରେ ବାଲିଅନ୍ତା ବ୍ଲକର ବିଭିନ୍ନ ଅଂଚଳରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅଭିଯାନ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପଶାସନ ପଂଚାୟତର ବାଲକାଟି ବଜାର, ଉଇଁଚୁଆ ପଂଚାୟତର ରଙ୍ଗ ବଜାର, ବାଲିଅନ୍ତା ପଂଚାୟତର ବାଲିଅନ୍ତା ବଜାର, ସରକଣା ପଂଚାୟତର ସରକଣା ବଜାର ଓ ହାଟ, ପୁରଣ ପ୍ରଧାନ ପଂଚାୟତ ଏବଂ ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପଦଯାତ୍ରା, ଦାସକାଠିଆ, ପାଲା ଓ ସଚେତନତା ରଥ ମାଧ୍ୟମରେ ଶିଶୁ ଶ୍ରମ ନିରାକରଣର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଂଚାଯାଇଥିଲା । ଏଥିସହିତ ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଗ୍ୟାରେଜ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ଜନସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଶିଶୁ ଶ୍ରମ ନିଷେଧ ସମ୍ପର୍କିତ ପୋଷ୍ଟର ଓ ଘୋଷଣାନାମା ପ୍ରଦର୍ଶନ କରାଯାଇଥିଲା । ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର କାନ୍ଥରେ ଶିଶୁ ଶ୍ରମ ନିଷେଧ ସମ୍ବନ୍ଧୀୟ ଘୋଷଣାନାମା ଲଗାଯାଇ ଦୋକାନୀ, ବ୍ୟବସାୟୀ ଓ ସାଧାରଣ ଜନତାଙ୍କୁ ଶିଶୁ ଶ୍ରମ ନିୟୋଜନର କୁପରିଣାମ ଏବଂ ଏହା ସମ୍ପର୍କିତ ଆଇନଗତ ଦଣ୍ଡବିଧାନ ବିଷୟରେ ସଚେତନ କରାଯାଇଥିଲା । ଶିଶୁମାନଙ୍କ ପାଇଁ ଶିକ୍ଷା, ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ସହିତ ଶିଶୁ ଶ୍ରମର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ ବୋଲି ବାର୍ତ୍ତା ଦିଆଯାଇଥିଲା । ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ଦିଗରେ ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି କରିବାରେ ସହାୟକ ହେବ ।

ପୂଜ୍ୟପୂଜା ସଂସଦର ୫୫ତମ ବିଜୟା ମିଳନ "ପାରମ୍ପରିକ ବିଜୟା ମିଳନ ମହୋତ୍ସବ ସଭ୍ୟତା ଓ ସଂସ୍କୃତିର ପରିଚୟକ"

ଭଦ୍ରକ, ୨୩/୧୦ (ଆ.ପ୍ର) : ସଭ୍ୟତା ସଂସ୍କୃତିର ପରିଚୟ ମିଳେ ତା'ର ଉନ୍ନତ ପରମ୍ପରା ପାଇଁ । ଯେଉଁଠି ପରମ୍ପରା ସୁନିୟନ୍ତ୍ରିତ ଏବଂ ଧାରାବାହିକତାରେ ନିଷ୍ପାଦର, ସେଇଠି ପାରମ୍ପରିକ ଯାତ୍ରାର ସଫଳତା ଅନୁଭବ କରାଯାଇଥାଏ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦର ୫୫ତମ 'ବିଜୟା ମିଳନ' ଅବସରରେ ଅତିଥି ଓ ବକ୍ତାମାନେ ଯୋଗଦେଇ ମତପ୍ରକାଶ କରିଛନ୍ତି । ଅଧ୍ୟାପକ ଦତ୍ତାତ୍ରେୟ ଦାଶଙ୍କ ସଂଚାଳନରେ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ନିହାର ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଉତ୍ସବଟିକୁ ଉଦ୍ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ ପୂଜ୍ୟପୂଜାର ମହନୀୟ ପରଂପରାକୁ ଅକ୍ଷୁର୍ଣ୍ଣ ରଖିବା ସହ ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ଦିଗରେ ଏଭଳି ଆୟୋଜନର ଆବଶ୍ୟକତା ରହିଛି ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ ପୂଜ୍ୟପୂଜା ସଂସଦର ଏହି ଉଦ୍ୟମ ପୂଜ୍ୟ ବ୍ୟକ୍ତିତ୍ୱଙ୍କ ସମ୍ମାନବୋଧ ଜାଗ୍ରତ କରିବା ସହ ସାହିତ୍ୟିକ ଓ ସାଂସ୍କୃତିକ ଚେତନାର ପ୍ରସାର ଦିଗରେ ସହାୟକ ହୋଇଛି ବୋଲି କହିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସାହିତ୍ୟରତ୍ନ ସ୍ୱର୍ଗତ ଅପୂର୍ବ ରଂଜନ ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଚଳିତବର୍ଷ ମର୍ଯ୍ୟାଦାଜନକ 'ବିଜୟା ସମ୍ମାନ' ଭଦ୍ରକର ପ୍ରାକ୍ତନ ଲୋକପ୍ରିୟ ଜିଲ୍ଲାପାଳ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଦିଲୀପ ରାଉତରାଏଙ୍କୁ ପ୍ରଦାନ କରାଯାଇଥିଲା । ସେ ତାଙ୍କ ସମ୍ବର୍ଦ୍ଧନା ଉତ୍ତରରେ ସାହିତ୍ୟ ମାଧ୍ୟମରେ ସମାଜରେ ମାନବିକତା, ନୈତିକତା ଓ ସାମାଜିକ ମୂଲ୍ୟବୋଧର ପ୍ରସାର ହିଁ ବିଜୟା ମିଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । 'ବିନୋଦ ବିହାରୀ ସ୍ମାରକୀ ସମ୍ମାନ' ଶିକ୍ଷାବିତ୍ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି, 'ନିଶାମଣି ସ୍ମାରକୀ ସମ୍ମାନ' ଲେଖିକା ଓ ସମାଜସେବୀ ବୀଣାପାଣି ସାହୁ, 'ସରୋଜ କଳା ସମ୍ମାନ' ଚିତ୍ରଶିଳ୍ପୀ ମହେନ୍ଦ୍ର କୁମାର ରାଉତ 'ଅପୂର୍ବ ରଞ୍ଜନ ରାୟ ସ୍ମାରକୀ ସମ୍ମାନ' ଡ. ସୋମା ଚାନ୍ଦ, 'ଗୌରାଙ୍ଗଚନ୍ଦ୍ର ମହାନ୍ତି ସ୍ମାରକୀ ସମ୍ମାନ' ରତିକାନ୍ତ ମହାନ୍ତି ଓ ସାମଗ୍ରିକ ସାରସ୍ୱତ ଅବଦାନ ପାଇଁ 'ପୂଜ୍ୟପୂଜା ସାରସ୍ୱତ ସମ୍ମାନ' କବି ଓ ଶିଶୁସାହିତ୍ୟିକ କରୁଣାକର ବେହୁରିଆଙ୍କୁ ପ୍ରଦାନ କରାଯାଇଥିଲା । ଲିପିପୁଷ୍ପା ରାୟ, ମନୋରମା ରାୟ, ସୁଶ୍ରୀସ୍ୱାଗତିକା ଦାସ, ସଂଯୁକ୍ତା ବଳ, ରଶ୍ମିତା ଦାସ, ଉଷାରାଣୀ ଜେନା, ଦୀପ୍ତିମୟୀ ସାହୁ ପ୍ରମୁଖ ମାନପତ୍ର ପାଠ କରିଥିଲେ । ସହସଂପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମଂଚ ଆମନ୍ତ୍ରଣ ଓ ଅନୁଷ୍ଠାନର ସମ୍ପାଦକ ରୂପକ ବିହାରୀ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କବି କରୁଣାକର ବେହୁରିଆଙ୍କ 'ପିଲାଙ୍କ ମନ ଛୁଆଁ କବିତା', କବୀ ମନୋରମା ରାୟଙ୍କ 'ମାଟି ଚନ୍ଦନ', ବିଚିତ୍ରାନନ୍ଦ ଜେନାଙ୍କ 'ଅଙ୍କୁର', ବୀଣାପାଣି ସାହୁଙ୍କ 'ଅମୃତା ପ୍ରୀତମଙ୍କ ଗଳ୍ପ ସମ୍ଭାର' ପୁସ୍ତକ ଉନ୍ମୋଚିତ ହୋଇଥିଲା । ସନାତନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପର୍ବରେ ଡ. ଅଭୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟବକ୍ତା ଭାବେ ଡ. ବିଶ୍ୱରଞ୍ଜନ ଦାସ, ବରେଣ୍ୟ ଅତିଥି ଭାବେ ଇଂ. ଅରୁଣ ପାତ୍ର, କିଶୋର କୁମାର ପାଣିଗ୍ରାହୀ ଯୋଗଦେଇ କବିତା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ମୁସ୍ତାକ୍ ଗନ୍ଧର ଓ କବି ଶରତ ଚନ୍ଦ୍ର ଜେନା ପଠିତ କବିତାର ସଂଯୋଜନା କରିଥିଲେ ।

ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ସଫେଇ କର୍ମଚାରୀଙ୍କ କାର୍ଯ୍ୟ ଆରମ୍ଭ

ଦଶପଲ୍ଲା, ୨୩/୧୦ (ଆ.ପ୍ର) : ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଠିକା ସଫେଇ କର୍ମଚାରୀ ମାନେ ବିଗତ ୫ ମାସର ସେମାନଙ୍କ ପାରିଶ୍ରମିକ ନପାଇ ୮ ଦିନ ହେଲା ସଫେଇ କାର୍ଯ୍ୟ ବନ୍ଦ କରିବା ଫଳରେ ନାହିଁ ନଥିବା ସମସ୍ୟା ଉପୁଜୁ ଥିବା ଦେଖାଦେଇଛି । ସଫେଇ କର୍ମଚାରୀମାନେ ବନ୍ଦ ଭଳି କଠୋର ନିଷ୍ପତି ନେବା ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ବାହାରୁଥିବା ବର୍ଜ୍ୟ ବସ୍ତୁ ଓ ମଇଳା ଏଣେ ତେଣେ ପଡିବା ସହିତ ପ୍ରତ୍ୟେକ ୱାର୍ଡ ଗୃହ ଓ ଶୌଚାଳୟ ଅବସ୍ଥା ଶୋଚନୀୟ ହୋଇ ପଡିଥିଲା । ସୂଚନା ଅନୁସାରେ ୫ମାସ ମଧ୍ୟରୁ ପୂର୍ବରୁ ୧ମାସର ଦରମା ଦିଆଯାଇଥିଲା ହେଲେ ଏହି ୧ମାସର ଦରମା କୁ ଲୁଚାଇ ୫ମାସର ଦରମା ପାଇନଥିବା ଗଣମାଧ୍ୟମକୁ କହିଥିଲେ । ଏଥିସହିତ ଆଜି ନୟାଗଡ଼ ଜିଲ୍ଲାପାଳ ଏବଂ ସିଡ଼ିଏମଙ୍କୁ ଭେଟିଥିଲେ । ଠିକସଂସ୍ଥା ପୁନଃଚ ଏକ ମାସର ଦରମା ଦେବା ସୂଚନା ମିଳିଥିଲା । ନୟାଗଡ଼ରୁ ଫେରି କାର୍ଯ୍ୟ କରିବେ ବୋଲି ଜଣାପଡିଛି । ବଡ଼କଥା ହେଲା ଏଥିରେ ଭୁଲ କାହାର ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ସବୁବେଳେ ବିବାଦ ଲାଗିରହିଥିବା ସହିତ ବହୁଦିନରୁ ରହିଥିବା ଷ୍ଟାଫଙ୍କ ବଦଳରେ ନୂଆ ନୂତନ ଷ୍ଟାଫଙ୍କୁ ନିଯୁକ୍ତି ଦିଆଗଲେ ଏଭଳି ପରିସ୍ଥିତି ଘଟିବ ନାହିଁ ବୋଲି ଆଲୋଚନା ହେଉଅଛି ।ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏହି ଗୁରୁତ୍ୱର ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ ଦାବୀ ହେଉଛି ।

ପାଣିରେ ବୁଡି ଜେଜେ ଓ ନାତି ମୃତ

ଭଦ୍ରକ, ୨୩/୧୦ (ଆ.ପ୍ର) : ଖେଳୁଥିବା ବେଳେ ପୋଖରୀରେ ବୁଡି ଗଲେ ନାତି । ନାତି କୁ ଉଦ୍ଧାର କରିବାକୁ ଯାଇ ଜେଜେ ମଧ୍ୟ ପୋଖରୀରେ ବୁଡି ଯାଇ ମୃତ୍ୟୁ ବରଣ କଲେ । ଏମିତି ଦୁଃଖଦ ଓ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅଧିନସ୍ଥ ବ୍ରହ୍ମପୁର ପଂଚାୟତର ମାଳିଅରୁଆଁ ଗ୍ରାମରେ । ଏହି ଗାଁର ସାଇ ଶୁଭମ ବାରିକ ନାମକ ଜଣେ ୫ ବର୍ଷର ଶିଶୁ ଖେଳୁ ଖେଳୁ ପୋଖରୀ କୂଳକୁ ଚାଲି ଯାଇଥିଲେ । ଅସାବଧାନତା ବଶତଃ ସେ ପୋଖରୀରେ ବୁଡି ଯାଇଥିଲେ । ତେବେ ନାତି ବୁଡି ଯାଉଥିବା ଦେଖି ଜେଜେ ଦୟାନିଧି ବାରିକ ପୋଖରୀ ଭିତରକୁ ପଶିଯାଇଥିବା ବେଳେ, ସେ ପହଁରା ଜାଣିନଥିବା ଯୋଗୁଁ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ପୋଖରୀ ଭିତରୁ ମାଛଧରା ଜାଲୁଆଙ୍କ ଦ୍ୱାରା ଉଭୟ କୁ ଉଦ୍ଧାର କରି ଦମକଳ ମାଧ୍ୟମରେ ଭଦ୍ରକ ଡାକ୍ତରଖାନା କୁ ଆଣିଥିବା ବେଳେ ଡାକ୍ତର ଜେଜେ ଓ ନାତିଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ସମ୍ପୃକ୍ତ ଅଂଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଖବର ପାଇ ସାବରଙ୍ଗ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

ଅକ୍ଟୋବର ୨୩ ସର୍ବଭାରତୀୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଭଦ୍ରକରେ ମିଳିତ ବୈଠକ

ଭଦ୍ରକ, ୨୩/୧୦ (ଆ.ପ୍ର) : ଜ୍ଞାନେଶ କୁମାରଙ୍କୁ ବରଖାସ୍ତ ଓ ଗିରଫ କରିବା, ନିର୍ବାଚନ କମିଶନର ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା ଓ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ସାମିଲ କରିବା, ଆମ ଦେଶରେ ଆନୁପାତିକ ଲୋକ ପ୍ରତିନିଧି ଚୟନ ଜନିତ ନିର୍ବାଚନ କରିବା, ଆମ ଦେଶର ସାଧାରଣ ନିର୍ବାଚନରେ ପ୍ରାର୍ଥୀ ମାନଙ୍କ ସଂପୂର୍ଣ୍ଣ ଖର୍ଚ୍ଚ ସରକାର କରିବା, ନିର୍ବାଚନ ବଣ୍ଡ ମାଧ୍ୟମରେ ବହୁଜାତୀୟ କଂପାନୀ ଠାରୁ ବିଭିନ୍ନ ଦଳ ଆଣୁଥିବା ନିର୍ବାଚନୀ ଚାନ୍ଦା ବ୍ୟବସ୍ଥାକୁ ରଦ୍ଦ କରିବା, ଇଭିଏମ ହଟାଇ ବାଲାଟ ପେପର ଫେରାଇ ଆଣିବା, ଆମ ଦେଶରେ ଚାଲିଥିବା ଐତିହାସିକ ଯୁବ ଛାତ୍ର ଆନ୍ଦୋଳନ ଉପରେ ଦମନ ବଂଦ କରିବା, ଆମ ଦେଶର ଧର୍ମନିରପେକ୍ଷ ଗଣତନ୍ତ୍ର, ସମ୍ବିଧାନ ଓ ସାଧାରଣତନ୍ତ୍ର ର ସୁରକ୍ଷା, ଆମ ଦେଶରେ ଦରବୃଦ୍ଧି, ବେକାରୀ ସମସ୍ୟାର ସ୍ଥାୟୀ ସମାଧାନ, ଏପଷ୍ଟିନ୍ ଫାଇଲ୍ ଘଟଣାରେ ହରଦିପ ସିଂ ପୁରୀଙ୍କୁ ଗିରଫ ସହ ପ୍ରଧାନମନ୍ତ୍ରୀଙ୍କ ସଂପୃକ୍ତି ସଂପର୍କରେ ନ୍ୟାୟିକ ତଦନ୍ତ ଦାବି ସହ ମୋଦି ସରକାର ଆମ ଦେଶରେ ଜାରି କରିଥିବା ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବିରୁଧରେ ଆସନ୍ତା ଅକ୍ଟୋବର ୨୩ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଦିଲ୍ଲୀ ଚଲୋ ଡାକରା ଓ 'ଏସ୍ ଆଇଆର ବିରୁଦ୍ଧରେ ଜନଗଣ' ସଂଗଠନ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଇଥିବା ବେଳେ ଆସନ୍ତା ନଭେମ୍ବର ୧ ତାରିଖ ରେ ଇଣ୍ଡିଆ ମେଂଟ ପକ୍ଷରୁ ଦିଲ୍ଲୀ ଚଲୋ ଡାକରା ଦିଆଯାଇଛି । ଏହି ଐତିହାସିକ ଆନ୍ଦୋଳନକୁ ସଫଳ କରିବା ପାଇଁ ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାତ୍ରୀ, ସିପିଆଇଏମଏଲ (ଲିବରେସନ) ଜିଲ୍ଲା ସଂପାଦକ ସମର ବଳଙ୍କ ମିଳିତ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାରେ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ ସଦରମହକୁମାରେ ଅକ୍ଟୋବର, ୨୩ରେ ବ୍ଲକ ସ୍ତରୀୟ ବିକ୍ଷୋଭ, ସଭା, ପଥପ୍ରାନ୍ତ ସଭା, ଜନଗଣଙ୍କ ସଂସଦ ଆଦି ସଂଗଠିତ କରାଯିବାକୁ ନିଷ୍ପତି ନିଆଯାଇଛି । ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, କଂଗ୍ରେସ ଦଳିତ ସେଲ୍ ର ରାଜ୍ୟ ସଂପାଦକ ରାଜେନ୍ଦ୍ର ପ୍ରସାଦ ଯେନା, କଂଗ୍ରେସ ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ୍, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ସିପିଆଇ(ଏମ) ନେତା ଗିରିଧାରୀ ନାଥ, ଯୁବନେତା ବିନୋଦ ସାହୁ, ବରିଷ୍ଠ କଂଗ୍ରେସ ନେତା ଅବଦୁଲ ମୋଲିଦ୍ ଖାନ୍, ଯୁବ କଂଗ୍ରେସ ଜିଲ୍ଲା ସଭାପତି ବଳରାମ ରାଉତ, ଯୁବନେତା ଇଲିଆସ ଖାନ୍, ଆଇନଜୀବୀ ବିଜୟ ରାଉତ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଏକଛତ୍ରବାଦୀ-ନବ୍ୟଫାଶୀବାଦୀ, ଭ୍ରଷ୍ଟାଚାରୀ ଶାସନ ବିରୁଦ୍ଧରେ ଲଢେଇ କରିବା ସହ ଏସ୍‌ଆଇଆର୍ ପ୍ରକ୍ରିୟା ସଂପୂର୍ଣ୍ଣ ବାତିଲ କରିବା, ସଂଶୋଧିତ ଜନଗଣନା ନିୟମାବଳୀ-୨୦୨୬ ବାତିଲ ପର୍ଯ୍ୟନ୍ତ ଏହି ଐତିହାସିକ ଆନ୍ଦୋଳନକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ଇଣ୍ଡିଆ ମେଂଟର ନେତୃତ୍ୱ ଜିଲ୍ଲାବାସୀଙ୍କୁ ଆହ୍ୱାନ ଜଣାଇଥିଲେ ।

ସେଇଥିଓ ଆରମ୍ଭ
SEITHO ARAMBHA
ଶନିବାର, ୨୪ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ଖେଳିବେ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୨୩/୧୦(ନ୍ୟୁ.ଏ): ଟିମ ଇଣ୍ଡିଆର ବିସ୍ମୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ଖୁସି ଖବର । ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ଦେଖିବାକୁ ମିଳିବ । ଟପ୍ ଅର୍ଡର ପ୍ୟାକ ଯୋଗୁ ବୈଭବଙ୍କୁ ଚୂଡ଼ାନ୍ତ ଏକାଦେଶରେ ସୁଯୋଗ ମିଳୁ ନଥିଲା । କିନ୍ତୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ତାଙ୍କୁ ମିଳିପାରେ ସୁଯୋଗ । ଭାରତ ପ୍ରଥମ ଟି-୨୦ ମ୍ୟାଚ୍ ଜିତିଥିବା ବେଳେ ଆହତ କାରଣରୁ ଦ୍ୱିତୀୟ ଲଢ଼େଇରୁ ବାଦ ପଡ଼ି ପାରନ୍ତି ଈଶାନ କିଶନ । ତେଣୁ ଈଶାନଙ୍କ ସ୍ଥାନରେ ବୈଭବଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ ବୋଲି ଭାରତୀୟ ଟିମର ବ୍ୟାଟିଂ କୋଚ ସୀତାଂଶୁ କୋଟାକ ସ୍ପଷ୍ଟ କରିଛନ୍ତି । ଖ୍ରୀଷ୍ଟଚର୍ଚ୍ଚରେ ଖେଳା ଯାଇଥିବା ପ୍ରଥମ ଟି-୨୦ରେ ଭାରତ ୪ ୱିକେଟରେ ବିଜୟ ହୋଇଥିଲା । ଏହି ମ୍ୟାଚ୍‌ରେ ଈଶାନ କିଶନ କେବଳ ୧ ରନ କରିଥିଲେ । ତେବେ ମ୍ୟାଚ୍ ବେଳେ ତାଙ୍କ ଜଙ୍ଘରେ ସମସ୍ୟା ଦେଖାଯାଇଥିଲା । ତେଣୁ ସେ ହାଗଲେୟ ଓଭାଲରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟି-୨୦ରେ ନଜର ଆସି ନ ପାରନ୍ତି ବୋଲି ସୀତାଂଶୁ କୋଟା କହିଛନ୍ତି । ନିୟମିତ ଭାବେ ୩ ନମ୍ବରରେ ବ୍ୟାଟିଂ କରୁଥିବା ଈଶାନ ଗୁରୁବାର ନିମ୍ନକ୍ରମରେ ବ୍ୟାଟିଂ କରିଥିଲେ । ଫ୍ୟାନ୍ସ ଭାବିଥିଲେ ଯେ ଭାରତୀୟ ଟିମ ମ୍ୟାନେଜମେଂଟ ତିଳକ ବର୍ମାଙ୍କୁ ଉପରେ ଖେଳାଇ ପରୀକ୍ଷାନୀରିକ୍ଷା କରୁଛି । ହେଲେ ଆହତ ସମସ୍ୟା ଯୋଗୁ ଈଶାନ ୫ ନମ୍ବରରେ ବ୍ୟାଟିଂ କରିଥିଲେ ଓ କେବଳ ୧ ରନ କରିବାକୁ ସକ୍ଷମ ହୋଇଥିଲେ । ସୀତାଂଶୁ କୋଟାକ ମ୍ୟାଚ୍ ପରେ କହିଛନ୍ତି ଯେ "ଈଶାନ କିଶନଙ୍କ ଜଙ୍ଘରେ ସମସ୍ୟା ଦେଖାଯାଇଛି । ଏଥିପାଇଁ ତିଳକ ବର୍ମା ୩ ନମ୍ବରରେ ବ୍ୟାଟିଂ କରିଥିଲେ । ଈଶାନ ଦ୍ୱିତୀୟ ଟି-୨୦ ଖେଳିବାର ସମ୍ଭାବନା କମ । ଯଦି ଈଶାନ ଖେଳିବେ ନାହିଁ, ତା'ହେଲେ ବୈଭବ ନିଶ୍ଚିତ ଭାବେ ତାଙ୍କ ସ୍ଥାନ ନେବେ । ସେ ଏବେ ଈଶାନଙ୍କ ସ୍ଥାନ ନେବାକୁ ସବୁଠାରୁ ଆଗରେ ରହିଛନ୍ତି ।" ଏସିଆନ ଗେମ୍ସ ଫାଇନାଲ ପରଠାରୁ ଭାରତୀୟ ଟିମର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି ବୈଭବ । ସେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ୫ ଟିକିଆ ଟି-୨୦ ସିରିଜ ସ୍କ୍ୱାଡରେ ଥିଲେ ହେଁ ତାଙ୍କୁ ମ୍ୟାଚ ଖେଳିବାକୁ ସୁଯୋଗ ମିଳି ନଥିଲେ । ନ୍ୟୁଜିଲ୍ୟାଣ୍ଡ ସିରିଜ ପୂର୍ବରୁ ମଧ୍ୟ ବୈଭବଙ୍କୁ ଉପଯୁକ୍ତ ସମୟରେ ସୁଯୋଗ ମିଳିବ ବୋଲି ଭାରତୀୟ ଟିମ ଅଧିନାୟକ ଶ୍ରେୟସ ଆୟର କହିଥିଲେ । ତାଙ୍କୁ ଧୈର୍ଯ୍ୟ ରଖିବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ । ଏବେ ଈଶାନଙ୍କ ଆହତ ସମସ୍ୟା ବୈଭବଙ୍କୁ ନୂଆ ସୁଯୋଗ ଦେଇପାରେ । ଭାରତ ଅକ୍ଟୋବର ୨୪ ଅର୍ଥାତ ଆସନ୍ତାକାଲି ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଦ୍ୱିତୀୟ ଟି-୨୦ ଖେଳିବ । ପ୍ରଥମ ମ୍ୟାଚ୍‌ରେ ଦଳ ରେକର୍ଡ ଚେଜ୍ ସହ ସିରିଜକୁ ଏବେ ୧-୦ କରି ଦେଇଛି ।

ଫିଲ୍ମ 'ଦୁସରା'ର ରିଲିଜରେ ରୋକ୍ ଲଗାଇବାକୁ ମନା କଲେ ହାଇକୋର୍ଟ

ନୂଆଦିଲ୍ଲୀ, ୨୩/୧୦(ନ୍ୟୁ.ଏ): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ଝଟକା । ଗୁରୁବାର ଦିଲ୍ଲୀ ହାଇକୋର୍ଟ 'ଦୁସରା' ଫିଲ୍ମର ରିଲିଜ ଉପରେ ରୋକ୍ ଲାଗିବାକୁ ସ୍ପଷ୍ଟ ଭାବେ ମନା କରି ଦେଇଛନ୍ତି । ଏହି ଫିଲ୍ମଟି ଏହାର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଶୁକ୍ରବାର ହଲରେ ରିଲିଜ ହେବାକୁ ଯାଉଛି । ଯଦିଓ ଉଚ୍ଚନ୍ୟାୟାଳୟ ଫିଲ୍ମର ରିଲିଜ୍ ଉପରେ ତୁରନ୍ତ ରୋକ୍ ଲଗାଇବାକୁ ମନା କରିଛନ୍ତି, ହେଲେ ଗାଙ୍ଗୁଲିଙ୍କ ଆବେଦନ ଉପରେ ପରବର୍ତ୍ତୀ ଶୁଣାଣି ଶୁକ୍ରବାର ମଧ୍ୟ ଜାରି ରହିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଗାଙ୍ଗୁଲି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି ଯେ, ଫିଲ୍ମରେ ତାଙ୍କ ଅଧିନାୟକତ୍ୱ ସମୟରେ ୨୦୦୨ ନାଟୱେଷ୍ଟ ସିରିଜ୍ ଫାଇନାଲ୍ ଏବଂ ଲର୍ଡ୍ସ ମୈଦାନରେ ସର୍ଟ-ଲେସ୍ ହୋଇ ଉତ୍ସବ ପାଳନ କରିବାର ଘଟଣାକୁ ପ୍ରଦର୍ଶିତ କରାଯାଇ ,ତାଙ୍କ ବ୍ୟାବସାୟିକ ଏବଂ ବ୍ୟକ୍ତିଗତ ଅଧିକାରର ଉଲ୍ଲଂଘନ କରାଯାଉଛି । କ୍ରିକେଟ୍ ପ୍ରେମୀଙ୍କ ମନରେ ଆଜି ମଧ୍ୟ ୨୦୦୨ ନାଟୱେଷ୍ଟ ସିରିଜର ସେହି ଫାଇନାଲ୍ ମୁକାବିଲା ଏବଂ ଲର୍ଡ୍ସ ଗ୍ୟାଲେରୀରୁ ସୌରଭ ଗାଙ୍ଗୁଲିଙ୍କ ସର୍ଟଲେସ୍ ହୋଇ ଉତ୍ସବ ପାଳନ କରିବାର ସ୍ମୃତି ସତେଜ ରହିଛି । ଇଂଲଣ୍ଡ ବିରୁଦ୍ଧରେ ସେହି କଠିନ ଲକ୍ଷ୍ୟର ପିଛା କରି ଭାରତର ବିଜୟ ଏବଂ ପରେ ଗାଙ୍ଗୁଲିଙ୍କ ସେହି ଆକ୍ରମଣାତ୍ମକ ତଥା ଐତିହାସିକ ଉତ୍ସବ ପାଳନ ଭାରତୀୟ କ୍ରିକେଟ୍ ଇତିହାସର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ମଧ୍ୟରୁ ଅନ୍ୟତମ । ଗାଙ୍ଗୁଲି ବିଶ୍ୱାସ କରନ୍ତି ଯେ ତାଙ୍କ ଅନୁମତି ବିନା ଏପରି ବ୍ୟକ୍ତିଗତ ମୁହୂର୍ତ୍ତଗୁଡ଼ିକୁ ଫିଲ୍ମରେ ବ୍ୟାବସାୟିକ ଲାଭ ପାଇଁ ବ୍ୟବହାର କରିବା ତାଙ୍କ ଅଧିକାରର ଉଲ୍ଲଂଘନ ଅଟେ । ସେ ତାଙ୍କ ବ୍ୟକ୍ତିତ୍ୱ ଏବଂ ଜୀବନ ସହ ଜଡ଼ିତ ଏଭଳି ଅନଧିକୃତ ବ୍ୟବସାୟିକ କାର୍ଯ୍ୟକଳାପ ବିରୁଦ୍ଧରେ ଆଇନଗତ ସୁରକ୍ଷା ପାଇଁ କୋର୍ଟରେ ଦାବି କରିଛନ୍ତି । ଏହି ପୂରା ଆଇନଗତ ବିବାଦ ପୁଣିଥରେ ସେହି ବଡ଼ ପ୍ରଶ୍ନକୁ ସାମ୍ନାକୁ ଆଣିଛି ଯେ, ଫିଲ୍ମ ନିର୍ମାତାମାନଙ୍କ ସୃଜନଶୀଳ ସ୍ୱାଧୀନତାର ସୀମା କେଉଁ ପର୍ଯ୍ୟନ୍ତ ରହିଛି । ଫିଲ୍ମ ନିର୍ମାଣ ସମୟରେ ନିର୍ମାତାମାନେ କୌଣସି ଖେଳାଳିଙ୍କ ଜୀବନ, ସେମାନଙ୍କ ସଫଳତା ଏବଂ ସର୍ବସାଧାରଣରେ ପରିଚିତ ମୁହୂର୍ତ୍ତଗୁଡ଼ିକୁ ବିନା ଅନୁମତିରେ ବ୍ୟବହାର କରିପାରିବେ କି ? ଏବଂ ଯଦି ଏପରି କରାଯାଏ, ତେବେ କେଉଁ ସୀମା ପରେ ଏହା ବ୍ୟକ୍ତିଗତ ଅଧିକାର ଉଲ୍ଲଂଘନ ପରିସରଭୁକ୍ତ ହେବ । ସାମ୍ପ୍ରତିକ ସମୟରେ ଏଭଳି ମାମଲାଗୁଡ଼ିକ ଭାରତୀୟ ଅଦାଲତରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ବହୁ ପ୍ରସିଦ୍ଧ ବ୍ୟକ୍ତି, ଅଭିନେତା ଏବଂ ଖେଳାଳିମାନେ ସେମାନଙ୍କର ନାମ, ପ୍ରତିଛବି ଏବଂ ପରିଚୟ ସହ ଜଡ଼ିତ ଅନ୍ୟାନ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ଅନଧିକୃତ ବ୍ୟାବସାୟିକ ବ୍ୟବହାରରୁ ରକ୍ଷା କରିବା ପାଇଁ ଆଇନଗତ ପଥ ଆପଣାଉଛନ୍ତି । ବର୍ତ୍ତମାନ ସୌରଭ ଗାଙ୍ଗୁଲିଙ୍କ ଆବେଦନ ଉପରେ କୋର୍ଟରେ ଆଇନଗତ ଲଢ଼େଇ ଜାରି ରହିଛି । ଶୁକ୍ରବାର ଦିନ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ଏହି ବିଷୟରେ ଆଲୋଚନା ହେବ ଯେ ,ଫିଲ୍ମର କିଛି ଅଂଶରେ ପ୍ରକୃତରେ ଗାଙ୍ଗୁଲିଙ୍କ ଅଧିକାରର ଉଲ୍ଲଂଘନ ହୋଇଛି କି ନାହିଁ । ଯେହେତୁ ଅଦାଲତ ଫିଲ୍ମର ରିଲିଜ୍ ଉପରେ ରୋକ ଲଗାଇବାକୁ ମନା କରି ଦେଇଛନ୍ତି, ତେଣୁ ଏହି ଫିଲ୍ମଟି ଏହାର ନିର୍ଦ୍ଧାରିତ ସମୟରେ ଶୁକ୍ରବାର ଦର୍ଶକଙ୍କ ସାମ୍ନାକୁ ପରଦାରେ ଆସିବ ।

ରାହୁଲଙ୍କୁ ଭୟ କରୁଛି ବିଜେପି : ଶିଶି ଥରୁର

ନୂଆଦିଲ୍ଲୀ, ୨୩/୧୦(ନ୍ୟୁ.ଏ): କଂଗ୍ରେସ ସାଂସଦ ଶଶି ଥରୁର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେହି ବୟାନର ଜବାବ ଦେଇଛନ୍ତି, ଯେଉଁଥିରେ ସେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଗୋଟିଏ ବର୍ଷରେ ଶ୍ରୀହରିକୋଟାରୁ ଏତେ ରକେଟ୍ ଉଡ଼ାଯାଇ ନାହିଁ ଯେତେ କଂଗ୍ରେସ ତାଙ୍କ ନେତାଙ୍କୁ ଲଂଚ କରିବାକୁ ଅସଫଳ ପ୍ରୟାସ କରିଛି । ଥରୁର ଏହାର ଜବାବରେ କହିଛନ୍ତି ଯେ ବିଜେପି ଲଗାତାର ରାହୁଲ ଗାନ୍ଧୀଙ୍କୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି କାରଣ ଏହା ତାଙ୍କର ବଢ଼ୁଥିବା ଲୋକପ୍ରିୟତାକୁ ଭୟ କରୁଛି । ଏକ ଜାତୀୟ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଥରୁର କହିଛନ୍ତି ଯେ, ବିଜେପି ରାହୁଲ ଗାନ୍ଧୀ ଜଣେ ଗମ୍ଭୀର ନେତା ନୁହଁନ୍ତି ବୋଲି ଦାବି କରିବା ସମ୍ପୂର୍ଣ୍ଣ ମିଥ୍ୟା । ସେ କହିଛନ୍ତି ଯେ ଗତ କିଛି ମାସ ମଧ୍ୟରେ, ରାହୁଲ ଗାନ୍ଧୀ ଦେଶର ଯୁବ ଭୋଟରଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଏବଂ ଆବେଗ ସୃଷ୍ଟି କରିଛନ୍ତି । ସାଂସଦ ଶଶି ଥରୁର ବିଜେପିକୁ ରାହୁଲ ଗାନ୍ଧୀଙ୍କୁ ଅଣଦେଖା କରିବା ପରିବର୍ତ୍ତେ ଏହି ପରିବର୍ତ୍ତନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, 'ବିଜେପି ରାହୁଲ ଗାନ୍ଧୀଙ୍କୁ ଗମ୍ଭୀରତାର ସହ ନେଉଛି ଏବଂ ସେଥିପାଇଁ ସେ ତାଙ୍କୁ ଜନସାଧାରଣଙ୍କ ସମ୍ମୁଖରେ ଜଣେ ବିଫଳ ନେତା ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଛି ।' ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ପ୍ରତିବାଦର ନେତୃତ୍ୱ ନେଉଛନ୍ତି, ତାଙ୍କୁ 'ଭୋଟ୍ ଚୋରି' ଅଭିଯୋଗ କରିଛନ୍ତି । ଏହି ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରିଛନ୍ତି ଯେ ନେହେରୁ-ଗାନ୍ଧୀ ପରିବାର କଂଗ୍ରେସ ଦଳ ପାଇଁ ଏକ ଦାୟିତ୍ୱ ପାଲଟିଛି, ଏବଂ ଶାସକ ଦଳର ନେତା ମାନଙ୍କ ସହିତ ରୁଦ୍ଧଦ୍ୱାର ଆଲୋଚନା ସମୟରେ ମଧ୍ୟ ଦଳର ବରିଷ୍ଠ ନେତାମାନେ ଏହାକୁ ସ୍ୱୀକାର କରନ୍ତି । ତଥାପି, କଂଗ୍ରେସ ସାଂସଦ ଶଶି ଥରୁର ପ୍ରଧାନମନ୍ତ୍ରୀଙ୍କ ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ନିଜ ଉଦାହରଣ ଦେଇ ଯୁକ୍ତି ଦେଇଛନ୍ତି ଯେ କଂଗ୍ରେସ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ବହୁତ ମଜବୁତ । ଶଶି ଥରୁର କହିଛନ୍ତି, 'ଯଦିଓ ସେ ଅନେକ ଥର ଦଳୀୟ ଲାଇନ୍ ଠାରୁ ଭିନ୍ନ ମତ ପ୍ରକାଶ କରିଛନ୍ତି, ତଥାପି ସେ ଦଳର ଏକ ଅଂଶ ରହିଛନ୍ତି, ଦଳ ପାଇଁ ପ୍ରଚାର କରନ୍ତି ଏବଂ ବୈଦେଶିକ ବ୍ୟାପାର ସଂସଦୀୟ କମିଟିର ଅଧ୍ୟକ୍ଷ ପଦବୀରେ ଅଛନ୍ତି । କେବଳ ଭିନ୍ନ ମତ ରଖିବା ପାଇଁ ଦଳ ମଧ୍ୟରେ କାହାକୁ ଅଣଦେଖା କିମ୍ବା ବହିଷ୍କାର କରାଯାଏ ନାହିଁ ।'

ବିରୋଧ ପ୍ରଦର୍ଶନ ଆଶଙ୍କା: ଅକ୍ଟୋବର ୩୧ ପର୍ଯ୍ୟନ୍ତ ଦିଲ୍ଲୀରେ ମୁତୟନ ହେବେ ୨୭୩ ସିଏପିଏଫ୍ କମ୍ପାନି

ନୂଆଦିଲ୍ଲୀ, ୨୩/୧୦(ନ୍ୟୁ.ଏ): ରାଜନୈତିକ ଓ ଅନ୍ୟ ଗୋଷ୍ଠୀମାନଙ୍କ ଦ୍ୱାରା ଆକସ୍ମିକ ପ୍ରତିବାଦ ଆଶଙ୍କା କରି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦିଲ୍ଲୀରେ ୨୭୩ଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) କମ୍ପାନିର ମୁତୟନକୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଭାରତୀୟ ଜନତା ପାର୍ଟି(ବିଜେପି)ର ପ୍ରତିବାଦକୁ ଦେଖି ଏହି ସଶସ୍ତ୍ର ପୁଲିସ ବାହିନୀକୁ ଦିଲ୍ଲୀ ଡକାଯାଇଥିଲା । ଗୃହ ମନ୍ତ୍ରଣାଳୟ ଅକ୍ଟୋବର ୨୨ ତାରିଖରେ ଦିଲ୍ଲୀ ପୁଲିସ ଓ ସମ୍ପୃକ୍ତ ସିଏପିଏଫଗୁଡ଼ିକୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦିଲ୍ଲୀ ପୁଲିସର ଅନୁରୋଧକ୍ରମେ ଏହି ସମ୍ପ୍ରସାରଣକୁ ମଞ୍ଜୁର କରାଯାଇଥିଲା । ଅଧିକାରୀମାନେ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ହଠାତ୍ ପ୍ରତିବାଦ ହେବାର ଆଶଙ୍କା ଉଲ୍ଲେଖ କରିଥିଲେ । ମନ୍ତ୍ରଣାଳୟ ଅକ୍ଟୋବର ମଧ୍ୟଭାଗରେ ଏହି ପ୍ରକାର ବୃଦ୍ଧିକୁ ମଞ୍ଜୁରି ଦେଇଥିଲେ । ଦିଲ୍ଲୀ ପୁଲିସ ସହିତ ନିୟୋଜିତ ହେବାକୁ ଥିବା ୨୭୩ ଟି କମ୍ପାନି ମଧ୍ୟରୁ ୧୨୫ ଟି କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ)ର, ଯେଉଁଥିରେ ୨୦ ଟି ମହିଳା କର୍ମଚାରୀ ୟୁନିଟ୍; ୪୬ ଟି ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ; ୩୯ ଟି ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ (ଆଇଟିବିପି), ୩୧ ଟି ସଶସ୍ତ୍ର ସୀମା ବଳ (ଏସ୍ଏସ୍ବି): ୨୦ ଟି ରାପିଡ୍ ଆକ୍ସନ୍ ଫୋର୍ସ (ଆରଏଏଫ୍) ; ଏବଂ ୧୨ ଟି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍ଏଫ୍) କମ୍ପାନି ରହିଛି । ଏକ ସିଏପିଏଫ୍ କମ୍ପାନୀର ଅନୁମୋଦିତ ସଂଖ୍ୟା ୧୦୦ ଜଣ କର୍ମଚାରୀ ଥାଏ, ଯଦିଓ ଏହାର ପ୍ରଭାବଶାଳୀ କାର୍ଯ୍ୟକ୍ଷମ ସଂଖ୍ୟା ପ୍ରାୟ ୭୦-୭୨ ଜଣ କର୍ମଚାରୀ । ଦିଲ୍ଲୀର କିଛି ସ୍ଥାନରେ ଅକ୍ଟୋବର ୯ ତାରିଖରେ ବିଜେପି ବିରୋଧ ପ୍ରଦର୍ଶନ କରିଥିଲା, ଯେଉଁଥିରେ ପ୍ରଦର୍ଶନକାରୀମାନେ ଏସ୍ଆଇଆରରେ ଅନିୟମିତତା ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ ।

ରେହାନ୍ ଭଦ୍ରା ପ୍ରସଙ୍ଗ: ବିଜେପିର ଦାବି କଂଗ୍ରେସରେ ରାହୁଲ ବନାମ ପ୍ରିୟଙ୍କା ଗାନ୍ଧୀ ଲଢ଼େଇ ଚାଲିଛି

ନୂଆଦିଲ୍ଲୀ, ୨୩/୧୦(ନ୍ୟୁ.ଏ): ଶାସକ ବିଜେପି ଦାବି କରିଛି ଯେ, ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଭିତରେ ସବୁକିଛି ଠିକ୍ ନାହିଁ ଓ ଦଳ ଦୁଇ ଭାଗ ହୋଇଗଲାଣି । ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଶୁକ୍ରବାର 'ଏକ୍ସ'ରେ ପୋଷ୍ଟ କରି ଦାବି କରିଛନ୍ତି ଯେ, କଂଗ୍ରେସ ଦଳ ଭିତରେ ଭାଇ ବନାମ ଭଉଣୀ ଲଢ଼େଇ ଚାଲିଛି । ଅନ୍ୟ ଶବ୍ଦରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ମଧ୍ୟରେ ଲଢ଼େଇ ଚାଲିଛି । ବିକାନେର ହାଉସ୍ ପ୍ରଦର୍ଶନୀରୁ ରେହାନ ଭଦ୍ରାଙ୍କ ଫଟୋ ହଟାଇବା ବିବାଦ ଉପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିରବତା ଉପରେ ବିଜେପି ମୁଖପାତ୍ର ଏହି ଦାବି କରିଛନ୍ତି । ପ୍ରଦୀପ ଭଣ୍ଡାରୀ ପ୍ରଶ୍ନ କରିଛନ୍ତି ଯେ, ପ୍ରିୟଙ୍କା ତାଙ୍କ ଭାଇଙ୍କ ଉପରେ ବିଶ୍ୱାସ ହରାଇଛନ୍ତି କି ? ସେ ଅଭିଯୋଗ କରିଛନ୍ତି ଯେ, ପ୍ରିୟଙ୍କା ଏକ ବିବାଦ ସୃଷ୍ଟି କରି ତାଙ୍କ ପୁଅ ରେହାନଙ୍କୁ 'ସଫ୍ଟ-ଲଂଚ' କରିବାକୁ ଚେଷ୍ଟା କରୁଛନ୍ତି । ରହିବାଇଠାରୁ ବ୍ୟକ୍ତିଗତ ଗସ୍ତରେ ଭିଏତନାମ ଯାଇଥିବା ରାହୁଲ ଗାନ୍ଧୀ ଏପର୍ଯ୍ୟନ୍ତ ଏହି ବିବାଦ ଉପରେ ମୁହଁ ଖୋଲିନାହାନ୍ତି । ବିଜେପି ମୁଖପାତ୍ରମାନେ ଏହାକୁ ଗାନ୍ଧୀ ଭାଇଭଉଣୀଙ୍କ ମଧ୍ୟରେ ଫାଟର ପ୍ରମାଣ ଭାବରେ ଉପସ୍ଥାପନ କରିଛନ୍ତି । କିଛି ଦିନ ପୂର୍ବରୁ, ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ମିଳିତ ଭାବରେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଜୋରଦାର ପ୍ରତିବାଦ କରିଥିଲେ ଓ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର)ରେ ଅନିୟମିତତାର ଅଭିଯୋଗ ଉଠାଇଥିଲେ । ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ରବର୍ଟ ଭଦ୍ରାଙ୍କ ପୁଅ ରେହାନ ଭଦ୍ରାଙ୍କ ଫଟୋ ପ୍ରଦର୍ଶନୀ ନୂଆଦିଲ୍ଲୀର ବିକାନେର ହାଉସରେ ଗୁରୁବାର ଆରମ୍ଭ ହୋଇଥିଲା । ଦିନକ ପୂର୍ବରୁ ବୁଧବାର ରେହାନ ଅଭିଯୋଗ କରିଥିଲେ ଯେ, ବିକାନେର ହାଉସ ମ୍ୟାନେଜମେଂଟ ପ୍ରଦର୍ଶନୀରୁ ତାଙ୍କର ୧୦୫ ଫଟୋ ମଧ୍ୟରୁ ୭୪ଟି ଫଟୋ ହଟାଇ ଦେଇଛି । ହଟାଯାଇଥିବା ଫଟୋଗୁଡ଼ିକ ମଧ୍ୟରୁ ଅଧିକାଂଶ ଦିଲ୍ଲୀରେ ସମ୍ପ୍ରତି ଛାତ୍ର ପ୍ରତିବାଦ ସହିତ ଜଡିତ ଥିଲା । ଏହି ଘଟଣା ବିବାଦ ସୃଷ୍ଟି କରିଥିଲା ।

ଭାରତ ଅନ୍ତର୍ଜାତୀୟ ଚାଉଳ ସମ୍ମିଳନୀ-୨୦୨୬ରେ ଓରମାସର ଅଂଶଗ୍ରହଣ

ନୂଆଦିଲ୍ଲୀ, ୨୩/୧୦ : ଓଡ଼ିଶାର ପାରମ୍ପରିକ ଚାଉଳର ବିବିଧତା ଓ ସମୃଦ୍ଧ କୃଷି ଐତିହ୍ୟକୁ ବିଶ୍ୱସ୍ତରରେ ପରିଚିତ କରାଇବା ଲକ୍ଷ୍ୟରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅକ୍ଟୋବର ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ଆୟୋଜିତ ଭାରତ ଅନ୍ତର୍ଜାତୀୟ ଚାଉଳ ସମ୍ମିଳନୀ (ଭଉଚଉ) ୨୦୨୬ରେ ଓଡ଼ିଶାର ୮ଟି ଜିଲ୍ଲାର ୧୫ ପ୍ରକାର ଧାନ ଓ ଚାଉଳ ଉତ୍ପାଦ ପ୍ରଦର୍ଶିତ ହେଉଛି । ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି (ଓରମାସ୍) ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଏହାର ଲକ୍ଷ୍ୟ ହେଉଛି ଓଡ଼ିଶାର ଏହି ସ୍ୱତନ୍ତ୍ର ଉତ୍ପାଦକୁ ବଡ଼ ବଜାରରେ ପହଂଚାଇବା ସହ ଗ୍ରାମାଂଚଳର ଲୋକଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବା । ଏହି ପଦକ୍ଷେପ ପାରମ୍ପରିକ କୃଷିଜ୍ଞାନର ସଂରକ୍ଷଣ ସହ ଓଡ଼ିଶାର କୃଷି ଐତିହ୍ୟକୁ ସମୃଦ୍ଧ କରିଆସୁଥିବା ଚାଷୀ ସମୁଦାୟଙ୍କ ଅବଦାନକୁ ମଧ୍ୟ ସ୍ୱୀକୃତି ଦେଉଛି । ଏଥିରେ ୮୫ଟି ଗୋଷ୍ଠୀଗତିକ ସଂଗଠନ (ଇଇଡ)ର ୩,୬୯୫ ଜଣ ସଦସ୍ୟ ସାମିଲ ହୋଇଛନ୍ତି । ଏହା ମାଧ୍ୟମରେ ଚାଷୀମାନେ ଏକାଠି ହୋଇ ନିଜ ଅଂଚଳର ପାରମ୍ପରିକ ଚାଉଳର ପରିଚୟକୁ ବଂଚାଇ ରଖିବା ସହ ଏହାକୁ ନୂଆ ବଜାରରେ ପହଂଚାଇବାର ସୁଯୋଗ ପାଉଛନ୍ତି । ପ୍ରଦର୍ଶିତ ଚାଉଳ ଉତ୍ପାଦଗୁଡ଼ିକ ମଧ୍ୟରେ ପୁରୀର ସାରଳା, ସୋନା ମସୁରୀ, ପୂଜା ଓ ସମ୍ରାଟ; କେନ୍ଦ୍ରାପଡ଼ାର ଲୀଳାବତୀ ସୁଗନ୍ଧିତ ଚାଉଳ; କୋରାପୁଟର ଜିଆଇ ଟ୍ୟାଗ୍ପ୍ରାପ୍ତ କଳାଜୀରା; ମୟୂରଭଞ୍ଜର ମୁଗେଇ, ସଲାଫୁଲା ଓ କଳାଚମ୍ପା; ବରଗଡ଼ର ବ୍ଲାକ ରାଇସ (ଜାସ୍ମିନ୍) ଚାଉଳ; ଗଞ୍ଜାମର ଖଣିପକା ଓ ବ୍ଲାକ ରାଇସ (ଲାବଣୀ); ସୁନ୍ଦରଗଡ଼ର କନ୍ଦେରାଙ୍ଗାଳ ଓ ମାଛକଂଟା ଏବଂ ଜଗତସିଂହପୁରର ଲୋ-ଜିଆଇ ଚାଉଳ ଅନ୍ତର୍ଭୁକ୍ତ । ଏହି ସମ୍ମିଳନୀ ଓଡ଼ିଶାର ସ୍ୱତନ୍ତ୍ର ଚାଉଳ କିସମକୁ ବିଶ୍ୱସ୍ତରରେ ପରିଚିତ କରାଇବାର ସୁଯୋଗ ଦେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକଟ କରି କହିଛନ୍ତି, "ଏହି ମଂଚ ଓଡ଼ିଶାର ସ୍ୱତନ୍ତ୍ର ଚାଉଳ କିସମକୁ ବିଶ୍ୱବାସୀଙ୍କ ନିକଟରେ ପହଂଚାଇବ । ଆମର ପାରମ୍ପରିକ ଚାଉଳରେ ପିଢ଼ି ପରେ ପିଢ଼ି ଧରି ଚାଷୀମାନେ ହାସଲ କରିଥିବା ଜ୍ଞାନ, ଆମ ଅଂଚଳର ପରିଚୟ ଓ ପ୍ରକୃତିର ବିବିଧତା ରହିଛି । ଏହି ସମୃଦ୍ଧ ଐତିହ୍ୟ ମାଧ୍ୟମରେ ଅଧିକ ବଜାର ସୁଯୋଗ ସୃଷ୍ଟି କରିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ ।" ଏହି ଅଂଶଗ୍ରହଣ କେବଳ ଚାଉଳର ପ୍ରଦର୍ଶନରେ ସୀମିତ ନୁହେଁ । ଚାଷୀ ଓ ଉତ୍ପାଦକ ଗୋଷ୍ଠୀଙ୍କୁ ବ୍ୟବସାୟୀ, ଖୁଚୁରା ବିକ୍ରେତା, ଚାଉଳ ପ୍ରୋସେସିଂ ସଂସ୍ଥା, ହୋଟେଲ, ରେସ୍ତୋରାଁ ଓ ବିଭିନ୍ନ ଅନୁଷ୍ଠାନର କ୍ରେତାଙ୍କ ସହ ଯୋଡ଼ିବା ଏହାର ଅନ୍ୟତମ ଉଦ୍ଦେଶ୍ୟ । ଓରମାସ୍ ପକ୍ଷରୁ ଆକର୍ଷଣୀୟ ପ୍ୟାକେଜ୍ରେ ଉତ୍ପାଦ ବିକ୍ରି, ନମୁନା ପ୍ରଦର୍ଶନ, ଯୋଗାଣ ଓ ବିତରଣ ବ୍ୟବସ୍ଥା ଏବଂ ବିଭିନ୍ନ ବ୍ୟବସାୟିକ ସଂସ୍ଥା ସହ ଭାଗୀଦାରି ପାଇଁ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି । ଓରମାସ୍ ମାଧ୍ୟମରେ ଗ୍ରାମୀଣ ଉତ୍ପାଦକଙ୍କୁ ବଜାର ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇ ମାନ୍ୟବର ଗ୍ରାମୀଣ ବିକାଶ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ।

ଅରୁଣାଚଳ ସୀମାରେ ଭାରତ-ଚାଇନା ସୈନ୍ୟଙ୍କ ମଧ୍ୟରେ ଜାରି ରହିଛି ମୁହାଁମୁହିଁ ସ୍ଥିତି

ନୂଆଦିଲ୍ଲୀ, ୨୩/୧୦(ନ୍ୟୁ.ଏ): ସାମ୍ନା ଆସିଛି ବଡ଼ ଖବର । ଜୁଲାଇ ମାସରୁ ଅରୁଣାଚଳ ପ୍ରଦେଶର ସୀମାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଜାରି ରହିଛି ଉତେଜନା । ସୀମାର ବିଭିନ୍ନ ସ୍ଥାନରେ ଏବେ ବି ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଛି । ଏକଥା ଖୋଦ ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ୍(ଆଇଟିବିପି)ର ମହାନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି । ଅରୁଣାଚଳର ଉତର-ପୂର୍ବ ସୀମାରେ ଭାରତ-ଚାଇନା ମଧ୍ୟରେ ଉତେଜନା ଲାଗି ରହିଥିବା ପ୍ରଥମଥର ପାଇଁ ସରକାରୀ ସ୍ତରରେ ନିଶ୍ଚିତ କରାଯାଇଛି । ସୀମାରେ ବେଶ କିଛି ମାସ ହେଲା ଉତେଜନା ବଢ଼ୁଥିବା ରିପୋର୍ଟ ପ୍ରକାଶ ପାଇଥିଲେ ହେଁ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗିବା ଖବର ପ୍ରଥମର ସାମ୍ନାକୁ ଆସିଛି । ଜୁଲାଇ ମାସରେ ହିଁ ତାକସିଙ୍ଗ ଅଂଚଳର ଏଲଏସିରେ ଥିବା ପ୍ରମୁଖ ସ୍ଥାନଗୁଡ଼ିକରେ ଭାରତକୁ ପ୍ୟାଟ୍ରୋଲିଂ ପାଇଁ ଚାଇନିଜ ଟ୍ରୁପ୍ସ ଅନୁମତି ଦେଉ ନଥିବା ରିପୋର୍ଟ ପ୍ରକାଶ ପାଇଥିଲା । ଆଉ ଜୁଲାଇ ମାସରୁ ହିଁ ଦୁଇ ଦେଶ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବା ଏବେ ଆଇଟିବିପିର ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର କହିଛନ୍ତି । ସେ କହିଛନ୍ତି, "କିଛି ଦିନ ହେଲା ଏମିତି ଏକ ସ୍ଥିତି ସୃଷ୍ଟି ହୋଇଥିଲା ଯେଉଁଥି ପାଇଁ ଅରୁଣାଚଳର ବିଭିନ୍ନ ସ୍ଥାନରେ ଗୋଟିଏ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି । ଏବେ ମଧ୍ୟ ଏଭଳି ସ୍ଥିତି ଲାଗି ରହିଛି ।" ଏହାର ଅର୍ଥ ସେପ୍ଟେମ୍ବର ମାସରେ ଚାଇନିଜ ରାଷ୍ଟ୍ରପତି ସି ଜିନପିଙ୍ଗ ବ୍ରିକ୍ସ ଶିଖର ସମ୍ମିଳନୀ ଯୋଗାଦେବାକୁ ଭାରତ ଆସିଥିଲେ ହେଁ ସୀମାରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିଲା । ଆଇଟିବିପି ମୁଖ୍ୟଙ୍କ କହିବା କଥା ଯେ ଶୌର୍ଯ୍ୟ କମାଣ୍ଡୋମାନେ ମୁହାଁମୁହିଁ ସ୍ଥିତିର ମୁକାବିଲା ବେଶ ଚମତ୍କାର ଢଙ୍ଗରେ ମୁକାବିଲା କରିଛନ୍ତି । ସେ କହିଛନ୍ତି, "ନୂଆ କରି ଗଠନ ହୋଇଥିବା ଶୌର୍ଯ୍ୟ କମାଣ୍ଡୋମାନେ ଏହି ଉତେଜନା ସମୟରେ ଅତ୍ୟନ୍ତ ଚମତ୍କାର ଭୂମିକା ଗ୍ରହଣ କରିଛନ୍ତି ।" ଶୌର୍ଯ୍ୟ କମାଣ୍ଡୋମାନେ ଉଚ୍ଚ ସ୍ଥାନରେ ଯୁଦ୍ଧ କୌଶଳରେ ବେଶ ପାରଙ୍ଗମ । ତେଣୁ ଚାଇନିଜ ସୈନ୍ୟଙ୍କୁ ସେମାନେ ସୀମାରେ କଡ଼ା ଟକ୍କର ଦେଇଥିବା କପୁର କହିଛନ୍ତି । ୧୯୬୨ରେ ଚାଇନାକୁ ଲାଗି ରହିଥିବା ୩,୪୮୮ କିମି ଲମ୍ବା ବାସ୍ତବ ନିୟନ୍ତ୍ରଣ ରେଖା ବା ଏଲଏସିର ସୁରକ୍ଷା ପାଇଁ ଆଇଟିବିପି ଗଠନ ହୋଇଥିଲା । ଏବେ ଆଇଟିପିବି ସୀମାରେ ଚାଇନାର ମୁକାବିଲା କରୁଛି । କପୁର କହିଛନ୍ତି, "ଆଇଟିପିବି ଗୋଟିଏ ପାହାଡ଼ ଗରିଲା ଫୋର୍ସ ଭାବେ ଗଠନ ହୋଇଥିଲା । ୨୦୦୪ରେ ଆମକୁ ଚାଇନା ସହ ଲାଗିଥିବା ସୀମାର ସୁରକ୍ଷା ଦାୟିତ୍ୱ ମିଳିଥିଲେ । ଆମକୁ ଆମର ପ୍ରକୃତ କାର୍ଯ୍ୟକୁ କେବେ ହେଲେ ଭୁଲି ଯିବା ନାହିଁ ।" ଚାଇନା ସବୁଠାରୁ ଚ୍ୟାଲେଞ୍ଜିଂ ଫ୍ରଂଟ ବୋଲି ସ୍ୱୀକାର କରି ଆଇଟିବିପି ଡିଜି କପୁର କହିଛନ୍ତି ଯେ ଫୋର୍ସ ପକ୍ଷରୁ ନିଜର ସମସ୍ତ ବର୍ଡ ୟୁନିଟ ପାଇଁ ଡ୍ରୋନ ପ୍ଲାଟୁନ୍ ଗଠନ କରାଯାଇଛି । ଗଲୱାନ ଭଳି ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବେ ଯୁଦ୍ଧ କୌଶଳର ତାଲିମ ଦିଆଯାଉଛି । ସବୁ ସ୍ଥିତିର ମୁକାବିଲା ପାଇଁ ଅଣ୍ଡରଗ୍ରାଉଣ୍ଡ ଭିତିଭୂମି ମଧ୍ୟ ନିର୍ମାଣ କରାଯାଇଥିବା ସେ କହିଛନ୍ତି । ବେଶ କିଛି ମାସ ହେବ ଅରୁଣାଚଳ ପ୍ରଦେଶ ସୀମାନ୍ତରେ ଉତେଜନା ଲାଗି ରହିଛି । ଜୁଲାଇ ମାସରେ ପିପୁଲ୍ସ ପାର୍ଟି ଅଫ ଅରୁଣାଚଳ ପ୍ରଦେଶର ଗୋଟିଏ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଯାଂଚ ପରେ କହିଥିଲେ ଯେ ପିଏଲଏ ଟ୍ରୁପ୍ସ ତାକସିଙ୍ଗରେ ଭାରତର ପ୍ୟାଟ୍ରୋଲିଂକୁ ବିଭିନ୍ନ ସ୍ଥାନରେ ଅବରୋଧ କରିଛି । ଅପର ସୁବାନସିରି ଜିଲ୍ଲାରେ ଚାଇନିଜ କାର୍ଯ୍ୟକଳାପ ପୂର୍ବାପେକ୍ଷା ବୃଦ୍ଧି ପାଇଥିବା ମଧ୍ୟ ଦଳ କହିଥିଲେ । ହେଲେ ସରକାର ଏହାକୁ ଗ୍ରହଣ କରି ନଥିଲେ । ସରକାର ଅରୁଣାଚଳକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ କହି ସବୁ ତଥ୍ୟକୁ ଫାଙ୍କି ଦେଇଥିଲେ । କିନ୍ତୁ ଏବେ ଆଇଟିବିପି ଡିଜି ସରକାରଙ୍କ ସବୁ ମିଛକୁ ଧରା ପକାଇ ଦେଇଛନ୍ତି । ଏହି ଦାବିକୁ କଂଗ୍ରେସ ପ୍ରସଙ୍ଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଜବାବ ମାଗିଛି । ପ୍ରଧାନମନ୍ତ୍ରୀ ମୋଦି ଅରୁଣାଚଳ ପ୍ରଦେଶ ପ୍ରସଙ୍ଗରେ କାହିଁକି ନୀରବ ବୋଲି ମଧ୍ୟ କଂଗ୍ରେସ ପ୍ରଶ୍ନ କରିଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das